# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୪/୨୦୨୦ (୧୨ ପୃଷ୍ଠା) | Bhubaneswar, Monday, December 14/2020 | ★★★★★★

୪୭ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅଙ୍କିତାଙ୍କୁ ଟାଇଟଲ**

ଭାରତୀୟ ଟପ୍ ଟେନିସ ଖେଳାଳି ଅଙ୍କିତା ରାଇନା ଚଳିତ ସିଜନରେ ତାଙ୍କର ତୃତୀୟ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ୯

୧୦ **ବେଳାଭୂମି ମାୟାରେ ଜାହ୍ନବୀ**

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ସମୁଦ୍ର କୂଳରେ ବସି ଲହଡ଼ିକୁ ଉପଭୋଗ କରୁଥିବା ନଜରକୁ ଆସିଛନ୍ତି।



# ପହିଲାରୁ ନୂଆ ଚେକ୍ ପେମେଣ୍ଟ ନିୟମ

**ନୂଆଦିଲ୍ଲୀ,୧୩।୧୨**

୨୦୨୧ ଜାନୁୟାରୀ ପହିଲାରୁ ନୂଆ ଚେକ୍ ପେମେଣ୍ଟ ନିୟମ ଲାଗୁ ହେବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କିଛି ମାସ ହେବ 'ପଜିଟିଭ ପେ ସିଷ୍ଟମ' ଲାଗୁ କରିଛି। ଉଲ୍ଲେଖଯୋଗ୍ୟ ଯେ, ନୂତନ ନିୟମ ଅନୁସାରେ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପେମେଣ୍ଟ ଉପରେ କେତେକ ବିବରଣୀକୁ ପୁଣି ଥରେ ସ୍ପଷ୍ଟ କରିବାକୁ ହେବ। ନେଣଦେଣ କ୍ଷେତ୍ରରେ ହେଉଥିବା ବିଭିନ୍ନ ଜାଲ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଲାଗି ଏହା ବିକଶିତ କରାଯାଇଛି। ଏହା ଦ୍ୱାରା କ୍ଲିୟରିଂ ପାଇଁ ଆସୁଥିବା ଚେକ୍‌ର ନିର୍ଦ୍ଦିଷ୍ଟ ସୂଚନାକୁ ମିଳାଇବା ସହ ଯାଞ୍ଚ କରିବାରେ ସୁବିଧା ହୋଇପାରିବ। ବଡ ମୂଲ୍ୟର ଚେକ୍ ଲାଗି ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ପୁଣି ଥରେ ନିଶ୍ଚିତ କରାଇବାକୁ ହେବ। ଜାଲିଆତିକୁ ଧରିବା ଲାଗି ଏଭଳି ଏକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାନୀତି କମିଟି ବୈଠକ ପରେ କହିଥିଲେ।

ଏହି ପ୍ରକ୍ରିୟାରେ ବ୍ୟକ୍ତି ଇଲେକଟ୍ରୋନିକ୍ ଉପାୟରେ ଚେକ୍ ଦାଖଲ କରିଥାନ୍ତି। ଏସ୍‌ଏମ୍‌ଏସ୍, ମୋବାଇଲ ଆପ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ଏଟିଏମ୍ ଭଳି ଚ୍ୟାନେଲ୍ ବ୍ୟବହାର କରି ଆବଶ୍ୟକ ତଥ୍ୟ ଯଥା ଚେକ୍ ନମ୍ବର, ତାରିଖ, ପ୍ରଦାନ କରିଥିବା ବ୍ୟକ୍ତି ବିଶେଷଙ୍କ ନାମ, ଆକାଉଣ୍ଟ ନମ୍ବର, ଉଲ୍ଲେଖ ହୋଇଥିବା ଅର୍ଥ ପରିମାଣ ଏବଂ ଅନ୍ୟ ସୂଚନା ଦେବାକୁ ପଡେ। ସିଟିଏସ୍ ବ୍ୟବସ୍ଥା ଦ୍ୱାରା ତଥ୍ୟ ଠିକ୍ ରହିଛି କି ନାହିଁ ଯାଞ୍ଚ କରାଯାଇଥାଏ। ଚେକ୍ ଦେଇଥିବା ବ୍ୟାଙ୍କ ଏବଂ ଚେକ୍ ଗ୍ରହଣ କରିଥିବା ବ୍ୟାଙ୍କ ମଧ୍ୟରେ ଯଦି କୌଣସି ଅସଙ୍ଗତି ରହିଥାଏ, ତେବେ ସିଟିଏସ୍ ☞ପୃଷ୍ଠା-୪

# ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚରେ ଓଡ଼ିଶା ପଛରେ

**ଖଣି ଖନନ ଜନିତ ପ୍ରଦୂଷଣରେ ପେଷି ହୋଇଯାଉଛନ୍ତି ସ୍ଥାନୀୟ ବାସିନ୍ଦା। ଧ୍ୱଂସପାଉଛି ସେଠାକାର ଜୈବ ବିବିଧତା। ଏହାର ସଂରକ୍ଷଣ ସାଙ୍ଗକୁ ଖଣିଜ ଅଞ୍ଚଳର ଲୋକଙ୍କ ଜୀବନମାନରେ ଉନ୍ନତି ଲାଗି ଗଠିତ ହୋଇଛି ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠି। କେବଳ ସେତିକି ନୁହେଁ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ପରିଷଦ (ଓଏମ୍‌ବିଏଡିସି) ପାଣ୍ଠିର ବ୍ୟବସ୍ଥା କରାଯାଇଛି। ଉଭୟ ପାଣ୍ଠିରେ ଗଚ୍ଛିତ ରହିଛି ବିପୁଳ ପରିମାଣ ଟଙ୍କା। ହେଲେ ସେସବୁ ପ୍ରଭାବିତ ଲୋକ ଓ ଅଞ୍ଚଳର କଲ୍ୟାଣରେ ଲଗାଯାଇପାରୁନାହିଁ। ପ୍ରଶାସନିକ ଅପାରଗତା ଯୋଗୁ ଜନସାଧାରଣଙ୍କୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଉପରୋକ୍ତ ପାଣ୍ଠି ଖର୍ଚ୍ଚକୁ ଦେଖିଲେ ମନେହେଉଛି ଯେଭଳି ସରକାରୀ କଳ ରୋଗକୁ ଅପେକ୍ଷା କରିଛି, ଯେଉଁଥିରେ କି ଲୋକେ ପୀଡ଼ିତ ହୋଇ ପ୍ରାଣ ହରାଇଦେଉଛନ୍ତି।**



**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ରାଜ୍ୟର ଖଣିଗୁଡ଼ିକରୁ ଡିଏମ୍‌ଏଫ୍ ପାଣ୍ଠିକୁ ବହୁ କୋଟି ଟଙ୍କା ଆସୁଛି। ସେହି ଅର୍ଥକୁ ରାଜ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଭିତ୍ତିଭୂମି ବିକାଶ ପାଇଁ ମଞ୍ଜୁର କରାଯାଉଛି। କିନ୍ତୁ ତାହାର ୫୦% ମଧ୍ୟ ଖର୍ଚ୍ଚ ହୋଇପାରୁନାହିଁ। ସେହିଭଳି ଖଣି ଅଞ୍ଚଳର ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଡିଏମ୍‌ଏଫ୍ ପାଣ୍ଠି ଅର୍ଥ ଖର୍ଚ୍ଚ ହେବାପାଇଁ ନିୟମ ରହିଥିବାବେଳେ ଏହା ଅନ୍ୟ ସ୍ଥାନରେ ଖର୍ଚ୍ଚ ହେଉଥିବା ଅଭିଯୋଗ ହୋଇଆସୁଛି। ଏପରି କି ଗତ ବିଧାନସଭା ଶୀତ ଅଧିବେଶନରେ ବିରୋଧୀ ଦଳ ପକ୍ଷରୁ ଡିଏମ୍‌ଏଫ୍ ଏବଂ ଓଏମ୍‌ବିଏଡିସି ପାଣ୍ଠି ଅର୍ଥକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଉଥିବା ନେଇ ଅଭିଯୋଗ ଉଠିଥିଲା। ସେହିଭଳି ପାଣ୍ଠି ଖର୍ଚ୍ଚ ପାଇଁ ଟ୍ରଷ୍ଟ ବୋର୍ଡ ଗଠନ ନ କରି କୋଟିକୋଟି ଟଙ୍କା କେମିତି ଏବଂ କେଉଁ ଆଧାରରେ ଖର୍ଚ୍ଚ କରାଯାଉଛି ସେନେଇ ବିରୋଧୀ ପ୍ରଶ୍ନ କରିଥିଲେ। ବାରମ୍ବାର ତାଗିଦ୍ ପରେ ବି ଜିଲାପାଳମାନେ ପାଣ୍ଠି ବିନିଯୋଗ ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରୁଥିବା ଦେଖାଯାଉଛି।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଡିଏମ୍‌ଏଫ୍ ପାଣ୍ଠିକୁ ଗତ ଅକ୍ଟୋବର ଶେଷ ସୁଦ୍ଧା ୧୧,୩୨୬.୫୭ କୋଟି ଟଙ୍କା ଆସିଛି। ତେବେ ସେଥିରୁ ରାଜ୍ୟ ସରକାର ମାତ୍ର ୪,୭୦୪.୫୦ କୋଟି ଟଙ୍କା ବ୍ୟୟ କରିଛନ୍ତି। ଅର୍ଥାତ୍ ଡିଏମ୍‌ଏଫ୍‌କୁ ଆସିଥିବା ମୋଟ ଅର୍ଥରୁ ମାତ୍ର ୪୧% ସରକାର ବିଭିନ୍ନ ପ୍ରକଳ୍ପ ବାବଦରେ ବ୍ୟୟ କରିଛନ୍ତି। ବଳକା ୫୯% ଅର୍ଥ ଖର୍ଚ୍ଚ ନହୋଇ ପଡ଼ିରହିଛି। ଖଣି ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ଜିଲାଗୁଡ଼ିକର ଖଣି ଅଞ୍ଚଳ ଅନ୍ତର୍ଗତ ୧୦କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଡିଏମ୍‌ଏଫ୍‌ରୁ ଅର୍ଥ ବ୍ୟୟ ହୋଇଛି। ସେଗୁଡ଼ିକ ମଧ୍ୟରେ କଳାହାଣ୍ଡି ଓ ମାଲକାନଗିରି ଜିଲାରେ ☞ପୃଷ୍ଠା-୪

## ତେଜିଲା କୃଷକ ଆନ୍ଦୋଳନ

# ଆଜି ଅନଶନ

**ନୂଆଦିଲ୍ଲୀ, ୧୩।୧୨(ପି.ଟି.)**

- **ସବୁ ଜିଲାରେ ଧାରଣା ଦେବେ ଚାଷୀ**
- **ଅନଶନରେ ସାମିଲ ହେବେ କେଜ୍‌ରିୱାଲ**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ଦେଶରେ ଅଭୂତପୂର୍ବ ଅଚଳାବସ୍ଥା ସୃଷ୍ଟି କରିଛି। ଏହି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ୧୮ ଦିନ ବିତିଲାଣି। ହେଲେ ସରକାର ପଛଘୁଞ୍ଚା ଦେବାକୁ ନାରାଜ। ସେପଟେ ହକ୍ ଓ ଅଧିକାର ପାଇଁ ଲଢ଼େଇ କରୁଥିବା ଅନ୍ନଦାତା ବି ନିଜ ଜିଦ୍‌ରେ ଅଟଳ। ନୂଆ କୃଷି ଆଇନ କୃଷକଙ୍କ ସ୍ୱାର୍ଥର ପରିପନ୍ଥୀ ଓ ପୁଞ୍ଜିପତିଙ୍କୁ ସମୃଦ୍ଧ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ଏହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଖାଦ୍ୟଶସ୍ୟର ଏମ୍‌ଏସ୍‌ପି ସୁନିଶ୍ଚିତ କରିବା ସକାଶେ ଆଇନ ପ୍ରଣୟନ ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ସେମାନେ ଅଡ଼ିବସିଛନ୍ତି। ଏହାସହ କେନ୍ଦ୍ର ଉପରେ ଅଧିକ ଚାପ ସୃଷ୍ଟି ପାଇଁ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସୋମବାର କୃଷକ ନେତାମାନେ ଦିନିକିଆ ଅନଶନରେ ବସୁଛନ୍ତି। ଏହି ଆନ୍ଦୋଳନକୁ ଦିଲ୍ଲୀର ଶାସକ ଏଏପି ସମେତ ଦେଶର ଦୁଇ ଡଜନରୁ ଉର୍ଦ୍ଧ୍ୱ ଦଳର ସମର୍ଥନ ମିଳିଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ କୃଷକଙ୍କ ସମର୍ଥନରେ ବାହାରି ଅନଶନରେ ବସିବାକୁ ଯାଉଛନ୍ତି।

ସୋମବାର ଆନ୍ଦୋଳନରତ ସମସ୍ତ ଚାଷୀ ସଂଗଠନର ନେତା ☞ପୃଷ୍ଠା-୪




କୃଷି ଆଇନ ପ୍ରତ୍ୟାହାର ଦାବିରେ କଟକ ଶିଖରପୁରସ୍ଥିତ ଗୁରୁଦ୍ୱାରା ସମ୍ମୁଖରେ ଗୁରୁ ନାନକ ଦାତନ ସାହିବ କମିଟି ପକ୍ଷରୁ ରବିବାର ବିକ୍ଷୋଭ କରାଯାଉଛି।

## ଆଜିଠାରୁ ୨୪ଘଣ୍ଟିଆ ଆର୍‌ଟିଜିଏସ୍ ସେବା

**ନୂଆଦିଲ୍ଲୀ,୧୩।୧୨**

ଚଳିତ ମାସ ୧୪ ତାରିଖ(ସୋମବାର)ରୁ ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍) ସେବା ୨୪ ଘଣ୍ଟିଆ ହେବ। ଡିଜିଟାଲ ପେମେଣ୍ଟକୁ ଉତ୍ସାହିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ଏଭଳି ସୁବିଧା ସମ୍ପର୍କରେ ଘୋଷଣା କରିଛି। ରବିବାର ରାତି ୧୨.୩୦ରୁ ଆର୍‌ଟିଜିଏସ୍‌କୁ ୨୪ ଘଣ୍ଟିଆ କରିବା ଦିଗରେ ପଦକ୍ଷେପ ନିଆଯାଇଥିବା ଗଭର୍ନର ଶକ୍ତିକାନ୍ତ ଦାସ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ଆର୍‌ଟିଜିଏସ୍ ସୁବିଧା ସକାଳ ୭ରୁ ସନ୍ଧ୍ୟା ୬ ଯାଏ ଉପଲବ୍ଧ ହେଉଛି। ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ବାଦ୍ ବ୍ୟାଙ୍କର କାର୍ଯ୍ୟ ଦିବସଗୁଡିକରେ ଏହା ସବୁଦିନ ମିଳୁଛି। ସୂଚନାଯୋଗ୍ୟ, ଏନ୍‌ଇଏଫ୍‌ଟି ସୁବିଧାକୁ ୨୦୧୯ ଡିସେମ୍ବରଠାରୁ ୨୪ଘଣ୍ଟିଆ କରାଯାଇଛି। ଆର୍‌ଟିଜିଏସ୍‌କୁ ୨୪ ଘଣ୍ଟିଆ କରିବା କ୍ଷେତ୍ରରେ ଭାରତ କିଛି ହାତଗଣତି ଦେଶ ମଧ୍ୟରେ ସାମିଲ ହୋଇଥିବା ଶକ୍ତିକାନ୍ତ କହିଛନ୍ତି। ବର୍ତ୍ତମାନ ଏନ୍‌ଇଏଫ୍‌ଟିରେ ୨ ଲକ୍ଷ ଟଙ୍କା ଯାଏ ପଠାଇ ହେଉଛି। ବଡ ମୂଲ୍ୟର ଅର୍ଥ ପ୍ରେରଣ ଲାଗି ଆର୍‌ଟିଜିଏସ୍‌କୁ ବ୍ୟବହାର କରାଯାଇପାରିବ। ୨୦୦୪ ମାର୍ଚ୍ଚ ୨୬ରେ ଆର୍‌ଟିଜିଏସ୍ ☞ପୃଷ୍ଠା-୪

# ଏଥର ଧନୁଯାତ୍ରା ବନ୍ଦ

**ବରଗଡ଼ ଅଫିସ,୧୩।୧୨**

**ପୂର୍ବରୁ ଥରେ ବନ୍ଦ ହୋଇଥିଲା**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚଭାବେ ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଶ ତଥା ବିଦେଶରେ ପରିଚିତ। ଆଉ ମାତ୍ର ଏକମାସ ଓ ଏକ ସପ୍ତାହ ପରେ ଏହି ମହୋତ୍ସବ ୭୨ବର୍ଷରେ ପଦାର୍ପଣ କରିଥାନ୍ତା। ୨୦୨୧ ଜାନୁୟାରୀ ୧୮ରୁ ୨୮ତାରିଖ ପର୍ଯ୍ୟନ୍ତ ଖୋଲାମଞ୍ଚରେ ମହୋତ୍ସବ ଚାଲିଥାନ୍ତା। ମାତ୍ର କରୋନା କଟକଣା ଯୋଗୁ ସେହିସବୁ ପରିକଳ୍ପନା ଏଥର ବାଟବଣା ହୋଇ ଥିବାବେଳେ ବହୁବର୍ଷର ପରମ୍ପରା ଭାଙ୍ଗିଛି। ରବିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର କୋର୍ କମିଟି ବୈଠକରେ ଆସନ୍ତା ଧନୁଯାତ୍ରା ମହୋତ୍ସବକୁ ସମିତି ଅଧ୍ୟକ୍ଷ ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବାତିଲ୍ କରିଛନ୍ତି।

ଜିଲାପାଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ସମିତିର ବିଭିନ୍ନ କମିଟିର ଆବାହକ, ସହ ଆବାହକ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ମିଶ୍ରିତ ମତାମତ ରହିଥିଲା। ଜିଲାରେ କରୋନା ସଂକ୍ରମଣ ହାର ହ୍ରାସ ପାଇଥିଲେ ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା କମି ନ ଥିବା ଯୋଗୁ ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ ସହିତ ଏଥର ଧନୁଯାତ୍ରା ମହୋତ୍ସବ ଆୟୋଜନ ନ କରିବାକୁ ଅଧିକାଂଶ ମତ ରଖିଥିଲେ। ଏହାପରେ ଜିଲାପାଳ ପ୍ରଧାନ ଧନୁଯାତ୍ରା ମହୋତ୍ସବ ବାତିଲ୍ ଘୋଷଣା କରିଥିଲେ। ସେହିପରି ମହୋତ୍ସବ ଆୟୋଜନ କରା ନ ଗଲେ ସୁଦ୍ଧା ପୂର୍ବବର୍ଷ ଅଭିନୟ କରିଥିବା ଧନୁଯାତ୍ରା କଳାକାରଙ୍କୁ ଆଗଭଳି ପାରିଶ୍ରମିକ ପ୍ରଦାନ କରିବାକୁ କେତେଜଣ ବୈଠକରେ ପ୍ରସ୍ତାବ ଦେଇଥିଲେ। ଏ ନେଇ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ କହିଛନ୍ତି ଧନୁଯାତ୍ରା ବନ୍ଦ ହେବା ଯନ୍ତ୍ରଣାଦାୟକ। ମହୋତ୍ସବକୁ ଅନାଇ ବସିଥିବା ବହୁ କଳାକାର, ଦର୍ଶକଙ୍କୁ ଏହା ନିରାଶ କରିବ। ହେଲେ ମହାମାରୀ କରୋନା ଯୋଗୁ ବନ୍ଦ ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ।

ବରଗଡ଼ ଧନୁଯାତ୍ରା ମହୋତ୍ସବ ୧୯୬୫ରେ ଥରୁଟିଏ ବନ୍ଦ ହୋଇଥିଲା ବୋଲି ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ସୁରେଶ୍ୱର ଶତପଥୀ କହିଛନ୍ତି। ତେବେ ଏ ନେଇ କିଛି ଲିଖିତ ପ୍ରମାଣ ନ ଥିବା ସେ କହିଛନ୍ତି। ସେତେବେଳେ ଭାରତ-ପାକିସ୍ତାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସିବିଆଇ ଚୋର**

## ଜେ. ପି. ନଡ୍ଡାଙ୍କୁ କରୋନା



**ନୂଆଦିଲ୍ଲୀ, ୧୩।୧୨**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ସେ ଟୁଇଟ କରି ଜଣାଇଛନ୍ତି। କୋଭିଡ୍ ଲକ୍ଷଣ ଦେଖାଯିବାରୁ ସେ ଟେଷ୍ଟ କରାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଏବଂ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଆଇସୋଲେଶନରେ ରହିଥିବା କହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ନିଜର କରୋନା ଟେଷ୍ଟ କରାଇଦେବାକୁ ସେ ପରାମର୍ଶ ଦେଇଛନ୍ତି। ନିକଟରେ ନଡ୍ଡା ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କ୍ଷତିପୂରଣ ମାଗିଲେ ରୋହିଙ୍ଗ୍ୟା ବିଧବା

**ନୂଆଦିଲ୍ଲୀ,୧୩।୧୨**

- **ମ୍ୟାନ୍‌ମାର ମାନବାଧିକାର କମିଶନରେ ଦାଏର କଲେ ପ୍ରଥମ ପିଟିଶନ**
- **୩ ବର୍ଷ ତଳେ ସେନା କାର୍ଯ୍ୟାନୁଷ୍ଠାନରେ ତାଙ୍କ ସ୍ୱାମୀଙ୍କ ଜୀବନ ଯାଇଥିଲା**

୨୦୧୭ରେ ମ୍ୟାନ୍‌ମାରରେ ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ପ୍ରାଣ ହରାଇଥିବା ଜଣେ ମତ୍ସ୍ୟଜୀବୀଙ୍କ ବିଧବା ସ୍ତ୍ରୀ ଦେଶର ମାନବାଧିକାର କମିଶନ ନିକଟରେ ୨ ନିୟୁତ ଡଲାର କ୍ଷତିପୂରଣ ଦାବି କରି ଏକ ପିଟିଶନ ଦାଏର କରିଛନ୍ତି। ଦେଶର ସଶସ୍ତ୍ର ସେନା ପଶ୍ଚିମାଞ୍ଚଳ ରାଜ୍ୟ ରାଖାଇନ୍‌ରେ ଘଟାଇଥିବା ବହୁଚର୍ଚ୍ଚିତ ଗଣହତ୍ୟାର ୩ ବର୍ଷ ପରେ ଜଣେ ରୋହିଙ୍ଗ୍ୟାଙ୍କ ପକ୍ଷରୁ ଏହା ହେଉଛି ଏହି ଧରଣର ପ୍ରଥମ ମାମଲା।

ରାଖାଇନ୍ ରାଜ୍ୟର ଇନ୍ ଡିନ୍ ଗ୍ରାମର ବାସିନ୍ଦା ଶୋକେତ ଉଲ୍ଲା ଜଣେ ମତ୍ସ୍ୟଜୀବୀ ଥିଲେ। ୨୦୧୭ ସେପ୍ଟେମ୍ବରରେ ସେନା ପକ୍ଷରୁ ନିଆଯାଇଥିବା ନ୍ୟାୟ ☞ପୃଷ୍ଠା-୪



### ସୀମା ଲଂଘିଥିଲା ସେନା ବର୍ବରତା

ରୋହିଙ୍ଗ୍ୟାମାନେ ହେଉଛନ୍ତି ମ୍ୟାନ୍‌ମାର (ପୂର୍ବରୁ ବର୍ମା)ସ୍ଥିତ ରାଖାଇନ୍ ରାଜ୍ୟର ମୂଳ ବାସିନ୍ଦା। ୧୯୮୨ରେ ସାମରିକ ଶାସନ ବେଳେ ଅଣାଯାଇଥିବା ନାଗରିକତ୍ୱ ଆଇନ ସେମାନଙ୍କୁ ସମସ୍ତ ରାଜନୈତିକ ଅଧିକାରରୁ ବଞ୍ଚିତ କରିଥିଲା। ସେବେଠୁ ବାରମ୍ବାର ସେନା କାର୍ଯ୍ୟାନୁଷ୍ଠାନ ଯୋଗୁ ଲକ୍ଷ ଲକ୍ଷ ରୋହିଙ୍ଗ୍ୟା ନିର୍ଯାତନା ସହି ନ ପାରି ବିସ୍ଥାପିତ ହୋଇ ଅନ୍ୟତ୍ର ପଳାୟନ କରିବାକୁ ବାଧ ହୋଇଛନ୍ତି। ରାଖାଇନରେ ନାଗରିକତ୍ୱ ଦାବିରେ ଏହି ସମୁଦାୟ ବିଦ୍ରୋହ କରି ଆସୁଥିବାବେଳେ ୨୦୧୬-୧୭ରେ ଦୁଇଥର ସାମରିକ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ନାଗରିକତ୍ୱ ଓ ଅନ୍ୟ ରାଜନୈତିକ ଅଧିକାର ଦାବି କରୁଥିବା ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନମାନଙ୍କ ଉପରେ ସେତେବେଳେ ସେନାର ବର୍ବରତା ସୀମା ଲଂଘିଥିଲା। ଏଥିଯୋଗୁ ହଜାର ହଜାର ରୋହିଙ୍ଗ୍ୟା ପ୍ରାଣ ହରାଇଥିବାବେଳେ ୭ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ଜୀବନ ବଞ୍ଚାଇବା ପାଇଁ ପଡ଼ୋଶୀ ବାଂଲାଦେଶକୁ ପଳାୟନ କରିଥିଲେ। ଭାରତ ସମେତ ଥାଇଲାଣ୍ଡ, ମାଲେସିଆ ଓ ଦକ୍ଷିଣ ତଥା ଦକ୍ଷିଣପୂର୍ବ ଏସିଆର ☞ପୃଷ୍ଠା-୪

# ସିଙ୍ଗାରାମ ଜଙ୍ଗଲରେ ଗୁଳି ବିନିମୟ, ୨ ମାଓବାଦୀ ନିହତ

**ମାଲକାନଗିରି/ଚିତ୍ରକୋଣ୍ଡା, ୧୩।୧୨(ଡି.ଏନ୍.ଏ.)**

- **ଦୁଇ ବନ୍ଧୁକ ସହ ବିପୁଳ ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ**
- **ଛତ୍ରଭଙ୍ଗ ଦେଲେ ମାଓବାଦୀ, କୋମ୍ବିଂ ଜୋର୍‌ଦାର**
- **ମାଓବାଦୀଙ୍କୁ ପୁଣି ଆହ୍ୱାନ ଦେଲେ ଡିଜିପି**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାମ୍ବ ଥାନା ଅନ୍ତର୍ଗତ ଗାଜୁଲମାମୁଡ଼ି ପଞ୍ଚାୟତର ସିଙ୍ଗାରାମ ଜଙ୍ଗଲରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟି ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଛତିଶଗଡ଼ ଦନ୍ତେୱାଡା ଜିଲା ଗାଙ୍ଗୁଲୁର ଗ୍ରାମର ମଲ୍ଲେଶ ଓରଫ ସୁନୀଲ ଓରଫ ମାଲ୍ଲା (୨୯) ବୋଲି ଜଣାପଡିଛି। ଅନ୍ୟଜଣେ ମହିଳା କ୍ୟାଡରଙ୍କ ପରିଚୟ ମିଳିନାହିଁ। ଏହି ଜଙ୍ଗଲରେ ମାଓବାଦୀଙ୍କ ଏକ ମେଳି ଚାଲିଥିବା ଖବରପାଇ ଏସ୍‌ପି ହୃଷୀକେଶ ଡି. ଖିଲାରିଙ୍କ ତତ୍ତ୍ୱାବଧାନରେ ଏସ୍‌ଓଜି ଓ ଡିବିଏଫ୍‌ର ଏକ ଟିମ୍ ଶନିବାରଠାରୁ କୋମ୍ବିଂ ଅପରେଶନ ଚଳାଇଥିଲେ। ରବିବାର ଭୋର୍ ସମୟରେ ଯବାନମାନେ ମାଓବାଦୀଙ୍କ ଶିବିର ନିକଟରେ ପହଞ୍ଚିଯାଇଥିବା ଜାଣି ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ☞ପୃଷ୍ଠା-୪

## ୧୫ ଦିନ ଯୁଦ୍ଧ ପାଇଁ ଗୁଳିଗୋଳା ମହଜୁଦ ରହିବ

ଚାଇନା ସହ ବିବାଦ ଲାଗି ରହିଥିବାବେଳେ ୧୫ ଦିନ ଘମାଘୋଟ ଯୁଦ୍ଧ ପାଇଁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ମହଜୁଦ୍ ରଖିବାକୁ ପ୍ରତିରକ୍ଷା ବଳକୁ କେନ୍ଦ୍ର କ୍ଷମତା ଦେଇଛି। ସେମାନେ ଏଥିପାଇଁ ୫୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିପାରିବେ। ପୂର୍ବରୁ ସଶସ୍ତ୍ର ବାହିନୀ ଚାଇନା ଓ ପାକିସ୍ତାନ ସହ ଏକସଙ୍ଗେ ଯୁଦ୍ଧ ପ୍ରସ୍ତୁତି ପାଇଁ ୧୦ ଦିନ ନିମନ୍ତେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ମହଜୁଦ୍ କରି ରଖୁଥିଲା।



**ମୋଜ୍‌ତବା ଖାମେନେଇ:** ସୁପ୍ରିମ ଲିଡରଙ୍କ ୫୧ ବର୍ଷୀୟ ପୁଅ ମୋଜ୍‌ତବା ଧାର୍ମିକ ସହର ମଶହଦରେ ଜନ୍ମ ହୋଇଥିଲେ। ସେ ନିଜ ବାପାଙ୍କ ଭଳି ଇସ୍‌ଲାମିକ୍ ବ୍ୟାପାରର ଜଣେ ବିଶେଷଜ୍ଞ। ୨୦୦୯ରେ ବିବାଦୀୟ ରାଷ୍ଟ୍ରପତି ନିର୍ବାଚନ ପରେ ଇରାନରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନକୁ ହିଂସାତ୍ମକ ଉପାୟରେ ରୋକାଯିବା ସମୟରେ ସେ ଲୋକଲୋଚନକୁ ଆସିଥିଲେ। ଏହା ପଛରେ ମୋଜ୍‌ତବା ଥିଲେ ବୋଲି ମନେକରାଯାଏ। ଯଦିଓ ଖାମେନେଇ ରାଜା ନୁହନ୍ତି ଓ ନିଜ ମୁକୁଟ ଏତେ ସହଜରେ ପୁଅକୁ ପିନ୍ଧାଇ ପାରିବେ ନାହିଁ, ତଥାପି ବାପାଙ୍କ ନେଟ୍‌ୱର୍କରେ ମୋଜ୍‌ତବାଙ୍କ ପ୍ରଭାବ କିଛି କମ୍ ନୁହେଁ। ମୋଜ୍‌ତବାଙ୍କ ପାଖରେ ସର୍ବୋଚ୍ଚ ନେତାଙ୍କ ଅଫିସ ରହିଛି, ଯାହାକି ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଊର୍ଦ୍ଧ୍ୱରେ କାର୍ଯ୍ୟ କରିଥାଏ। ଯଦି ସେ ରିଭୋଲ୍ୟୁଶନାରି ଗାର୍ଡର ସମର୍ଥନ ହାସଲ କରନ୍ତି, ତେବେ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟାକୁ ନିଜ ସପକ୍ଷରେ ପ୍ରଭାବିତ କରିପାରନ୍ତି।

**ଇବ୍ରାହିମ ରେଇସି:** ୬୦ ବର୍ଷୀୟ ଇବ୍ରାହିମ ମଧ୍ୟ ମଶହଦ ସହରରେ ଜନ୍ମଗ୍ରହଣ କରିଥିଲେ। ସର୍ବୋଚ୍ଚ ନେତା ହେବାକୁ ନେଇ ଚାଲିଥିବା ଚର୍ଚ୍ଚାକୁ ସେ କେବେ ଖଣ୍ଡନ କରିନାହାନ୍ତି। ଇବ୍ରାହିମଙ୍କ ସମସ୍ତ ପଦକ୍ଷେପରୁ ମଧ୍ୟ ସଙ୍କେତ ମିଳେ ଯେ, ତାଙ୍କୁ ଏହି ଭୂମିକା ପାଇଁ ପ୍ରସ୍ତୁତ କରାଯାଇଛି। ଇବ୍ରାହିମ ରେଇସି ନ୍ୟାୟପାଳିକାରେ ଅନେକ ଗୁରୁଦାୟିତ୍ୱ ସମ୍ଭାଳି ସାରିଛନ୍ତି। ବର୍ତ୍ତମାନ ସେ ଆସେମ୍ବ୍ଲି ଅଫ୍ ଏକ୍ସପର୍ଟ୍ସର ଉପାଧ୍ୟକ୍ଷ ଅଛନ୍ତି। ରେଇସିଙ୍କ ମାନବାଧିକାରକୁ ନେଇ ଟ୍ରାକ୍ ରେକର୍ଡ ଭଲ ନୁହେଁ। ବିଶେଷକରି ୧୯୮୮ରେ ରାଜନୈତିକ ବନ୍ଦୀମାନଙ୍କୁ ମୃତ୍ୟୁଦଣ୍ଡ ଦେବା ନେଇ ସେ ଲୋକପ୍ରିୟ ନୁହନ୍ତି। କିନ୍ତୁ ୨୦୧୭ ନିର୍ବାଚନରେ ହାରିବା ସତ୍ତ୍ୱେ ସୁପ୍ରିମ ଲିଡର ତାଙ୍କୁ ନ୍ୟାୟପାଳିକା ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ। ଏହି ପଦରେ ରହିବା ପରେ ଗଣମାଧ୍ୟମରେ ବି ତାଙ୍କୁ ଅଧିକ ଦେଖିବାକୁ ମିଳିଥିଲା। ସେ ଦୁର୍ନୀତି ବିରୋଧରେ ମଧ୍ୟ ତଥାକଥିତ ଯୁଦ୍ଧ ଲଢ଼ିଛନ୍ତି। ଖାମେନେଇଙ୍କ ଭଳି ରେଇସି ମଧ୍ୟ ୨୦୧୫ ଆଣବିକ ଚୁକ୍ତିକୁ ସନ୍ଦେହ ଦୃଷ୍ଟିରେ ଦେଖିଥାନ୍ତି। ସେ ରିଭୋଲ୍ୟୁଶନାରି ଗାର୍ଡର ଜଣେ ଦୃଢ଼ ସମର୍ଥକ।



# ସର୍ବୋଚ୍ଚ ନେତାଙ୍କ ଉତ୍ତରାଧିକାରୀ ଖୋଜା

*ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ସ୍ୱାସ୍ଥ୍ୟକୁ ନେଇ ଉଠୁଥିବା ଗୁଜବରୁ ଗୋଟିଏ ପ୍ରଶ୍ନ ଛିଡ଼ାହୋଇଛି। ତାହା ହେଉଛି ଯଦି ସେ ଅଧିକ ରୋଗାକ୍ରାନ୍ତ ହୁଅନ୍ତି ଅଥବା ତାଙ୍କର ମୃତ୍ୟୁ ଘଟେ ତେବେ କ'ଣ ହେବ? କିଏ ହେବେ ସର୍ବୋଚ୍ଚ ନେତା ଖାମେନେଇଙ୍କ ଉତ୍ତରାଧିକାରୀ? ଏହି ପ୍ରଶ୍ନକୁ ବଳ ଦେଇଛି ଖବରଦାତା ମହମ୍ମଦ ଅହୱାଜେଙ୍କ ମନ୍ତବ୍ୟ। ଇରାନର ଅଣୁ ବିଜ୍ଞାନୀ ମୋହସେନ ଫଖରିଜାଦେଙ୍କ ହତ୍ୟା ପରେ ଇସ୍ରାଏଲ ଓ ଆମେରିକା ସହ ଇରାନର ସମ୍ପର୍କ ଆହୁରି ଖରାପ ହେବାରେ ଲାଗିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ କର୍କଟ ରୋଗରେ ପୀଡ଼ିତ ସୁପ୍ରିମ ଲିଡର ଖାମେନେଇ ନିଜ ଉତ୍ତରାଧିକାରୀ ଚୟନ କରିବାକୁ ନିଷ୍ପତ୍ତି ନେଇଥିବା ଅହୱାଜେ ଦାବି କରିଛନ୍ତି।*

**ତେହେରାନ,୧୩।୧୨**

୮୧ ବର୍ଷୀୟ ଖାମେନେଇ ମଧ୍ୟପ୍ରାଚ୍ୟର ସବୁଠୁ ଶକ୍ତିଶାଳୀ ଦେଶ ଇରାନର ସର୍ବୋଚ୍ଚ ନେତା। ତାଙ୍କ ପରେ ଇରାନର ନେତୃତ୍ୱ କିଏ ନେବେ? ଇରାନ ସମେତ ସମ୍ପୃକ୍ତ କ୍ଷେତ୍ର ଓ ଅବଶିଷ୍ଟ ବିଶ୍ୱ ପାଇଁ ଏହା ପାଲଟିଛି ସବୁଠୁ ବଡ଼ ପ୍ରଶ୍ନ। ଏହି ପଦବୀ ପାଇଁ ୮୮ ଜଣ ଇସ୍‌ଲାମିକ୍ ବିଦ୍ୱାନଙ୍କୁ ନେଇ ଗଠିତ ଏକ ଗୋଷ୍ଠୀ ଗୋଟିଏ ନାମ ଉପରେ ମୋହର ଲଗାଇଥାଏ। ଏହି ସମୂହକୁ ଆସେମ୍ବ୍ଲି ଅଫ୍ ଏକ୍ସପର୍ଟ୍ସ କୁହାଯାଏ। ଆୟାତୋଲ୍ଲା ଖାମେନେଇ ହେଉଛନ୍ତି ୧୯୭୯ରେ ଇରାନର ଇସ୍‌ଲାମିକ୍ ବିପ୍ଳବ ପରେ ଏହି ପଦବୀ ପାଇଁ ଚୟନ ହୋଇଥିବା ଦ୍ୱିତୀୟ ବ୍ୟକ୍ତି। ଏହି ଆସେମ୍ବ୍ଲିର ସଦସ୍ୟମାନଙ୍କୁ ଇରାନର ଜନତା ପ୍ରତି ୮ ବର୍ଷରେ ଥରେ ବାଛିଥାନ୍ତି। କିନ୍ତୁ ପୂର୍ବରୁ ପ୍ରାର୍ଥୀମାନଙ୍କ ନାମକୁ ଏକ କମିଟି ମଞ୍ଜୁରୀ ଦେଇଥାଏ, ଯାହାକୁ ଗାର୍ଡିଆନ୍ କାଉନ୍‌ସିଲ କୁହାଯାଏ। ଗାର୍ଡିଆନ୍ କାଉନ୍‌ସିଲର ସଦସ୍ୟମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସୁପ୍ରିମ ଲିଡର ହିଁ ବାଛିଥାନ୍ତି। ତେଣୁ ଉଭୟ ଗାର୍ଡିଆନ୍ କାଉନ୍‌ସିଲ ଏବଂ ଆସେମ୍ବ୍ଲି ଅଫ୍ ଏକ୍ସପର୍ଟ୍ସ ଉପରେ ସର୍ବୋଚ୍ଚ ନେତାଙ୍କ ପ୍ରଭାବ ରହିଥାଏ। ବିଗତ ୩ ଦଶନ୍ଧି ମଧ୍ୟରେ ଖାମେନେଇ ଆସେମ୍ବ୍ଲି ପାଇଁ ରକ୍ଷଣଶୀଳ ବା ରୂଢ଼ିବାଦୀଙ୍କୁ ଚୟନ କରିଛନ୍ତି। ଏଥିଯୋଗୁ ସୁପ୍ରିମ ଲିଡରଙ୍କ ଇଚ୍ଛା ଅନୁସାରେ ତାଙ୍କ ଉତ୍ତରାଧିକାରୀ ବଛାଯିବ। ସର୍ବୋଚ୍ଚ ନେତା ଥରେ ନିର୍ବାଚିତ ହେବା ପରେ ଆଜୀବନ ଏହି ପଦରେ ରହିପାରିବେ। ଇରାନର ସମ୍ବିଧାନ ଅନୁସାରେ ସୁପ୍ରିମ ଲିଡର ଜଣେ ଆୟାତୋଲ୍ଲା ଅର୍ଥାତ୍ ବରିଷ୍ଠ ଶିୟା ଧାର୍ମିକ ନେତା ହୋଇଥିବା ଜରୁରୀ। କିନ୍ତୁ ଖାମେନେଇଙ୍କୁ ବଛାଯିବା ସମୟରେ ସେ ଆୟାତୋଲ୍ଲା ନ ଥିଲେ। ସେଥିପାଇଁ ତାଙ୍କୁ ସର୍ବୋଚ୍ଚ ନେତା ପଦରେ ଆସୀନ କରାଇବା ଲାଗି ଆଇନରେ ସଂଶୋଧନ କରାଯାଇଥିଲା। ତେଣୁ ଏବେ ତାଙ୍କ ଉତ୍ତରାଧିକାରୀ ଚୟନ ଲାଗି ପୁଣିଥରେ ଆଇନରେ ସଂଶୋଧନ ଅଣାଯାଇପାରେ। ତେବେ ନୂଆ ନେତା ନିର୍ବାଚନ ସମୟରେ ରାଜନୈତିକ ମାହୋଲ ଉପରେ ଏହା ନିର୍ଭର କରେ।



ଆୟାତୋଲ୍ଲା ଅଲି ଖାମେନେଇ

**କାହିଁକି ଗୁରୁତ୍ୱପୂର୍ଣ୍ଣ:** ଇରାନରେ ସବୁଠୁ ଶକ୍ତିଶାଳୀ ଓ ନିରଙ୍କୁଶ କ୍ଷମତାର ଅଧିକାରୀ ହେଉଛନ୍ତି ସୁପ୍ରିମ ଲିଡର। କୌଣସି ଜରୁରୀ ପ୍ରସଙ୍ଗରେ ତାଙ୍କ ନିଷ୍ପତ୍ତିକୁ ଚୂଡ଼ାନ୍ତ ମନେକରାଯାଏ। ସେ ବିଶ୍ୱ ପାଇଁ ଇରାନର ନୀତି ଓ କାର୍ଯ୍ୟପନ୍ଥା ସ୍ଥିର କରିଥାନ୍ତି। ଇରାନ ବିଶ୍ୱର ସବୁଠୁ ଶକ୍ତିଶାଳୀ ଶିୟା ରାଷ୍ଟ୍ର। ଖାମେନେଇଙ୍କ ନେତୃତ୍ୱରେ ମଧ୍ୟପ୍ରାଚ୍ୟରେ ଏହାର ପ୍ରଭାବ ବୃଦ୍ଧି ପାଇଛି। ତାଙ୍କ ମୃତ୍ୟୁ ଏହି କ୍ଷେତ୍ରର ଭବିଷ୍ୟତ ବଦଳାଇଦେବା ସହ ବିଶ୍ୱ ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଆମେରିକା ଓ ଇସ୍ରାଏଲ୍ ସହ ଇରାନର ଶତ୍ରୁତା ବଢ଼ିବା ପଛରେ ଅନେକାଂଶରେ ଏହି ଦୁଇଦେଶକୁ ନେଇ ଖାମେନେଇଙ୍କ ବ୍ୟକ୍ତିଗତ ନାପସନ୍ଦକୁ ଦାୟୀ କରାଯାଇଥାଏ। ଏହି କାରଣରୁ ବର୍ଷ ବର୍ଷ ଧରି ଉତ୍ତେଜନା ଓ ଅସ୍ଥିରତାର ମାହୋଲ ମଧ୍ୟ ରହିଆସିଛି। ତେବେ ଉତ୍ତରାଧିକାର ଚୟନ ପ୍ରକ୍ରିୟା ପାଇଁ ଯେଉଁ ବ୍ୟବସ୍ଥା ରହିଛି, ସେଥିରୁ ମନେହେଉଛି ଯେ, ଖାମେନେଇଙ୍କ ପରେ ହେବାକୁ ଥିବା ସର୍ବୋଚ୍ଚ ନେତା ତାଙ୍କର ପଦାଙ୍କ ଅନୁସରଣ କରିବେ।

**କିଏ ହେବେ:** ଇରାନର ରାଜନୀତିଜ୍ଞମାନଙ୍କ ମଧ୍ୟରେ ନୂଆ ଉତ୍ତରାଧିକାରୀ ଚୟନକୁ ନେଇ ରୁଚି ଓ ଉତ୍କଣ୍ଠା ରହିଛି। କିନ୍ତୁ ବର୍ତ୍ତମାନ ଏଭଳି କୌଣସି ଶକ୍ତିଶାଳୀ ବ୍ୟକ୍ତି ନାହାନ୍ତି, ଯିଏ ସାମ୍ପ୍ରତିକ ସଙ୍କଟ ଏଡ଼ାଇବା ପାଇଁ କିଙ୍ଗମେକର ଭୂମିକା ନେଇପାରିବେ। ନିଜ ପୂର୍ବସୁରୀଙ୍କ ଭଳି ଖାମେନେଇଙ୍କ ପ୍ରଭାବ ମଧ୍ୟ ତାଙ୍କର ବିଶ୍ୱସ୍ତମାନଙ୍କ ନେଟ୍‌ୱର୍କ ଉପରେ ରହିଛି। ଏହି ନେଟ୍‌ୱର୍କରେ ସାମିଲ ଅନେକ ବ୍ୟକ୍ତି ଇରାନର ସବୁଠୁ ଶକ୍ତିଶାଳୀ ସେନା ରିଭୋଲ୍ୟୁଶନାରି ଗାର୍ଡ୍ସରୁ ଆସିଥାଆନ୍ତି। ତେଣୁ ରିଭୋଲ୍ୟୁଶନାରି ଗାର୍ଡ୍ସ କୌଣସି ଅବାଞ୍ଛିତ ବ୍ୟକ୍ତିଙ୍କୁ ସର୍ବୋଚ୍ଚ ନେତା ହେବା ପାଇଁ ସୁଯୋଗ ଦେଇ ନ ପାରେ। ଇତିମଧ୍ୟରେ ଏକ ଅତ୍ୟନ୍ତ ଗୁପ୍ତ ତାଲିକାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କିନ୍ତୁ ସେଥିରେ କାହା ନାମ ଅଛି ତାହା ଅଦ୍ୟାବଧି କେହି ଜାଣିପାରି ନାହାନ୍ତି। ଯାହା ଶୁଣିବାକୁ ମିଳୁଛି ଖାମେନେଇଙ୍କ ପସନ୍ଦ ତାଙ୍କ ପୁଅ ମୋଜ୍‌ତାବେ କିମ୍ବା ନ୍ୟାୟପାଳିକା ମୁଖ୍ୟ ଇବ୍ରାହିମ ରେଇସି ହୋଇପାରନ୍ତି। ଏହା ସତ ହୋଇଥିଲେ ଏହି ଦୁଇ ପ୍ରାର୍ଥୀଙ୍କ ନାଁରେ ଦମ୍ ଅଛି। ସେହିପରି ନ୍ୟାୟପାଳିକାର ପୂର୍ବତନ ମୁଖ୍ୟ ସାଦିକ୍ ଲାରିଜାନି ଓ ବର୍ତ୍ତମାନର ରାଷ୍ଟ୍ରପତି ହାସନ ରୁହାନି ମଧ୍ୟ ସୁପ୍ରିମ ଲିଡର ଦୌଡ଼ରେ ଥିବା କୁହାଯାଉଛି।



ଆସେମ୍ବ୍ଲି ଅଫ୍ ଏକ୍ସପର୍ଟ୍ସ

## ଭାଜପା ମମତାଙ୍କୁ ହତ୍ୟା କରିପାରେ: ଟିଏମ୍‌ସି



**ଭାଙ୍ଗର୍,୧୩।୧୨:** ଭାଜପା ନିର୍ବାଚନ ଜିତିବାରେ ବିଫଳ ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିପାରେ ବୋଲି ବରିଷ୍ଠ ଟିଏମ୍‌ସି ନେତା ସୁବ୍ରତ ମୁଖାର୍ଜୀ ଅଭିଯୋଗ କରିଛନ୍ତି। ଅପରାଧ ଘଟାଇବା ପାଇଁ ଗୈରିକ ଦଳ ଲୋକଙ୍କୁ ଭଡ଼ାରେ ଆଣି ଦୋଷ ଅନ୍ୟ ମୁଣ୍ଡରେ ଲଦୁଥିବା ସେ କହିଛନ୍ତି। ଭାଜପା ମମତାଙ୍କର କୌଣସି କ୍ଷତି କରିବାକୁ ଉଦ୍ୟମ କଲେ ଆମେ ରକ୍ତ ଦେଇ ତାକୁ ରୋକିବୁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ଥିବା ମୁଖାର୍ଜୀ କହିଛନ୍ତି। ବାହାରୁ ଲୋକ ଆଣି ଭାଜପା ପଶ୍ଚିମବଙ୍ଗରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି। ସେମାନଙ୍କ ଉଦ୍ୟମକୁ ସଫଳ ହେବାକୁ ଦିଆଯିବ ନାହିଁ। ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଗାଡ଼ି ଉପରେ ଢେଲାମାଡ଼ ପାଇଁ ତାଙ୍କ ଦଳ ହିଁ ଲୋକଙ୍କୁ ନିୟୋଜିତ କରିଥିଲା। ତଦନ୍ତରୁ ଏହା ଜଣାପଡ଼ିଥିବା ଟିଏମ୍‌ସି ନେତା କହିଛନ୍ତି।

## 'ମହାମାରୀ ବେଳେ ନୂଆ ସଂସଦ ଭବନ ନିର୍ମାଣ କାହିଁକି

### ମୋଦିଙ୍କୁ କମଲ ହାସନଙ୍କ ପ୍ରଶ୍ନ

**ଚେନ୍ନାଇ, ୧୩।୧୨**

ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ମକ୍କଲ ନିଧି ମୟମ(ଏମ୍‌ଏନ୍‌ଏମ୍) ଦଳର ମୁଖ୍ୟ କମଲ ହାସନ। କୋଭିଡ୍ ମହାମାରୀ ସହ ଦେଶବାସୀ ଲଢୁଥିବାବେଳେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ପାର୍ଲାମେଣ୍ଟ ଭବନ ନିର୍ମାଣର କ'ଣ ଆବଶ୍ୟକତା ରହିଛି ତାହା ପ୍ରଧାନମନ୍ତ୍ରୀ ବୁଝାନ୍ତୁ ବୋଲି ହାସନ ଟୁଇଟ୍ କରିଛନ୍ତି। କୋଭିଡ୍-୧୯ ଯୋଗୁ ଲୋକେ ଜୀବିକା ହରାଇ ଦୁର୍ଦ୍ଦଶାରେ ଜୀବନ କାଟୁଥିବାବେଳେ ସେଥିପ୍ରତି ଦୃଷ୍ଟି ଦିଆ ନ ଯାଇ କେନ୍ଦ୍ର ସରକାର ୧ ହଜାର କୋଟି ଟଙ୍କା ବ୍ୟୟରେ ଏହି ଭବନ ନିର୍ମାଣ କରିବାକୁ ଯାଉଛନ୍ତି। ଏହା କ'ଣ ଜନସାଧାରଣଙ୍କ ହିତ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ତାମିଲନାଡୁର ମଦୁରାଇରେ ନିର୍ବାଚନୀ ପ୍ରଚାର ପୂର୍ବରୁ କମଲ ଏହି ଟୁଇଟ କରିଛନ୍ତି। ଆସନ୍ତା ଏପ୍ରିଲ-ମେ ମଧ୍ୟରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ପାର୍ଲାମେଣ୍ଟ ଭବନର ଶିଳାନ୍ୟାସ କରିଥିଲେ।



## ଶାହା-ତୋମାର ମନ୍ତ୍ରଣା

**ନୂଆଦିଲ୍ଲୀ, ୧୩।୧୨:** ନୂତନ କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ଯୋଗୁ ଅଚଳାବସ୍ଥା ଲାଗିରହିଥିବାବେଳେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ସୋମ୍ ପ୍ରକାଶ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଇନରେ ସଂଶୋଧନ ସରକାରଙ୍କ ପ୍ରସ୍ତାବକୁ ଚାଷୀମାନେ ପ୍ରତ୍ୟାଖ୍ୟାନ କରି ଜିଦ୍‌ରେ ଅଟଳ ରହିଛନ୍ତି। ଆଲୋଚନା ଜାରି ରହିଥିବାରୁ ଆନ୍ଦୋଳନ ବନ୍ଦ ରଖିବାକୁ କୃଷିମନ୍ତ୍ରୀ ଚାଷୀମାନଙ୍କୁ ଅନୁରୋଧ କରିଥିଲେ।

## ରିପବ୍ଲିକ୍ ଟିଭି ସିଇଓ ଗିରଫ

### ଟିଆର୍‌ପି ଦୁର୍ନୀତି ମାମଲା

**ମୁମ୍ବାଇ, ୧୩।୧୨**

ଟିଆର୍‌ପି ଜାଲିଆତି ମାମଲାରେ ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ରବିବାର ରିପବ୍ଲିକ୍ ଟିଭି ସିଇଓ ବିକାଶ ଖାନ୍‌ଚନ୍ଦାନୀଙ୍କୁ ଗିରଫ କରିଛି। ଟିଆର୍‌ପି ଦୁର୍ନୀତି ମାମଲାରେ ବିକାଶ ୧୩ତମ ଅଭିଯୁକ୍ତ ଥିଲେ। ସେ ଉକ୍ତ ଦୁର୍ନୀତିରୁ ଫାଇଦା ହାସଲ କରିବା ସହ ଅପରାଧ ସମ୍ପର୍କରେ ଜାଣିଥିଲେ।

ରିପବ୍ଲିକ୍ ଟିଭିର ସିଓଓ ପ୍ରିୟା ମୁଖାର୍ଜୀଙ୍କୁ ଗତ ସପ୍ତାହରେ ସେସନ୍ସ କୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଅଧିକ ଦର୍ଶକ ସଂଖ୍ୟା ଦର୍ଶାଇବା ଅଭିଯୋଗରେ ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ରିପବ୍ଲିକ୍ ଟିଭି ସମେତ ଫକ୍ତ ମରାଠୀ, ବକ୍ସ ସିନେମା, ନ୍ୟୁଜ୍ ନେଶନ, ମହାମୁଭି ଏବଂ ୱା ମ୍ୟୁଜିକ୍ ଚ୍ୟାନେଲର ଭୂମିକା ସମ୍ପର୍କରେ ତଦନ୍ତ ଚଳାଇଛି। ଏମାନେ ଦର୍ଶକଙ୍କ ପରିବାରକୁ ଟଙ୍କା ଦେଇ ଚ୍ୟାନେଲକୁ ସବୁବେଳେ ଅନ୍ ରଖିବା ପାଇଁ କହୁଥିଲେ। ଉକ୍ତ ମାମଲାରେ ଏଆର୍‌ଜି ଆଉଟଲିୟର ମିଡିଆ ପ୍ରାଇଭେଟ୍ ଲିମିଟେଡର ଡିଷ୍ଟ୍ରିବ୍ୟୁଶନ ମୁଖ୍ୟ ଘନଶ୍ୟାମ ସିଂଙ୍କ ସମେତ ୧୨ ଜଣଙ୍କୁ ଗିରଫ କରାଗଲାଣି।



ବିକାଶ ଖାନ୍‌ଚନ୍ଦାନୀ

## ଆଶ୍ରମରୁ ଶିଶୁକନ୍ୟାକୁ ନେଇଗଲେ ଭାଜପା ବିଧାୟକ

### ପୁଅ ବାହାଘରକୁ ନେଇ ଫଟୋ ଉଠାଇଥିଲେ

**ବରେଲି, ୧୩।୧୨**

ଉତ୍ତରପ୍ରଦେଶର ବରେଲିସ୍ଥିତ ଏକ ଅନାଥ ଆଶ୍ରମରୁ ଜଣେ ଏକ ବର୍ଷୀୟ ଶିଶୁ କନ୍ୟାକୁ ଭାଜପା ବିଧାୟକ ରାଜେଶ ମିଶ୍ର ବେଆଇନ ଭାବେ ନେଇଯାଇଥିବା ଅଭିଯୋଗ ହୋଇଛି। ଆଇନଗତ ଉପାୟରେ ବିନା କୌଣସି କାଗଜପତ୍ରରେ ବିଧାୟକ ଗତ ସପ୍ତାହରେ କନ୍ୟାକୁ ନେଇ ତାଙ୍କ ପୁଅ ବାହାଘରକୁ ଯାଇଥିଲେ ବୋଲି ୱାର୍ମ ବେବି ଫୋଲ୍ଡ ନାମକ ଉକ୍ତ ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ପ୍ରାଇମ୍ରୋଜ ଏଡମଣ୍ଡ କହିଛନ୍ତି। ବାହାଘରରେ କରୋନା ପାଇଁ କୌଣସି ସୁରକ୍ଷା ନ ଆପଣାଇ ବିଧାୟକ ଫଟୋ ଉଠାଇଥିଲେ। ପରେ ଆଶ୍ରମରେ ଶିଶୁଟିକୁ ଛାଡିଯାଇଥିଲେ ବୋଲି ସେ କହିଛନ୍ତି। ଗତ ବର୍ଷ ଶିଶୁଟିକୁ ମୃତ ଭାବି ପୋତି ଦିଆଯିବା ପରେ ପୁଣି ଜୀବନ୍ତ ଉଦ୍ଧାର କରାଯାଇଥିଲା। ତେବେ ଅଭିଯୋଗକୁ ଖଣ୍ଡନ କରି ବିଧାୟକ କହିଛନ୍ତି ଯେ, ଶିଶୁଟି ଅସୁସ୍ଥ ଥିବା ନେଇ ତାଙ୍କ ନିକଟକୁ ଖବର ଯାଇଥିଲା। ସେ ସଙ୍ଗେ ସଙ୍ଗେ ଆଶ୍ରମକୁ ଯାଇ ଶିଶୁଟିକୁ ଡାକ୍ତରଖାନା ନେଇଯାଇଥିଲେ। ପରେ ବାହାଘରକୁ ଯାଇଥିଲେ।



ସଂସଦ ଭବନ ଆକ୍ରମଣର ୧୯ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ନୂଆ ସହଯୋଗୀଙ୍କ ହାତ ଧରିଲା ଭାଜପା

### ଆସାମ ବିଟିସି ନିର୍ବାଚନ

**ଗୁଆହାଟୀ, ୧୩।୧୨(ପି.ଟି.)**

ଆସାମ ବୋଡୋଲ୍ୟାଣ୍ଡ ଟେରିଟୋରିଆଲ୍ କାଉନ୍‌ସିଲ୍ (ବିଟିସି)କୁ ନିଜ ଅକ୍ତିଆରରେ ରଖିବା ଲାଗି ଭାଜପା ଏହାର ସହଯୋଗୀ ଦଳ ବିପିଏଫ୍‌କୁ ଛାଡ଼ି ଅନ୍ୟ ଏକ ଦଳର ହାତ ଧରିଛି। ବୋଡୋ ଅଧ୍ୟୁଷିତ ଅଞ୍ଚଳର ସ୍ୱୟଂଶାସନ ସଂସ୍ଥା ବିଟିସିର ୪୦ ଆସନ ମଧ୍ୟରୁ ଆସାମର ସର୍ବାନନ୍ଦ ସୋନୋୱାଲ ସରକାରରେ ସହଯୋଗୀ ଥିବା ବିପିଏଫ୍‌କୁ ୧୭ ଆସନ ମିଳିଛି। ଅନ୍ୟପକ୍ଷରେ ମେଣ୍ଟ ପାଇଁ ଉକ୍ତ ଦଳର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଭାଜପା ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବେରାଲ୍ (ୟୁପିପିଏଲ୍)କୁ ନୂଆ ସହଯୋଗୀ ଭାବେ ନେଇଛି। ଏହି ଦଳ ୧୨ ଆସନ ଜିତିଥିବାବେଳେ ଭାଜପାକୁ ୯ ଏବଂ କଂଗ୍ରେସ ଓ ଗଣସୁରକ୍ଷା ପାର୍ଟିକୁ ଗୋଟିଏ ଲେଖାଏ ଆସନ ମିଳିଛି। ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୟୁପିପିଏଲ୍‌କୁ ଅଭିନନ୍ଦନ ଜଣାଇବା ସହ ସହଯୋଗୀ ଦଳ ବୋଲି ଟୁଇଟ୍ କରିଛନ୍ତି। ୟୁପିପିଏଲ୍ ମୁଖ୍ୟ ପ୍ରମୋଦ ବୋରୋ ବିଟିସିର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ (ସିଇଏମ୍) ହେବେ ବୋଲି ମୁଖ୍ୟମନ୍ତ୍ରୀ ସୋନୋୱାଲ ଘୋଷଣା କରିଛନ୍ତି।

### କ୍ୟାବିନେଟ ବୈଠକରେ ଯୋଗଦେଲେନି ବିପିଏଫ୍ ମନ୍ତ୍ରୀ

ଭାଜପା ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍) ହାତ ଛାଡ଼ି ନୂଆ ସହଯୋଗୀ ଭାବେ ୟୁପିପିଏଲ୍‌କୁ ବାଛିବାରୁ ଏଥିରେ କ୍ଷୁବ୍ଧ ୩ ବିପିଏଫ୍ ମନ୍ତ୍ରୀ ରବିବାର ଆସାମ କ୍ୟାବିନେଟ ବୈଠକରେ ଯୋଗଦେଇନାହାନ୍ତି। ସେମାନେ କୌଣସି ସୂଚନା ନ ଦେଇ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଅଧ୍ୟକ୍ଷତାରେ ବସିଥିବା ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରୁ ଅନୁପସ୍ଥିତ ରହିଥିଲେ। ଭାଜପା ନେତୃତ୍ୱାଧୀନ ଆସାମ ସରକାରରେ ବିପିଏଫ୍‌ରୁ ୩ ଜଣ ମନ୍ତ୍ରୀ ଅଛନ୍ତି। ସେମାନେ ହେଲେ ପ୍ରମିଳାରାଣୀ ବ୍ରହ୍ମ, ଚନ୍ଦନ ବ୍ରହ୍ମ ଓ ରାହୋନ ଡାଇମାରି। ସେମାନେ କ'ଣ ପାଇଁ ବୈଠକରେ ଯୋଗଦେଲେନି ତାହା ଜଣାନାହିଁ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରମୋହନ ପଟୋୱାରି କହିଛନ୍ତି।

୧୪ତମ ଜନ୍ମଦିନ ଶୁଭେଚ୍ଛା

ଜାହ୍ନବୀ ଦାସ (ବବ୍‌ଲି)
ଶ୍ରୀରାମନଗର, ଓଲ୍ଡ ଟାଉନ୍
ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଆମର ବଡ଼ ଠାକୁରଙ୍କ ପାଖରେ ପ୍ରାର୍ଥନା ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ଦାସ ପରିବାରବର୍ଗ, ଜୟ ମାତା ଦି
ଧ-୬୯୬୬୧

୫ମ ଜନ୍ମ ଦିବସ

ଶାଶ୍ୱତ ରଞ୍ଜନ କେତକୀ
ପିତା- ରତନ କେତକୀ
ମାତା- ସନ୍ଧ୍ୟାରାଣୀ କେତକୀ
ଗ୍ରାମ- ବିଶି କଲୋନୀ, ନୂଆପଡ଼ା
ତୋର ପଞ୍ଚମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଭଗବାନ ତୋର ଚଲାପଥ କୁସୁମିତ କରିବା ସହ ବୁଦ୍ଧି ବିଦ୍ୟାରେ ପାରଙ୍ଗମ କରି ଦୀର୍ଘାୟୁ କାମନା କରୁଛୁ।
-:ଶୁଭେଚ୍ଛା ସହ:-
ସୋମ, ତନ୍ମୟ, ଶୁଭମ୍, କ୍ଷିତିଶ୍ ।
ଧ-୧୯୨୨୮

୧୦ମ ଜନ୍ମଦିନ ଶୁଭେଚ୍ଛା

ଶୁଭମ୍ ନନ୍ଦ
ବଲାଙ୍ଗୀର, ପାଟଣାଗଡ଼, କୁରିଆ
ଆଜି ତୋର ଜନ୍ମଦିନରେ ଦେବଦେବ ମହାଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରନ୍ତୁ ଓ ନୀରୋଗ ରଖନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମା', ଅଜା, ଆଈ, ବଡ଼ଅପା, ବଡ଼ମାମୁ, ସାନଅପା, କୁମ୍ଭାର ଆଞ୍ଚା, ଆମବାପା, ଆମମମି, ବାପା, ମାମା, ରାମ, ମାମୁ, ମାନସୀ, ରେଖା, ରିମା, ପାପୁନି, ଲକ୍ଷ୍ମୀ, ଦୀପା, ରାଜା, ରୋଜି, ଶକ୍ତି, ମୁନା, ରୀନା, ଟିନା, ମୁକେଶ, ବସୁମତି।
ଧ-୧୯୧୧୦

## ପ୍ୟାରିସ୍‌ରେ ବିକ୍ଷୋଭ ବେଳେ ୧୫୦ ଗିରଫ

**ପ୍ୟାରିସ୍, ୧୩।୧୨**

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ପ୍ରସ୍ତାବିତ ସୁରକ୍ଷା ଆଇନ ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ଏହା ହିଂସାତ୍ମକ ରୂପ ନେବାରୁ ପୋଲିସ ୧୫୦ ଜଣଙ୍କୁ ଗିରଫ କରିଛି। ବିକ୍ଷୋଭକାରୀଙ୍କ ମଧ୍ୟରେ ଥିବା ହିଂସା ସୃଷ୍ଟିକାରୀ ସଂଗଠନକୁ ପୋଲିସ ଟାର୍ଗେଟ କରିଥିଲା। ପୂର୍ବରୁ ବିକ୍ଷୋଭ ବେଳେ ସେମାନେ ଦୋକାନ ଓ ଗାଡ଼ିମୋଟର ଭଙ୍ଗାରୁଜା କରିଥିଲେ।

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ବିକୃତ କଲେ ଖଲିସ୍ତାନୀ

**ୱାଶିଂଟନ, ୧୩।୧୨**

ଭାରତରେ କୃଷି ବିଲ୍ ବିରୋଧରେ ଶିଖ୍-ଆମେରିକାନ୍ ଯୁବକ ସଂଘ ପକ୍ଷରୁ ୱାଶିଂଟନରେ ବିକ୍ଷୋଭ ଚାଲିଥିବାବେଳେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ସଂଗଠନର କେତେଜଣ ସଦସ୍ୟ ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରିଛନ୍ତି। ଗ୍ରେଟର ୱାଶିଂଟନ ଡିସିରେ ହଜାର ହଜାର ଶିଖ୍ ଏକାଠି ହୋଇଥିଲେ। ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଚାଲିଥିବାବେଳେ ଖଲିସ୍ତାନୀ ପତାକା ଧରି କେତେଜଣ ବିଚ୍ଛିନ୍ନତାବାଦୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉପରେ ଡେଇଁବା ସହ ସେଥିରେ ପୋଷ୍ଟର ଲଗାଇଥିଲେ।

ମନେ ପଡ଼ନ୍ତି
ଦଶାହ ଉପଲକ୍ଷେ

ସ୍ୱର୍ଗତା ଦମୟନ୍ତୀ ମିଶ୍ର
ରତ୍ନ ବଜାର, ଢେଙ୍କାନାଳ
ତିରୋଧାନ: ୦୫।୧୨।୨୦୨୦
ଆମ ପାଇଁ ତୋ'କୋଳ ସରଗ ସମାନ,
ତୋ କଥା ତୋ ଡାକ ସ୍ନେହଭରା ମନ।
ତୁମର ଅନାବିଳ ସ୍ନେହ, ସହାନୁଭୂତି, ଆଦର୍ଶ,
ଅସୀମତ୍ୟାଗ, ନିଷ୍ଠାପରତା ଆମମାନଙ୍କୁ
ଅନୁପ୍ରାଣିତ କରୁ। ତୁମର ଅମରାତ୍ମାର ସଦ୍‌ଗତି
ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ
ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, କନ୍ୟା, ଜାମାତା, ନାତିମାନେ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୯୦୦

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୨୩,୪୦,୮୫୧ | ୧୬,୧୫,୪୨୨ | ୫,୦୬,୮୮,୭୬୨ |
| ଭାରତ | ୯୮,୮୧,୩୫୭ | ୧,୪୩,୩୫୨ | ୯୩,୮୩,୭୩୫ |
| ଓଡ଼ିଶା | ୩,୨୩,୭୫୭ | ୧୮୦୭(+୫୩) | ୩,୧୮,୬୮୩ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କଳରବ ଶୁଭୁଛି, କୋଳାହଳ ନାହିଁ



**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ପର୍ଯ୍ୟଟନ ଋତୁ ଆରମ୍ଭ ହେବାମାତ୍ରେ ବିହଙ୍ଗ ଭୂସ୍ୱର୍ଗ ମଙ୍ଗଳାଯୋଡ଼ିକୁ ଅତିଥି ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିଲା। ପକ୍ଷୀଙ୍କ କଳରବରେ ପୂରା ଅଞ୍ଚଳ ଫାଟି ପଡୁଥିବାବେଳେ ପର୍ଯ୍ୟଟକଙ୍କ କୋଳାହଳ ଭିତରେ ମଙ୍ଗଳାଯୋଡ଼ି ସତେ ଯେମିତି ବେଶ୍ ଚଳଚଞ୍ଚଳ ହୋଇଉଠୁଥିଲା। ଶୀତ ଆରମ୍ଭରୁ ଜାନୁଆରୀ ଶେଷ ପର୍ଯ୍ୟନ୍ତ ଏକପ୍ରକାର ମହୋତ୍ସବର ପରିବେଶ ଲାଗି ରହୁଥିଲା। ଠିକ୍ ଏହିଦିନକୁ ଅପେକ୍ଷା କରି ରହୁଥିବା ଡଙ୍ଗା ଚାଳକ, ବାର୍ଡ ଗାଇଡ୍ ଓ ଦାୟିତ୍ୱରେ ରହୁଥିବା ବନ କର୍ମଚାରୀଙ୍କ ମନରେ କାହିଁ କେତେ ଉତ୍ସାହ ଉଙ୍କି ମାରୁଥିଲା। ଏବେ ଶୀତ ଆସିଛି, ଦେଶୀ ଓ ବିଦେଶୀ ପକ୍ଷୀ ବି ଆସିଛନ୍ତି। କଳରବ ଶୁଭୁଛି, ହେଲେ ପର୍ଯ୍ୟଟକଙ୍କ କୋଳାହଳ ନାହିଁ। ଡିସେମ୍ବର ଅଧା ହେବାକୁ ବସିଥିବାବେଳେ ଏବେ ବି ଅତିଥିଙ୍କ ଅପେକ୍ଷାରେ ମଙ୍ଗଳାଯୋଡ଼ି ଚାହିଁ ରହିଛି। କରୋନା ପାଇଁ ସବୁକିଛି ଖାଁଖାଁ ହୋଇଯାଇଛି।

**ଅତିଥି ଅପେକ୍ଷାରେ ମଙ୍ଗଳାଯୋଡ଼ି**

- ସ୍ୱାଭାବିକ ହୋଇନି ରେଳ, ବିମାନ ସେବା
- ଆସିପାରୁ ନାହାନ୍ତି ରାଜ୍ୟ ବାହାରର ପର୍ଯ୍ୟଟକ
- ଦାଦନ ଖଟିବାରୁ ବାହାରକୁ ଚାଲିଗଲେଣି ବାର୍ଡ ଗାଇଡ୍

ଚଳିତବର୍ଷ ମାର୍ଚ୍ଚ ୨୩ରୁ କରୋନା ପାଇଁ ଲକ୍‌ଡାଉନ ହେବା ପରଠୁ ମଙ୍ଗଳାଯୋଡିକୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରହିଥିଲା। ନଭେମ୍ବରରୁ ଧୀରେ ଧୀରେ ପର୍ଯ୍ୟଟକ ଆସିବା ଆରମ୍ଭ କରିଛନ୍ତି। ହେଲେ ଏବେ ବି ଯାତାୟାତ ସମସ୍ୟା ପର୍ଯ୍ୟଟକଙ୍କ ଆଗମନରେ ବାଧକ ସାଜିଛି। ରେଳ ଓ ବିମାନ ସେବା ଏଯାଏ ସ୍ୱାଭାବିକ ହୋଇ ନ ଥିବାରୁ ବାହାର ପର୍ଯ୍ୟଟକ ସେପରି ଆସିପାରୁନାହାନ୍ତି। କରୋନା ଭୟରେ ରାଜ୍ୟର ପର୍ଯ୍ୟଟକମାନେ ପିଲାଛୁଆ ଧରି ଯିବାକୁ ଉଚିତ ମଣୁନାହାନ୍ତି। ଏପଟେ ବସ୍ ଓ ଅନ୍ୟ ଯାତ୍ରୀବାହୀ ଗାଡ଼ି ପର୍ଯ୍ୟାପ୍ତ ପରିମାଣରେ ଚଳାଚଳ କରୁ ନ ଥିବାରୁ ଯେଉଁମାନେ ଆସୁଛନ୍ତି ସେମାନେ ନାନା ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣେ ଲୋକ ନ ହେଲେ ଚକା ଗଡୁନି। କାଁଭାଁ ପର୍ଯ୍ୟଟକ ଆସୁଥିବାରୁ ମଙ୍ଗଳାଯୋଡ଼ିରେ ଇକୋ ଟୁରିଜମ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। କାମ ନ ପାଇ ବହୁ ବାର୍ଡ ଗାଇଡ୍ ଅନ୍ୟ ରାଜ୍ୟକୁ ରୋଜଗାର ପାଇଁ ଚାଲିଯାଉଛନ୍ତି। ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ପାଇଁ ବନ ବିଭାଗ ଅସ୍ଥାୟୀ କ୍ୟାମ୍ପ୍ ସହ ସ୍ୱତନ୍ତ୍ର ବ୍ୟବସ୍ଥା କରି ଚାହିଁ ବସିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ମଙ୍ଗଳାଯୋଡ଼ିରେ କାର୍ଯ୍ୟରତ ସଂସ୍ଥାମାନେ ମଧ୍ୟ କୋଭିଡ୍ କଟକଣାକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକଙ୍କ ସେବାରେ ଲାଗିଛନ୍ତି। ପ୍ରତି ଟ୍ରିପ୍ ସରିବା ପରେ ଡଙ୍ଗାର ସିଟ୍, ଗଦି ଇତ୍ୟାଦିକୁ ସାନିଟାଇଜ କରାଯିବା ସହ ପର୍ଯ୍ୟଟକଙ୍କୁ ସାନିଟାଇଜର ଦିଆଯାଉଛି। କିନ୍ତୁ ପର୍ଯ୍ୟଟକଙ୍କ ଆଗରେ ସେପରି ବୃଦ୍ଧି ଘଟୁ ନ ଥିବାରୁ ଉତ୍ସାହ କମିଯାଉଥିବା କର୍ମଚାରୀମାନେ କହୁଛନ୍ତି।

## ଦେଖିବାକୁ ମିଳୁଥିବା ବିଦେଶୀ ପକ୍ଷୀ

ଶୀତ ବଢ଼ିବା କ୍ଷଣି ଦେଶ ବାହାରୁ ପକ୍ଷୀମାନେ ଚିଲିକା ତଥା ମଙ୍ଗଳାଯୋଡ଼ିକୁ ଉଡ଼ି ଆସନ୍ତି। ଗତବର୍ଷ ସମୁଦାୟ ୪୪ଟି ପ୍ରଜାତିର ମାଇଗ୍ରେଟୋରି ପକ୍ଷୀ ମଙ୍ଗଳାଯୋଡ଼ିକୁ ଆସିଥିଲେ। ଏମାନଙ୍କ ସହିତ ୮୨ଟି ରେସିଡେଣ୍ଟ ପକ୍ଷୀ ମିଶି ୧୩୬ଟି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ପ୍ରଥମେ ଆସନ୍ତି 'ଗ୍ରେ ହେଡେଡ୍ ଲାପୱିଙ୍ଗ'। ଏବର୍ଷ ମଧ୍ୟ ଅକ୍ଟୋବର ୧୨ରେ ଏହି ପକ୍ଷୀ ମଙ୍ଗଳାଯୋଡ଼ିରେ ପାଦ ଦେଇଥିଲେ। ଦ୍ୱିତୀୟରେ ଉଡ୍ ସ୍ୟାଣ୍ଡ ପାଇପର ଓ ତୃତୀୟରେ ଆସିଲେ କରଲ୍ୟୁ (curlew)। ସେହିପରି ଡକ୍ ବା ବତକ ପ୍ରଜାତି ପକ୍ଷୀଙ୍କ ଭିତରେ ପ୍ରଥମେ ଆସନ୍ତି ଗାର୍‌ଗାନି। ଏହିସବୁ ପକ୍ଷୀଙ୍କୁ ପ୍ରତିଦିନ ପ୍ରତ୍ୟକ୍ଷ ଭାବରେ ତଦାରଖ କରୁଥିବା ମଧୁ କୁହନ୍ତି, ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୨ଟି ପକ୍ଷୀ ପ୍ରଥମକରି ମଙ୍ଗଳାଯୋଡ଼ିକୁ ଆସିଛନ୍ତି। ସେମାନେ ହେଲେ ମାଲାର୍ଡ ନାମରେ ଏକ ସୁନ୍ଦର ବତକ ପ୍ରଜାତିର ପକ୍ଷୀ ଓ ୟୁରେସିଆନ ହବି ନାମକ ଏକ ଶିକାରୀ ପକ୍ଷୀ। ଏମାନଙ୍କ ଛଡ଼ା ଏକ ଧଳା ଓ ମାଟିଆ ରଙ୍ଗ ମିଶ୍ରିତ ଏକ ବିରଳ 'ନର୍ଦ୍ଦନ୍ ଶୋଭେଲର' ମଧ୍ୟ ପ୍ରଥମଥର ଦେଖାଯାଇଛି। ଏହି ପକ୍ଷୀମାନେ ଶୀତ ସରିବା ପରେ ମାର୍ଚ୍ଚରୁ ନିଜ ଘର ଅଭିମୁଖେ ଫେରିବା ଆରମ୍ଭ କରିବେ ବୋଲି ସେ କହିଛନ୍ତି।

## ଏମାନେ ଯାହା କୁହନ୍ତି...

### ଯାତାୟାତ ସୁବିଧା ହେଲେ ଅଧିକ ପର୍ଯ୍ୟଟକ ଆସନ୍ତେ

ଗତବର୍ଷ ଏହି ସମୟରେ ଦିନକୁ ପ୍ରାୟ ୩୦ଟି ଡଙ୍ଗା ପର୍ଯ୍ୟଟକଙ୍କୁ ନେଇ ପକ୍ଷୀ ଦେଖାଇବାକୁ ଯାଉଥିବାବେଳେ ଏବର୍ଷ ଦିନକୁ ୨ରୁ ୩ଟି ଡଙ୍ଗା ମଧ ଯିବା ସମ୍ଭବ ହେଉନାହିଁ। କେବଳ ଛୁଟିଦିନରେ ଭୁବନେଶ୍ୱର ଏବଂ ଆଖପାଖର ପର୍ଯ୍ୟଟକଙ୍କ ପାଇଁ ଯାହାକିଛି ଆଶା ସଞ୍ଚାର ହେଉଛି। ଯାତାୟାତ ସୁବିଧା ହେଲେ ନିଶ୍ଚିତ ଅଧିକ ପର୍ଯ୍ୟଟକ ଆସିବେ।

-ମଧୁ ବେହେରା, ମଙ୍ଗଳାଯୋଡି କଞ୍ଜରଭେଶନ ଆଣ୍ଡ୍ ଟୁରିଜମ ଟ୍ରଷ୍ଟ (ଏମ୍‌ସିଟିଟି)ର ଟ୍ରଷ୍ଟି ଓ ବାର୍ଡ ଗାଇଡ୍

### ଶୌଚାଳୟ କବ୍‌ଜା, ପର୍ଯ୍ୟଟକ ହନ୍ତସନ୍ତ

ରବିବାର ବା ଅନ୍ୟ ସରକାରୀ ଛୁଟିଦିନରେ ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକ ସଂଖ୍ୟା ବଢ଼ିବା ନିଶ୍ଚୟ ଇକୋ ଟୁରିଜମ ପାଇଁ ଖୁସିର ଖବର। କିନ୍ତୁ ପର୍ଯ୍ୟଟକଙ୍କୁ ସବୁ ସୁବିଧା ମଙ୍ଗଳାଯୋଡ଼ିରେ ଠିକ୍ ଭାବେ ମିଳୁନାହିଁ। ଇରିଗେଶନ ବିଭାଗ ତରଫରୁ ମଙ୍ଗଳାଯୋଡ଼ି ଜେଟି ପାଖରେ ପର୍ଯ୍ୟଟକଙ୍କ ପାଇଁ ତିଆରି ହୋଇଥିବା ଶୌଚାଳୟ ସବୁବେଳେ ବନ୍ଦ ରହୁଛି। ଗୋଟିଏ ମହିଳା ଓ ଗୋଟିଏ ପୁରୁଷ ଶୌଚାଳୟକୁ ସ୍ଥାନୀୟ ଏକ ଇକୋଟୁରିଜମ ସଂସ୍ଥା ନିଜ କବ୍‌ଜାରେ ରଖି ସବୁବେଳେ ତାଲା ପକେଇ ରଖୁଛି। ଫଳରେ ପର୍ଯ୍ୟଟକମାନେ ବିଶେଷକରି ମହିଳାମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ସଞ୍ଜୟ ବେହେରା, ଏମ୍‌ସିଟିଟି କର୍ମକର୍ତ୍ତା



ପର୍ଯ୍ୟଟକମାନେ ଡଙ୍ଗାରେ ଭ୍ରମଣ କରୁଛନ୍ତି।

ରିପୋର୍ଟ: ଅସମାପିକା ସାହୁ

# ଦେବ ଦୀପାବଳି ଆରମ୍ଭ



ଶ୍ରାଦ୍ଧବେଶରେ ସଜ୍ଜିତ ମହାପ୍ରଭୁଙ୍କ ପ୍ରତୀକାତ୍ମକ ଛବି।

**ପୁରୀ ଅଫିସ, ୧୩।୧୨**

ଶ୍ରୀମନ୍ଦିରରେ ରବିବାରଠାରୁ ଦେବ ଦୀପାବଳି ଆରମ୍ଭ ହୋଇଛି। ଏହା ୩ଦିନ ଧରି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ କାଶ ଧଡ଼ିଆ ବସ୍ତ୍ର ପରିଧାନ ସହ ଶ୍ରାଦ୍ଧବେଶରେ ଭୂଷିତ ହୋଇଛନ୍ତି। ସେ ବାମନ ରୂପରେ ସତ୍ୟଯୁଗର ଅଦିତି ଓ କଶ୍ୟପ, ଶ୍ରୀରାମ ରୂପରେ ତ୍ରେତୟା ଯୁଗର କୌଶଲ୍ୟା ଓ ଦଶରଥ, ଶ୍ରୀକୃଷ୍ଣ ରୂପରେ ଦେବକୀ ଓ ବସୁଦେବ ଏବଂ ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିବେ। ସାଧାରଣତଃ ହିନ୍ଦୁମାନେ କାର୍ତ୍ତିକ ଅମାବାସ୍ୟା, ଦୀପାବଳି ଦିନ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣ ସହ ଦୀପଦାନ କରିଥାନ୍ତି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦ ତିଥିରେ ତିନିଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ସହ ଦୀପଦାନ କରନ୍ତି। ପୁଷ୍ପାଳକ ସେବକମାନେ ଶ୍ରୀଜୀଉଙ୍କୁ ଶ୍ରାଦ୍ଧ ବେଶରେ ସଜ୍ଜିତ କରୁଥିବାବେଳେ ଠାକୁରମାନେ କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ତଡ଼ଗି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି।

# ଅନ୍‌ଲାଇନରେ ହେବ ଓପିଏସ୍‌ସି ପରୀକ୍ଷା

**କଟକ ଅଫିସ,୧୩।୧୨**

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି)ର ସମସ୍ତ ପରୀକ୍ଷା ଏଣିକି ଅନ୍‌ଲାଇନରେ କରାଯିବ। କରୋନା ମହାମାରୀ ଲାଗି ଆସନ୍ତା ୨୦ରେ ହେବାକୁ ଥିବା ମେଡିକାଲ ଅଫିସର ପଦବୀ ନିମନ୍ତେ ପରୀକ୍ଷା ଅନ୍‌ଲାଇନରେ କରାଯିବ। ପରୀକ୍ଷା ପରିଚାଳନା ନିମନ୍ତେ ଏକ ବେସରକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯଦି ଏଥର ସଫଳ ଭାବେ ପରୀକ୍ଷା ପରିଚାଳନା ହୁଏ ତେବେ ଆଗକୁ ସମସ୍ତ ପରୀକ୍ଷା ଅନ୍‌ଲାଇନରେ କରାଯିବ। ବିଶେଷକରି ଅଧିକ ସଂକ୍ଷିପ୍ତ ପ୍ରଶ୍ନ ଥିବା ପରୀକ୍ଷାଗୁଡିକ ଅନ୍‌ଲାଇନରେ କରାଯିବ ବୋଲି ଓପିଏସ୍‌ସି ସେକ୍ରେଟାରୀ ଅଶୋକ କୁମାର ଦାଶ କହିଛନ୍ତି।

**ଫଟୋ ଯାଞ୍ଚ ବାଧ୍ୟତାମୂଳକ**

ଇନ୍‌ସ୍ୟୁରାନ୍ସ ମେଡିକାଲ ଅଫିସର ପଦବୀ ନିମନ୍ତେ ଭୁବନେଶ୍ୱରର ୨ଟି କେନ୍ଦ୍ରରେ ପରୀକ୍ଷା କରାଯିବ। ଏଥର ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ଫଟୋ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି। ପ୍ରତ୍ୟେକ ପରୀକ୍ଷାର୍ଥୀ ଆବେଦନ ସମୟରେ ଯେଉଁ ଫଟୋ ଦେଇଥିବେ ତାହା ଆଡ୍‌ମିଟ କାର୍ଡରେ ଡାଉନ୍‌ଲୋଡ କରିବେ। ସେହି ଫଟୋର ଆଉ ଏକ କପି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାବେଳେ ସାଥିରେ ନେଇଥିବେ। ପରୀକ୍ଷକ ଫଟୋ ଯାଞ୍ଚ କରିବା ପରେ ପରୀକ୍ଷାର୍ଥୀଙ୍କୁ ଭିତରକୁ ଛାଡିବେ। ଏହାଦ୍ୱାରା ଜଣେ ଅନ୍ୟ ଜଣଙ୍କ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ଓପିଏସ୍‌ସି କର୍ତ୍ତୃପକ୍ଷ ଆଶା ରଖିଛନ୍ତି ।






## ବାଲେଶ୍ୱର କାରାଗାର ନିକଟରୁ ୪୪ ଗ୍ରାମ୍ ବ୍ରାଉନସୁଗାର ଜବତ

**ବାଲେଶ୍ୱର ଅଫିସ:** ବାଲେଶ୍ୱର କାରାଗାର ଗେଟ୍ ନିକଟରୁ ରବିବାର ରାତି ୮ଟା ବେଳେ ପୋଲିସ ଜଣେ ବାଂଲାଦେଶୀ ନାଗରିକଙ୍କଠାରୁ ୪୪ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ବାଂଲାଦେଶୀ ନାଗରିକ ବାବୁ ଖାଁଙ୍କୁ ଗିରଫ କରାଯାଇଥିବା ସିଟି ଡିଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି। ବାବୁ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ବ୍ରାଉନସୁଗାର ଦେବାକୁ ଆସିଥିବା ପୋଲିସ ଆଗୁଆ ସୂଚନା ପାଇ ଚଢାଉ କରିଥିଲା। ତାଙ୍କ ନିକଟରୁ ବ୍ରାଉନସୁଗାର ସହ ନଗଦ ୨୪ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ବାବୁ ସୋର, ଭଦ୍ରକ, ସିମୁଳିଆ, ବାହାନଗା ଆଦି ଅଞ୍ଚଳର ଖୁଚୁରା ବ୍ୟବସାୟୀଙ୍କୁ ବ୍ରାଉନସୁଗାର ଯୋଗାଉଥିବାର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆୟୁଷ୍ମାନ୍ ପରିବାରବର୍ଗ


ଜାହ୍ନବୀ ପରିବାରବର୍ଗ


ଶାଶ୍ୱତ ପରିବାରବର୍ଗ


ଶୁଭମ୍ ପରିବାରବର୍ଗ


ସୋହମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"ଚାଷୀ ଆନ୍ଦୋଳନ ରାଜନୈତିକ ଦଳ ଦ୍ୱାରା ସୃଷ୍ଟି। ମିଥ୍ୟା ବିଶ୍ୱାସ ଉପରେ ଏହା ଆଧାରିତ।

**-ମୁଖ୍‌ତାର ଅବାସ ନକଭି, କେନ୍ଦ୍ର ମନ୍ତ୍ରୀ**

## ପ୍ରଥମ ପୃଷ୍ଠାରୁ...

### ଡିଏମ୍‌ଏଫ୍ ପାଣ୍ଠି...

ସର୍ବାଧିକ ଶତ ପ୍ରତିଶତ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ହୋଇଥିବାବେଳେ ମୟୂରଭଞ୍ଜରେ ୯୧%, ବରଗଡ଼ରେ ୮୮.୪୧%, କୋରାପୁଟରେ ୮୫%, ଅନୁଗୋଳରେ ୮୧.୩୦%, ଝାରସୁଗୁଡ଼ାରେ ୭୭.୬୨%, ସୁନ୍ଦରଗଡ଼ରେ ୬୩.୧୪%, କେନ୍ଦୁଝରରେ ୬୩.୮୦%, ଯାଜପୁରରେ ୫୫.୧୫% ଏବଂ ସମ୍ବଲପୁରରେ ୩୪.୪୫% ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ହୋଇଥିବା ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ଖଣିଜ ବହୁଳ ରାଜ୍ୟ ମଧ୍ୟରେ ଓଡ଼ିଶା ଦେଶରେ ସବୁଠାରୁ ଅଧିକ ଡିଏମଏଫ୍ ପାଣ୍ଠି ସଂଗ୍ରହ କରୁଥିବାବେଳେ ଓଡ଼ିଶା ତଳକୁ ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ରହିଛନ୍ତି। ହେଲେ ଖର୍ଚ୍ଚର ଧାରାକୁ ଦୃଷ୍ଟିରେ ରଖିଲେ ଛତିଶଗଡ଼ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସର୍ବାଧିକ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ କରି ଆଗରେ ରହିଛି। ଏହା ତଳକୁ ଓଡ଼ିଶା ଏବଂ ଝାଡ଼ଖଣ୍ଡ ରହିଛନ୍ତି। ୨୦୧୯ ମସିହା ଭଳି ୨୦୨୦ ମସିହାରେ ମଧ୍ୟ ଓଡ଼ିଶା ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚରେ ପଛରେ ପଡ଼ିଛି। ଖଣିଜ ଅଧିନିୟମ ମୁତାବକ ଡିଏମଏଫ୍ ପାଣ୍ଠିର ୪୦% ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ବ୍ୟବହାର ହେବାର ବ୍ୟବସ୍ଥା ଥିବାବେଳେ ୬୦% ଅର୍ଥ ପ୍ରମୁଖ କ୍ଷେତ୍ର ପାଇଁ ସଂରକ୍ଷିତ ରହିଥାଏ। ଅର୍ଥାତ୍ ପାଣ୍ଠିର ୬୦% କେବଳ ଖଣି ଅଞ୍ଚଳର ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରଯୁଜ୍ୟ ଏବଂ ବଳକା ରାଜ୍ୟର ହିତ ପାଇଁ ଲାଗିଥାଏ। ହେଲେ ଓଡ଼ିଶା ସରକାର ପ୍ରମୁଖ କ୍ଷେତ୍ର ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହି ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି। ଏପରିକି ଅବ୍ୟବହୃତ ଡିଏମ୍‌ଏଫ୍ ପାଣ୍ଠିକୁ କୋଭିଡ୍ ବିରୋଧୀ ଲଢେଇରେ ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ ମଧ୍ୟ ଅକ୍ଟୋବର ମାସ ସୁଦ୍ଧା ରାଜ୍ୟ ସରକାର ଏବାବଦରେ କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ୨୦୧୪ ଡିସେମ୍ବର ୨ରେ ଗଠିତ ହୋଇଥିବା ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ପରିଷଦ(ଓଏମ୍‌ବିଏଡିସି)କୁ ଜରିମାନା ସଂଗ୍ରହ ବାବଦ ୧୬,୨୯୯.୬୨ କୋଟି ଟଙ୍କା ଆସିଛି। ଖଣି ଜରିମାନା ବାବଦରେ ଯାଜପୁର ଜିଲାରୁ ସର୍ବାଧିକ ୭୯୬.୯୭ କୋଟି, କେନ୍ଦୁଝର ଜିଲାରୁ ୧୧୮୧୬.୦୮ କୋଟି, ମୟୂରଭଞ୍ଜରୁ ୧୬୮.୨୫ କୋଟି, ରାୟଗଡ଼ାରୁ ୩.୯୧ କୋଟି ଓ ସୁନ୍ଦରଗଡ଼ ଜିଲାରୁ ୩୫୧୪.୪୦ କୋଟି ଟଙ୍କାକୁ ମିଶାଇ ମୋଟ ୧୬,୨୯୯.୬୨ କୋଟି ଜରିମାନା ସଂଗ୍ରହ କରାଯାଇଛି। ତେବେ ସେଥିମଧ୍ୟରୁ ମାତ୍ର ୧୧,୪୩୭.୯୯ କୋଟି ଟଙ୍କା ଅର୍ଥାତ୍ ୭୦% ଖର୍ଚ୍ଚ ହୋଇପାରିଛି। ଏଥିରୁ ପାନୀୟ ଜଳ ଯୋଗାଣ ବାବଦରେ ସର୍ବାଧିକ ୫,୫୦୪.୮୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ୧,୯୫୧.୯୫ କୋଟି, ଲୋକଙ୍କ ଜୀବିକା ବିକାଶ ଲାଗି ୨୨୫.୬୫ କୋଟି, ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ୫୨୧.୯୭ କୋଟି, ଖଣିଜ ଅଞ୍ଚଳରେ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ରୋକିବା ଲାଗି ମାତ୍ର ୧୬.୬୫ କୋଟି, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ପ୍ରକଳ୍ପ ଲାଗି ୫୯୯.୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏହି ଅର୍ଥକୁ ଅଗ୍ରାଧିକାର ଭିତ୍ତିରେ କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ପ୍ରକଳ୍ପରେ ବ୍ୟୟ କରାଯାଇଥିବା ରାଜ୍ୟ ସରକାର କହିଛନ୍ତି।

ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଡିଏମ୍‌ଏଫ୍ ଖଣି ବିଭାଗ ଅଧୀନରେ ଥିବା ବେଳେ ଓଡ଼ିଶା ସରକାର ତାହାକୁ ଯୋଜନା ଓ ସଂଯୋଜନା ବିଭାଗ ଅଧୀନରେ ରଖିଥିବାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ହେଲେ ଡିଏମ୍‌ଏଫ୍ ଦ୍ୱାରା ସମ୍ପାଦିତ କାର୍ଯ୍ୟଗୁଡ଼ିକ ଉନ୍ନୟନମୂଳକ ଏବଂ ଯୋଜନା ସମ୍ପର୍କିତ ହୋଇଥିବାରୁ ସରକାରୀସ୍ତରରେ ନିୟମ ପ୍ରଣୟନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଯୋଜନା ଓ ସଂଯୋଜନା ବିଭାଗ ଦ୍ୱାରା ସମ୍ପାଦିତ ହେବ ଏବଂ ନିୟମ ପ୍ରଣୟନ କାର୍ଯ୍ୟ ପୂର୍ବଭଳି ଖଣି ଓ ଇସ୍ପାତ ବିଭାଗ ଅଧୀନରେ ରହିବ ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଡିଏମ୍‌ଏଫ୍‌କୁ ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରିବା ପାଇଁ କୌଣସି ଯୋଜନା ନ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଏଥର ଧନୁଯାତ୍ରା...

ମଧ୍ୟରେ ଯୁଦ୍ଧ ଚାଲିଥିଲା ଏବଂ ସେହି ସମୟରେ ଧନୁଯାତ୍ରା ବନ୍ଦ ନିଷ୍ପତ୍ତି ହୋଇଥିବା ନେଇ ପୂର୍ବ ଆୟୋଜକଙ୍କଠାରୁ ସେ ଶୁଣିଥିବା ଶତପଥୀ ପ୍ରକାଶ କରିଛନ୍ତି।

### ଆଜିଠାରୁ ୨୪ଘଣ୍ଟିଆ...

ସୁବିଧା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଦୈନିକ ଏଥିରେ ୬.୩୫ ଲକ୍ଷ ସଂଖ୍ୟକ ଟ୍ରାଞ୍ଜାକଶନ ହେଉଛି। ଏହାର ମୋଟ ମୂଲ୍ୟ ପ୍ରାୟ ୪.୧୭ ଲକ୍ଷ କୋଟି ଟଙ୍କା ହେବ। ଏଥିରେ ୨୩୭ ବ୍ୟାଙ୍କ ଅଂଶ ଗ୍ରହଣ କରୁଛନ୍ତି।

### କ୍ଷତିପୂରଣ ମାଗିଲେ...

ବହିର୍ଭୂତ କାର୍ଯ୍ୟାନୁଷ୍ଠାନ ବେଳେ ଉକ୍ତ ଗ୍ରାମର ୧୦ ଜଣ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ୩୫ ବର୍ଷୀୟ ରୋହିଙ୍ଗ୍ୟା ମୁସଲମାନ ଶୋକେତ ଉଲ୍ଲା। ତାଙ୍କ ୨୩ ବର୍ଷୀୟା ବିଧବା ସ୍ତ୍ରୀ ସେତାରା ବେଗମ୍ କହିଛନ୍ତି, ମୋ ସ୍ୱାମୀଙ୍କୁ ସେନା ହତ୍ୟା କରିଛି। କିନ୍ତୁ ସରକାର ସେହି ସୈନ୍ୟମାନଙ୍କୁ ଛାଡ଼ିଦେଇଛନ୍ତି। ମୋ ଭଳି ହଜାର ହଜାର ମହିଳା ସେମାନଙ୍କ ସ୍ୱାମୀଙ୍କୁ ହରାଇଛନ୍ତି। ମୁଁ କେବଳ ମୋ ସ୍ୱାମୀଙ୍କ ପାଇଁ ଲଢ଼େଇ କରୁନାହିଁ, ସମସ୍ତ ରୋହିଙ୍ଗ୍ୟା ବିଧବାଙ୍କ ଲାଗି ନ୍ୟାୟ ଦାବି କରୁଛି। ଅନ୍ୟପକ୍ଷେ ଏହି ହତ୍ୟା ପାଇଁ ଦାୟୀ ଥିବା ସୈନ୍ୟମାନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା। କିନ୍ତୁ ବର୍ଷେ ଭିତରେ ସେମାନଙ୍କୁ ଛାଡ଼ିଦିଆଯାଇଥିବା ସେନା ପକ୍ଷରୁ କୁହାଯାଇଛି। ଏପରି କି ଏହି ଗଣହତ୍ୟା ପାଇଁ ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକମାନଙ୍କୁ ଦେଶର ଗୋପନୀୟ ତଥ୍ୟ ହାସଲ ଅଭିଯୋଗରେ ୧୬ ମାସରୁ ଅଧିକ ସମୟ ଧରି ଜେଲରେ ରଖାଯାଇଥିଲା। ମ୍ୟାନ୍‌ମାରରେ ମାନବାଧିକାର ଉଲ୍ଲଂଘନ କିପରି ସୀମା ଟପିଛି ତାହା ଏହି ଘଟଣା ବୟାନ କରୁଛି। ସେତାରାଙ୍କ ପକ୍ଷରୁ ମ୍ୟାନ୍‌ମାର ମାନବାଧିକାର କମିଶନଙ୍କ ନିକଟରେ ସରକାରଙ୍କଠାରୁ କ୍ଷତିପୂରଣ ପାଇଁ ଆବେଦନ କରାଯାଇଥିବା ଲିଗାଲ ଆକ୍ସନ ୱାର୍ଲ୍ଡୱାଇଡ୍ (ଏଲ୍‌ଏଡବ୍ଲ୍ୟୁ) ସୂଚନା ଦେଇଛି। ସେତାରା ବେଗମ୍‌ଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଜେନେଭାସ୍ଥିତ ଏହି ଅଣଲାଭକାରୀ ଆଇନ ପରାମର୍ଶଦାତା ସଂସ୍ଥା ସ୍ପଷ୍ଟ କରିଛି। ତେବେ ଏହି ପ୍ରସଙ୍ଗରେ ମାନବାଧିକାର ଆୟୋଗ ପ୍ରତିନିଧିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ପ୍ରକାଶ ଯେ, ୨୦୧୭ରେ ସେନା କାର୍ଯ୍ୟାନୁଷ୍ଠାନ ବେଳେ ୭୩୦,୦୦୦ ରୋହିଙ୍ଗ୍ୟା ପଡ଼ୋଶୀ ବାଂଲାଦେଶକୁ ଚାଲିଯାଇଥିଲେ। ସେତେବେଳେ ଏହି ଘଟଣାକୁ ଜାତିସଂଘ ଗଣହତ୍ୟା ବୋଲି ନିନ୍ଦା କରିଥିଲା। ଏହି ମାମଲା ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)ରେ ବିଚାରାଧୀନ ଅଛି। ଅନ୍ତର୍ଜାତୀୟ ଆପରାଧିକ ଅଦାଲତ ଏହାକୁ ମାନବତା ବିରୋଧରେ ଅପରାଧ ବିବେଚନା କରି ତଦନ୍ତ ଅନୁମତି ଦେଇଛନ୍ତି। ଅନ୍ୟପକ୍ଷରେ ମ୍ୟାନ୍‌ମାର ଗଣହତ୍ୟାକୁ ଖଣ୍ଡନ କରିଆସିଛି। ଥାନାଗୁଡ଼ିକ ଉପରେ ଆକ୍ରମଣ କରିଥିବା ଉଗ୍ରପନ୍ଥୀଙ୍କ ଉପରେ ସେନା ଆଇନଗତ ସିକ୍ୟୁରିଟି ଅପରେଶନ ଚଳାଇଥିଲା ବୋଲି ସରକାର ପ୍ରକାଶ କରିଛନ୍ତି। ଷ୍ଟେଟ୍ କାଉନ୍ସେଲର ଅଙ୍ଗ୍ ସାନ୍ ସ୍ୟୁ କୀ କହିଛନ୍ତି, କୌଣସି ପ୍ରକାର ମାନବାଧିକାର ଉଲ୍ଲଂଘନ ହୋଇଥିଲେ ମ୍ୟାନ୍‌ମାର ନ୍ୟାୟ ବ୍ୟବସ୍ଥା ଅନୁସାରେ ତା'ର ବିଚାର କରାଯିବ। ମାନବାଧିକାର କମିଶନରେ ଅଭିଯୋଗ ଦାଖଲ ପାଇଁ ଗତ ବର୍ଷ ସରକାର ରୋହିଙ୍ଗ୍ୟାମାନଙ୍କୁ ପରାମର୍ଶ ଦେଇଥିଲେ। ଇନ୍ ଡିନ୍‌ରେ ହତ୍ୟାକୁ ନେଇ ସୈନ୍ୟଙ୍କୁ କ୍ଷମା ଦିଆଯିବା ନେଇ ମ୍ୟାନ୍‌ମାରରେ ଆମ ମଧ୍ୟରୁ ଅନେକେ ଦୁଃଖିତ ବୋଲି ଗତବର୍ଷ ଡିସେମ୍ବରରେ ଆଇସିଜେରେ ଶୁଣାଣି ବେଳେ ସ୍ୟୁ କୀ କହିଥିଲେ।

### ସୀମା ଲଂଘିଥିଲା...

ଅନ୍ୟ କେତେକ ରାଷ୍ଟ୍ରରେ ମଧ୍ୟ ବହୁସଂଖ୍ୟକ ରୋହିଙ୍ଗ୍ୟା ଶରଣ ନେଇଥିଲେ। ଏହା ଥିଲା ସାମ୍ପ୍ରତିକ ସମୟରେ ଦକ୍ଷିଣପୂର୍ବ ଏସିଆର ଇତିହାସରେ ମାନବାଧିକାର ଉଲ୍ଲଂଘନର ସବୁଠୁ କଳଙ୍କିତ ଅଧ୍ୟାୟ। ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲଠାରୁ ନେଇ ଜାତିସଂଘ ପର୍ଯ୍ୟନ୍ତ ଅନେକ ଅନ୍ତର୍ଜାତୀୟ ସଂସ୍ଥା ମାନବତା ବିରୋଧରେ ଏହି ଅପରାଧକୁ ନେଇ କଡ଼ା ସମାଲୋଚନା କରିଥିଲେ। ଏପରି କି ଏହି ପ୍ରସଙ୍ଗରେ ମ୍ୟାନ୍‌ମାର ଷ୍ଟେଟ୍ କାଉନ୍‌ସେଲର ତଥା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଅଙ୍ଗ୍ ସାନ୍ ସ୍ୟୁ କୀଙ୍କ ନୀରବତାକୁ ନେଇ ତାଙ୍କୁ ଅନ୍ତର୍ଜାତୀୟ ସମୁଦାୟ ଆଗରେ ଅପଦସ୍ଥ ହେବାକୁ ପଡ଼ିଥିଲା।

### ଆଜି...

ଅନଶନରେ ବସିବେ। ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ। କୃଷକ ନେତାମାନେ ଯେଉଁଠି ଥିବେ ସେହିଠାରେ ଅନଶନରେ ବସିବାକୁ କୁହାଯାଇଛି। ଏଥିସହିତ ଦେଶର ସମସ୍ତ ଜିଲା ସଦର ମହକୁମାରେ କୃଷକମାନେ ଧାରଣାରେ ବସିବେ।

କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଅନଶନରେ ବସିବେ ବୋଲି କହିଛନ୍ତି। ତାଙ୍କ ସହିତ ଅନଶନରେ ଯୋଗଦେବା ଲାଗି ସେ ଆମ୍ ଆଦ୍‌ମୀ ପାର୍ଟିର କର୍ମୀ ଓ ସମର୍ଥକମାନଙ୍କୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିନେବା ସହ କୃଷକଙ୍କୁ ସର୍ବାଧିକ ସହାୟକ ମୂଲ୍ୟ ଦେଇପାରୁଥିବା ନୂଆ ବିଲ୍ ଆଣିବା ପାଇଁ ଦାବି କରିଛନ୍ତି। ଆନ୍ଦୋଳନରତ କୃଷକମାନଙ୍କ ସମର୍ଥନରେ ଏଏପିର ସମସ୍ତ ସମର୍ଥକ ଓ ଜନସାଧାରଣ ସୋମବାର ଗୋଟିଏ ଦିନ ଅନଶନ କରିବାକୁ କେଜ୍‌ରିୱାଲ ପରାମର୍ଶ ଦେଇଛନ୍ତି।

କେତେକ କୃଷକ ସଂଗଠନ ଆନ୍ଦୋଳନରୁ ଓହରିଯାଇ ସେମାନେ ଆଇନକୁ ସମର୍ଥନ କରୁଥିବା କହିଛନ୍ତି। ସେମାନେ ଆମ ସହ ନ ଥିଲେ ବୋଲି କୃଷକ ନେତା ଗୁର୍‌ନାମ ସିଂ ଚାଡୁନି ସ୍ପଷ୍ଟୀକରଣ ଦେଇଛନ୍ତି। ସେମାନଙ୍କ ମାଧ୍ୟମରେ ସରକାର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଚାଡୁନି କହିଛନ୍ତି। ଦିଲ୍ଲୀ ଯାଉଥିବା କୃଷକମାନଙ୍କୁ ପୋଲିସ ଅଟକାଉଛି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅନ୍ୟତମ କୃଷକ ନେତା ଶିବକୁମାର କାକ୍କା କହିଛନ୍ତି। ଯଦି ସରକାର ଆଲୋଚନା ପାଇଁ ଆଉ ଏକ ପ୍ରସ୍ତାବ ଦିଅନ୍ତି ତେବେ କମିଟି ତାହା ଉପରେ ନିଷ୍ପତ୍ତି ନେବ ବୋଲି ରାକେଶ ଟିକାୟତ କହିଛନ୍ତି।

ରବିବାର ଚାଷୀମାନେ ରାଜସ୍ଥାନ-ହରିୟାଣା ସୀମା ଅଲୱାର ଜିଲାର ଶାହଜାହାନପୁରରୁ ଟ୍ରାକ୍ଟର ଶୋଭାଯାତ୍ରା ବାହାର କରିବାରୁ ଦିଲ୍ଲୀ-ଜୟପୁର ଜାତୀୟ ରାଜପଥକୁ ୩ ଘଣ୍ଟା ପାଇଁ ବନ୍ଦ କରିଦିଆଯାଇଥିଲା। ଅପରାହ୍ନ ୨ଟାରୁ ଏହାକୁ ଆଂଶିକ ଖୋଲାଯାଇଛି। ରାଜସ୍ଥାନରୁ ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ବାହାରିଥିବା କୃଷକମାନଙ୍କ ସହ ସାମାଜିକ କର୍ମୀ ମେଧା ପାଟକର ସାମିଲ ହୋଇଥିଲେ। ଦିଲ୍ଲୀ ଯାଉଥିବା ହଜାର ହଜାର ଚାଷୀଙ୍କୁ ପୋଲିସ ହରିୟାଣାର ରେୱାରୀ ସୀମାରେ ଅଟକାଇଥିଲା। ସେହିପରି ରାଜସ୍ଥାନର ନିମ୍ରାନାରୁ ଆସୁଥିବା ଅନ୍ୟ ଏକ କୃଷକ ଶୋଭାଯାତ୍ରାକୁ ମଧ୍ୟ ହରିୟାଣା ସୀମାରେ ଅଟକାଯାଇଥିଲା। ଅନ୍ୟପକ୍ଷରେ ସାରା ଦେଶର କୃଷକ ସୋମବାର ଦିନକ ପାଇଁ ଅନଶନ କରିବେ ବୋଲି ସିଂଘୁ ସୀମାରେ ଆନ୍ଦୋଳନରେ ବସିଥିବା ଚାଷୀ ନେତା କହିଛନ୍ତି। ତେବେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ ବୋଲି କୃଷକ ନେତା ବଳଦେବ ସିଂ ସିର୍ସା କହିଛନ୍ତି।

### ପହିଲାରୁ ନୂଆ...

ଏହା ଧରିନିଏ। ପରେ ଏହାର ନିରାକରଣ ନେଇ ବ୍ୟବସ୍ଥା କରାଯାଏ। ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)କୁ ସିଟିଏସ୍ ଅଧୀନରେ ପଜିଟିଭ ପେ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ବ୍ୟାଙ୍କଗୁଡ଼ିକୁ ଏହା ଉପଲବ୍ଧ ହେବା ପରେ ବର୍ତ୍ତମାନ ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କୁ ଉକ୍ତ ସୁବିଧା ଯୋଗାଇବେ। ଫଳରେ ୫ ଲକ୍ଷ କିମ୍ବା ଏହାଠାରୁ ଅଧିକ ମୂଲ୍ୟର ଚେକ୍ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଏହାକୁ ବାଧ୍ୟତାମୂଳକ କରିବା ଲାଗି ନିଷ୍ପତ୍ତି ନେଇ ପାରନ୍ତି। ଯେଉଁ ଚେକ୍‌ସବୁ ନିୟମ ଅନୁପାଳନ କରୁଥିବେ ସେସବୁ ସିଟିଏସ୍ ଗ୍ରୀଡ୍‌ର ବିବାଦ ସମାଧାନ ବ୍ୟବସ୍ଥା ଅଧୀନରେ ବିଚାର ଲାଗି ଗ୍ରହଣ କରାଯିବ। ସିଟିଏସ୍ ନିୟମ ବାହାରେ ମଧ୍ୟ ଚେକ୍ ଗ୍ରହଣ ଏବଂ କ୍ଲିୟରିଂ କ୍ଷେତ୍ରରେ ବ୍ୟାଙ୍କ ସମାନ ପ୍ରକାର ବ୍ୟବସ୍ଥା ଗ୍ରହଣ କରିପାରିବେ। ପଜିଟିଭ ପେ ସିଷ୍ଟମ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ବ୍ୟାଙ୍କଗୁଡ଼ିକୁ କୁହାଯାଇଛି।

### ସିଙ୍ଗାରାମ ଜଙ୍ଗଲରେ...

ଯବାନମାନେ ତୁରନ୍ତ ଏହାର ପାଲଟା ଜବାବ ଦେଇଥିଲା। ପ୍ରାୟ ୨ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷରେ ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଶିବିର ଛାଡ଼ି ପଳାଇଥିଲେ। ପରେ ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେଶନ କରିବାରୁ ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଏଥିସହ ସେଠାରୁ ଏସ୍‌ଏଲ୍‌ଆର୍ ବନ୍ଧୁକ, ଗୋଟିଏ ଇନ୍‌ସାସ୍ ରାଇଫଲ୍, ଗୋଟିଏ ମାଗ୍‌ଜିନ୍, ୩ଟି ଇନ୍‌ସାସ୍ ମାଗ୍‌ଜିନ୍, ୨୧ ରାଉଣ୍ଡ ୫.୫୬ ଏମ୍‌ଏମ୍ ଗୁଳି, ୯ ରାଉଣ୍ଡ ୭.୬୨ ଏମ୍‌ଏମ୍ ଗୁଳି, ମାଗ୍‌ଜିନ୍ ପାଉଚ୍ ଗୋଟିଏ, ୱାକିଟାକି ସହ ବ୍ୟାଟେରି, ଚାର୍ଜର, କ୍ୟାମେରା ଫ୍ଲାସ୍, ୧୫ ଡିଟୋନେଟର, ଗୋଟିଏ ଆଣ୍ଟି ଭେନମ୍ (ଇଞ୍ଜେକ୍ସନ୍), ୩ଟି କିଟ୍ ବ୍ୟାଗ୍, ଔଷଧ, ମାଓବାଦୀ ପୁସ୍ତିକା, ଷ୍ଟାପ୍‌ଲର, ଲାଇଟର, ସାଲୁବା, ମେକପ୍ କିଟ୍ ଆଦି ଜବତ କରାଯାଇଛି। ଘଟଣା ପରଠୁ ଉକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନକୁ ଆହୁରି ଜୋର୍‌ଦାର କରାଯାଇଛି। ଲଢ଼େଇ କରିଥିବା କୋମ୍ବିଂ ଟିମ୍ ଫେରିବା ପରେ ସମସ୍ତ ବିବରଣୀ ଜଣାପଡିବ ବୋଲି ଏସ୍‌ପି ଖିଲାରି କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଡିଜିପି ଅଭୟ ରବିବାର କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଓବାଦୀମାନେ ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି।

## ପୁଞ୍ଛ୍‌ରେ ୨ ଆତଙ୍କବାଦୀ ନିହତ

**ଜମ୍ମୁ, ୧୩।୧୨(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ଅନ୍ତର୍ଗତ ସୁରନକୋଟ୍‌ରେ ରବିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ଅନ୍ୟ ଜଣେ ଗିରଫ ହୋଇଛି। ଏମାନେ ତିନିଦିନ ପୂର୍ବରୁ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି ପୁଞ୍ଛ୍‌ରେ ଅନୁପ୍ରବେଶ କରିଥିଲେ। ସେମାନେ ଶୋପିଆନ୍ ଜିଲା ଅଭିମୁଖେ ଯାଉଥିବାବେଳେ ମୋଗଲ ରୋଡ୍‌ର ଏକ ବରଫାବୃତ୍ତ ଅଞ୍ଚଳରେ ସେମାନଙ୍କୁ ଅଟକାଯାଇଥିଲା। ଜମ୍ମୁ-କଶ୍ମୀରରେ ଡିଡିସି ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଚାଲିଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ପାକିସ୍ତାନ ଉଦ୍ୟମ ଚଳାଇଛି। ଲଶ୍କର-ଇ-ତୋଇବା ଏବଂ ଜୈଶ୍-ଇ-ମହମ୍ମଦ ସଂଗଠନର ଏହି ମିଳିତ ଗ୍ରୁପ୍ ନିର୍ବାଚନରେ ବାଧା ସୃଷ୍ଟି କରିବା ଲାଗି ଆସିଥିବା ବିଶ୍ୱାସ କରାଯାଉଛି। ୩ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବର ପାଇବା ପରେ ସେମାନଙ୍କୁ ଧରିବା ପାଇଁ ସେନା ଯବାନ ଓ ପୋଲିସ ମିଳିତ ତଲାସି ଅଭିଯାନ ଚଳାଇଥିଲେ। ବରଫାବୃତ୍ତ ଅଞ୍ଚଳରେ ଅଟକି ଯାଇଥିବା ଆତଙ୍କବାଦୀମାନଙ୍କୁ ଆତ୍ମସମର୍ପଣ ପାଇଁ କୁହାଯାଇଥିଲା। ସେମାନେ ଏଥିପାଇଁ ରାଜି ନ ହୋଇ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଜବାବ ଦେଇଥିଲେ। ନିହତ ଦୁଇ ଆତଙ୍କବାଦୀ ପାକିସ୍ତାନୀ ବୋଲି ସନ୍ଦେହ କରାଯାଉଥିବାବେଳେ ସେମାନଙ୍କ ପରିଚୟ ମିଳିନାହିଁ। ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ତିକ୍ତତାର ସମାପ୍ତି ଘଟାଇବେ। ବନ୍ଧୁଙ୍କ ସହ ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ମିଳିବ।

**ବୃଷ** ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢାଇବେ। ଅଫିସରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ ସତ୍ୟ କହିବା ଦ୍ୱାରା ତିକ୍ତତା ସୃଷ୍ଟି ହେବ। ସକାଳୁ କର୍ମାରମ୍ଭ ପାଇଁ ପରିବାରରୁ ସହଯୋଗ ପାଇବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ମନ କଥା ମନରେ ରଖି କାମ ନ କଲେ କଳହର ସମ୍ମୁଖୀନ ହେବାକୁ ପଡିବ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା ବୃଦ୍ଧି ପାଇବ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳ ହେବେ।

**ସିଂହ** ବିଭିନ୍ନ ଯୋଜନା କରିବେ ସିନା ପାଦେ ମାତ୍ର ଆଗକୁ ଯାଇ ପାରିବେ ନାହିଁ। ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କଲେ ଫଳ ଓଲଟା ପାଇବେ। କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରି ଖୁସି ହେବେ।

**କନ୍ୟା** ଆଜି କିଛି ପାଇବାକୁ ହେଲେ କିଛି ଦେବାକୁ ଚେଷ୍ଟା କରନ୍ତୁ, ଅନ୍ୟଥା ନିରାଶରେ ଘୂରି ବୁଲିବାକୁ ପଡିବ। ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଳସ୍ୟ ଯୋଗୁଁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ବିଭିନ୍ନ ପ୍ରକାରର ଚିନ୍ତା ଓ କଳ୍ପନା କରି ମାନସିକ ଭାରସାମ୍ୟ ହରାଇବେ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ କରିପାରିବେନି। ଶତ୍ରୁଠାରୁ ଦୂରତା ରଖି କାମ ନ କଲେ ହଇରାଣ ହେବେ। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ। ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ।

**ବିଛା** ଦୀର୍ଘଦିନ ଧରି ଅଟକି ରହିଥିବା କାମ ଜଣେ ବନ୍ଧୁଙ୍କ ସହାୟତାରେ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରୟତ୍ନ କରି ସଫଳତା ପାଇବେ। ପରିବାର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ପଡୋଶୀଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାମାନଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱରେ ଆନନ୍ଦିତ ହେବେ। ଯାତ୍ରା ପୂର୍ବରୁ ଗାଡିକୁ ପରଖି ନିଅନ୍ତୁ। ଆପଣଙ୍କ ସମ୍ପର୍କରେ ବନ୍ଧୁଗହଣରେ ଟୁପ୍ ଟାପ୍ କଥା ଶୁଣି ମନରେ ଛନକା ପଶିପାରେ।

**ମକର** ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢାରେ ସୁଫଳ ପାଇବେ। ଘରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**କୁମ୍ଭ** ପ୍ରତ୍ୟେକ କାମ ଓ କଥାରେ ସଂଯମତା ରକ୍ଷା ନ କଲେ କଳହ ସୃଷ୍ଟି ହେବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର, ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କହାନି ଚିନ୍ତାର କାରଣ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତି ବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ।

ଆଜି ମାର୍ଗଶିର ମାସର ମହୋଦଧି ଅମାବାସ୍ୟା ସୋମବାର, ମଧ୍ୟ ଦେବଦୀପାବଳି, ଶ୍ରୀମନ୍ଦିରରେ ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୧୬ମି. ଗତେ ଘ.୦୭.୪୩ମି. ମଧ୍ୟେ, ଘ.୦୯.୦୯ମି. ଗତେ ଘ.୧୧.୧୯ମି. ମଧ୍ୟେ, ଘ.୦୩.୪୨ମି. ଗତେ ଘ.୦୫.୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୩୭ମି. ଗତେ ଘ.୦୮.୫୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର **AIIMS Hospital** ନିକଟରେ **30'** ରାସ୍ତାଥାଇ **plot immediate registration/ possession. 9937819395.** D-70117

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339.** D-70122

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

**GENERAL**

**SALE**

**1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801.** D-19207




Commercial space 1000sqft. ground floor, first floor, Bapuji Nagar, Bhubaneswar. 9556700943. D-70201




**Newly open Saikrupa Panchakarma and Spa. Contact: 8984068077.** D-19124

Revitalize your self with our ayurvedic massage and refreshment, Call: 7381239385. D-70055

Experience full body massage with expert therapists. Call: 7377048581. D-70056

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Refreshing your mind & body with best therapy at Lotus Spa. 8018234866 D-69592

Newly open full body massage Ladies and Gents. 9337349409. D-69591

Swarna SPA newly open positively health benefits with expert therapist. 9556978408. D-70047


**AFFIDAVIT**

By virtue of an affidavit before the Executive Magistrate, Kalimela, on dated- 11/12/2020. I, Antali Aditya Alpha, S/o - Antali Prabhakar Rao, changed my name from Antali Aditya Alpha to Aditya Hantala. By virtue of an affidavit No. - 1806/2011, dated- 14/10/2011, before the Notary Public, Malkangiri, my father has changed his name from Antali Prabhakar Rao to Prabhakar Hantal. Accordingly I also desire to use the same surname as used by my father Sri Prabhakar Hantal. Henceforth I will be known as Aditya Hantala for all purposes and records. A. Aditya Alpha and Aditya Hantala is one and same person.

Sd/- Aditya Hantala
D-19229

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଆଇଆରସିଟିସି ପଠାଇଛି ୨ କୋଟି ଇ-ମେଲ୍**

ନୂଆ କୃଷି ଆଇନକୁ ବିରୋଧ କରି ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ ପ୍ରମୁଖ ରାଜ୍ୟର କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ଆନ୍ଦୋଳନରତ ଶିଖ୍ କୃଷକଙ୍କୁ ମନାଇବାକୁ ଉଦ୍ୟମ କରାଯାଉଛି। ଶିଖ୍‌ମାନଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩ ପଦକ୍ଷେପ ନେଇଥିବା ସମ୍ପର୍କରେ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ(ଆଇଆରସିଟିସି) ଏହାର ଗ୍ରାହକଙ୍କୁ ପ୍ରାୟ ୨ କୋଟି ଇ-ମେଲ କରିଛି। ଗତ ୮ରୁ ୧୨ ତାରିଖ ମଧ୍ୟରେ ଏହି ମେଲ୍ ପଠାଯାଇଛି। ଏଥିରେ ହିନ୍ଦୀ, ଇଂଲିଶ ଏବଂ ପଞ୍ଜାବୀ ଭାଷାରେ ୪୭ ପୃଷ୍ଠା ସମ୍ବଳିତ ବୁକ୍‌ଲେଟ ପଠାଯାଇଥିବା ଜଣାପଡିଛି।

# ‘ବ୍ଲୁ ଫ୍ଲାଗ୍’ ଦୌଡ଼ରେ ଆଉ ୪ ବେଳାଭୂମି

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

‘ବ୍ଲୁ ଫ୍ଲାଗ୍’ ଦୌଡ଼ରେ ସାମିଲ ହେବାକୁ ଯାଉଛି ଓଡ଼ିଶାର ଆଉ ୪ ବେଳାଭୂମି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ବେଳାଭୂମି ପର୍ଯ୍ୟଟନର ଗୁରୁତ୍ୱ ବୃଦ୍ଧି କରିବାକୁ ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ନେଇଛନ୍ତି। ପୁରୀର ୨ ଓ ଗଞ୍ଜାମର ୨ ବେଳାଭୂମିକୁ ‘ବ୍ଲୁ ଫ୍ଲାଗ୍’ ମାନ୍ୟତା ପାଇଁ ଉଦ୍ୟମ ଚାଲିଛି। ଏହି ବେଳାଭୂମିଗୁଡ଼ିକୁ ବିଶ୍ୱର ସବୁଠାରୁ ସୁରକ୍ଷିତ ତଥା ପରିବେଶ ଅନୁକୂଳ ବେଳାଭୂମି ଭାବେ ବିକଶିତ କରିବାକୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାବାଦ୍ ୪୮୫ କି.ମି.ର ସୁଦୀର୍ଘ ବେଳାଭୂମିକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରିବାକୁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛନ୍ତି।

ପୁରୀର ଗୋଲ୍ଡେନ୍ ବିଚ୍‌କୁ ‘ବ୍ଲୁ ଫ୍ଲାଗ୍’ ମାନ୍ୟତା ମିଳିବା ପରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ତର୍ଜାତୀୟସ୍ତରରେ ପୁରୀ ବେଳାଭୂମିକୁ ଏକ ନୂଆ ପରିଚୟ ମିଳିଛି। ଡେନ୍‌ମାର୍କସ୍ଥିତ ଫାଉଣ୍ଡେଶନ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଏଜୁକେଶନ୍(ଏଫ୍‌ଇଇ) ପକ୍ଷରୁ ପୁରୀ ବେଳାଭୂମିର ପରିବେଶ, ପାଣିର ସ୍ୱଚ୍ଛତାର ମାନ, ପର୍ଯ୍ୟଟକଙ୍କୁ ଉନ୍ନତମାନର ସେବା ସହ ସୁରକ୍ଷା ସମେତ ୩୩ଟି ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପ୍ରଦାନ କରାଯାଇଛି। ୨୦୧୮ରେ ଭାରତ ପ୍ରଥମଥର ପାଇଁ ବ୍ଲୁ ଫ୍ଲାଗ୍ ବିଚ୍ ଦୌଡ଼ରେ ସାମିଲ ହୋଇଥିବାବେଳେ ମାତ୍ର ୨ବର୍ଷରେ ଦେଶର ୮ଟି ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିଛି। ତେବେ ରାଜ୍ୟର ଏକମାତ୍ର ପୁରୀ ବେଳାଭୂମି ଏହି ମାନ୍ୟତା ପାଇଛି। ବ୍ଲୁ ଫ୍ଲାଗ୍ ମାନ୍ୟତା ପାଇଁ ପରିବେଶ ଦୃଷ୍ଟିକୋଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଗଞ୍ଜାମ ଗୋପାଳପୁରସ୍ଥିତ ହରିପୁର ବିଚ୍ ଓ ସୋନପୁର ବେଳାଭୂମି ଏହି ସମସ୍ତ ମାନଦଣ୍ଡ ପୂରଣ କରୁଛି। ସେହିଭଳି ପୁରୀର ମୁହାଣ ବିଚ୍ ଓ ବାଙ୍କୀ ନିକଟ ବିଚ୍‌କୁ ବ୍ଲୁ ଫ୍ଲାଗ୍ ମାନ୍ୟତା ଦେବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ୨୦୨୧ ସୁଦ୍ଧା ପୁରୀର ଗୋଲ୍ଡେନ୍ ବିଚ୍‌କୁ ମିଶାଇ ମୋଟ ୫ଟି ସମୁଦ୍ର ବେଳାଭୂମି ପାଇଁ ବ୍ଲୁ ଫ୍ଲାଗ୍ ମାନ୍ୟତା ଆଣିବାକୁ ଯୋଜନା ରହିଛି। ଏଥିଲାଗି ମନୋନୀତ ହୋଇଥିବା ବେଳାଭୂମିଗୁଡ଼ିକର ପ୍ରାୟ ୪୦୦ ମିଟର ଅଞ୍ଚଳକୁ ବ୍ଲୁ ଫ୍ଲାଗ୍ ବିଚ୍‌ଭାବେ ବିକଶିତ କରାଯିବ। ଏହି ଅଞ୍ଚଳରେ ସୋଲାର ଲାଇଟ୍, କାଠ ନିର୍ମିତ ଶୌଚାଳୟ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ, ସୁରକ୍ଷିତ ବାଥିଂ ଜୋନ୍, ବିଚ୍ ସୌନ୍ଦର୍ଯ୍ୟକରଣ, ବୃକ୍ଷରୋପଣ ଭଳି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ। ନିକଟରେ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପର ବିଶେଷଜ୍ଞ ଦଳ ହରିପୁର ଓ ସୋନପୁର ବେଳାଭୂମି ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ବିକାଶ କାର୍ଯ୍ୟ କରାଯିବା ନେଇ ସୂଚନା ମିଳିଛି। ଏହାବାଦ୍ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଗୁରୁତ୍ୱ ରଖୁଥିବା ରାଜ୍ୟର ଆହୁରି ୩ରୁ ୪ଟି ବିଚ୍‌କୁ ବ୍ଲୁ ଫ୍ଲାଗ୍ ଷ୍ଟାଣ୍ଡାର୍ଡ ଅନୁଯାୟୀ ବିକଶିତ କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଯୋଜନା କରିଛି। ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବ୍ଲୁ ଫ୍ଲାଗ୍ ବିଚ୍ ସହାୟକ ହେଉଥିବାରୁ ଏହାଦ୍ୱାରା ରାଜ୍ୟରେ ବିଚ୍ ଟୁରିଜମ୍‌ର ଲୋକପ୍ରିୟତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବାଲେଶ୍ୱରର ତାଳସାରୀ ବେଳାଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ସୂଚନା ମିଳିଛି।

# କରୋନା: ୩୯୩ ଆକ୍ରାନ୍ତ, ୫ ମୃତ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ରାଜ୍ୟରେ କରୋନା ନମୁନା ପରୀକ୍ଷା ସଂଖ୍ୟା ୬୩,୭୮,୭୮୪ରେ ପହଞ୍ଚିଛି। ଏହାର ମାତ୍ର ୫.୦୮% ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ୩୩,୦୭୯ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିମଧ୍ୟରୁ ୩୯୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୨୮ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୧୬୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳର ସର୍ବାଧିକ ୪୭ଜଣ ରହିଥିବାବେଳେ ବୌଦ୍ଧ ଓ ମାଲକାନଗିରିରେ ସର୍ବନିମ୍ନ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟର ତିନୋଟି ଜିଲାରୁ ଆଦୌ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ବର୍ତ୍ତମାନ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୨୩,୭୫୭କୁ ବୃଦ୍ଧି ପାଇଛି।

ଅପରପକ୍ଷରେ ଆଉ ୫ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ ମୟୂରଭଞ୍ଜରୁ ଦୁଇଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼ରୁ ଜଣେ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୮୦୭ରେ ପହଞ୍ଚିଛି। ସେହିପରି ପ୍ରତିଦିନ ଭଳି ରବିବାର ଆଉ ୩୮୬ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୩,୧୯,୦୬୯କୁ ବୃଦ୍ଧି ପାଇଛି।

DSPL-127

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଶକ୍ତି ସଂରକ୍ଷଣ ଓ ଏହାର ସୁବିନିଯୋଗ ଏକ ପ୍ରଗତିଶୀଳ ରାଷ୍ଟ୍ରର ବିକାଶ ଓ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ । ସେଥିପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ **ଜାତୀୟ ଶକ୍ତି ସଂରକ୍ଷଣ ଦିବସ** ଭାବରେ ପାଳନ କରାଯାଏ । ଶକ୍ତି ସଂରକ୍ଷଣ ଓ ସୁବିନିଯୋଗ ସମ୍ବନ୍ଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଦ୍ୟୁତ ବ୍ୟବହାରରେ ଶୃଙ୍ଖଳା, ଉଚ୍ଚ ଦକ୍ଷତା ସମ୍ପନ୍ନ ବିଦ୍ୟୁତ ଉପକରଣ ବ୍ୟବହାର ଓ ନବୀକରଣ ଯୋଗ୍ୟ ଶକ୍ତିର ବହୁଳ ବ୍ୟବହାର ଦ୍ୱାରା ଶକ୍ତି ସଂରକ୍ଷଣ ହେବା ସହିତ ପରିବେଶ ମଧ୍ୟ ସୁରକ୍ଷିତ ରୁହେ ଏବଂ ଜୀବନଯାପନ ସହଜ ଓ ସୁଗମ ହୋଇଥାଏ ।

ଏହି ଲକ୍ଷ୍ୟ ହାସଲ ନିମନ୍ତେ ରାଜ୍ୟ ସରକାର ଏଲ୍.ଇ.ଡି ବଲ୍‌ବର ବହୁଳ ବ୍ୟବହାର, ସରକାରୀ କାର୍ଯ୍ୟାଳୟ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, କୃଷି ଏବଂ ପଶୁପାଳନ ଫାର୍ମ ପ୍ରଭୃତିରେ ଶକ୍ତି ସଞ୍ଚୟକାରୀ ଉପକରଣ ବ୍ୟବହାର, ପିଇବା ପାଣି ଯୋଗାଣ ଏବଂ ଉଠା ଜଳସେଚନ ପାଇଁ ଉଚ୍ଚ ଦକ୍ଷତା ବିଶିଷ୍ଟ ପମ୍ପସେଟ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଜନସାଧାରଣଙ୍କ ସହଯୋଗ ଏହି ଉଦ୍ୟମକୁ ସଫଳ କରିବାରେ ସହାୟକ ହେବ ।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଓଡ଼ିଶାର ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

ବନ୍ଦେ ଉତ୍କଳ ଜନନୀ

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-04001/13/0002/2021

# କୃଷକଙ୍କ ଜିଲାପାଳ ଅଫିସ୍ ଘେରାଉ ଆଜି

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

- କୃଷକ ସଙ୍ଗଠନ ଆନ୍ଦୋଳନକୁ କଂଗ୍ରେସ, ସିପିଆଇର ସମର୍ଥନ
- ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

କେନ୍ଦ୍ର ସରକାରଙ୍କ ବିବାଦୀୟ ନୂତନ କୃଷି ଆଇନକୁ କୃଷକମାନେ ବିରୋଧ ଜାରି ରଖିଛନ୍ତି। ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ କ୍ରମଶଃ ତୀବ୍ର ହେବାରେ ଲାଗିଥିବାବେଳେ ଏହାର ପ୍ରଭାବ ସାରା ଦେଶକୁ ବ୍ୟାପିଛି। ୮ ତାରିଖରେ ଭାରତ ବନ୍ଦ ହୋଇଥିଲା। ସୋମବାରଠାରୁ ରାଜ୍ୟବ୍ୟାପୀ ବିକ୍ଷୋଭ ଓ ବିରୋଧ ହେବ। କୃଷକମାନେ ସମସ୍ତ ଜିଲାପାଳ, ଉପ-ଜିଲାପାଳ ଓ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଘେରିବେ। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ୍, ସିଆଇଟିୟୁ, ଏଆଇୟୁଟିୟୁସି ଓ ଏଆଇସିସିଟିୟୁ ଆଦି ସଙ୍ଗଠନ ଏଥିରେ ସାମିଲ୍ ହେବ। ରବିବାର ଏନେଇ ଭୁବନେଶ୍ୱରଠାରରେ ଏକ ବୈଠକ ବସି ଆନ୍ଦୋଳନର ଚୂଡ଼ାନ୍ତ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଆଇଏନଟିୟୁସିର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସି ସଭାପତି ବିଜୟ ଜେନା, ଏଚ୍‌ଏମ୍‌ଏସ୍ ଉପ ସାଧାରଣ ସମ୍ପାଦକ ବୀରେନ୍ଦ୍ର ପ୍ରତାପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରମିକନେତାମାନେ କହିଛନ୍ତି, କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ କୃଷି ଆଇନ ଚାଷୀଙ୍କ ସ୍ୱାର୍ଥରେ ନୁହେଁ। ଉଦ୍ୟୋଗପତିଙ୍କୁ ଲାଭବାନ କରାଇବା ଉଦ୍ଦେଶ୍ୟରେ ଏଭଳି ଆଇନ ବଳପୂର୍ବକ ଭାବେ ଦେଶର କୃଷକଙ୍କ ଉପରେ ଲଦି ଦିଆଯାଇଛି। ନୂଆ ଆଇନ ପ୍ରଭାବରେ ମଣ୍ଡି ବ୍ୟବସ୍ଥା ହଟିଯିବା ପରେ ବାଧହୋଇ ଚାଷୀଙ୍କ ପାଖରେ ଉଦ୍ୟୋଗ ଏକମାତ୍ର ବିକଳ୍ପ ହୋଇ ରହିବେ। ଏହାପରେ କୃଷିଜାତ ଦ୍ରବ୍ୟ ଉପରୁ ନିଜର ନ୍ୟାଯ୍ୟ ମୂଲ୍ୟ ପାଇବାରେ ବଞ୍ଚିତ ହେବେ। ସେହିଭଳି କଣ୍ଟ୍ରାକ୍ଟ ଫାର୍ମିଂ ଯୋଗୁ ଦେଶରେ ୧୫ କୋଟି ଚାଷୀ ବେରୋଜଗାର ହେବେ। ତେଣୁ ଏହି କୃଷକ ବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ଏହି ଘେରାଉ ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଏହି ଆନ୍ଦୋଳନରେ ସାମିଲ୍ ହେବ ବୋଲି ଘୋଷଣା କରିଛି। ସୋମବାର ଦଳ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ ଅଫିସ୍‌କୁ ଘେରାଉ କରିବ ବୋଲି କୁହାଯାଇଛି। ସେହିଭଳି ରାଜ୍ୟବ୍ୟାପୀ ଏହି ବିକ୍ଷୋଭକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଆନ୍ଦୋଳନରେ ସାମିଲ୍ ହୋଇ ଚାଷୀ ବିରୋଧୀ ଆଇନକୁ ବିରୋଧ କରିବା ପାଇଁ ଅପିଲ୍ କରିଛନ୍ତି। ରାଜ୍ୟର ସମସ୍ତ ଜିଲାପାଳ କାର୍ଯ୍ୟାଳୟରେ ଦଳୀୟ ପତାକା ଓ ବ୍ୟାନର ସହ ଚାଷୀଙ୍କ ମନୋବଳ ବଢାଇବା ପାଇଁ ଉପସ୍ଥିତ ରହିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି।

# ବସ୍ ଓଲଟି ୧୯ରୁ ଊର୍ଦ୍ଧ୍ୱ ଗୁରୁତର

**ଭବାନୀପାଟଣା/କୋକସରା, ୧୩।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ଛତିଶଗଡ଼ ଦେଭୋଗରୁ ହାଇଦ୍ରାବାଦକୁ ଯାଉଥିବା ଗୁପ୍ତା ନାମକ ଘରୋଇ ବସ୍ (ନଂ.ସିଜି୧୭ଏଫ୍-୮୭୧୯) ରବିବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଆମପାଣି ଥାନା ବଡକେନ୍ଦୁଗୁଡାଠାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଏଥିରେ ବସିଥିବା ୫୦ଜଣ ଯାତ୍ରୀଙ୍କ ମଧ୍ୟରୁ ୧୯ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଆମପାଣି ପୋଲିସ ଓ ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରିଥିଲେ। ୧୨ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ୭ଜଣଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କେହି ମୃତ ହୋଇ ନ ଥିବା ଜଣାପଡିଛି। ଘଟଣାସ୍ଥଳରେ କୋକସରା ତହସିଲଦାର, ଧର୍ମଗଡ଼ ଉପଜିଲାପାଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲ୍‌ପର ଫେରାର ଅଛନ୍ତି। ଗୁପ୍ତା ନାମକ ଏହି ଘରୋଇ ବସ୍ ଛତିଶଗଡ ରାଜ୍ୟର ଦେଭୋଗରୁ ହାଇଦ୍ରାବାଦକୁ ଯାଉଥିବା ସମୟରେ ଆମପାଣି ଥାନା ବଡକେନ୍ଦୁଗୁଡାଠାରେ ଦୁର୍ଘଟଣା ଘଟିଥିଲା।

## ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ
**ମା’ ଓ ଶିଶୁ ସାସ୍ଥ୍ୟ ପାଇଁ ସୁରକ୍ଷା କବଚ**

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

DSPL-125




## ୫ ବର୍ଷରେ ୭ ଥର
**ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର**

### ଟୀକାକରଣ ସୂଚୀ

| ଟୀକାନେବା ସମୟ | ଟୀକାର ନାମ |
|---|---|
| ଯଥାଶୀଘ୍ର ଗର୍ଭଧାରଣ ପରେ* | ଟିଡି-୧ / ଟିଡି ବୁଷ୍ଟର # |
| ଟିଡି-୧ ନେବାର ୪ ସପ୍ତାହ ପରେ | ଟିଡି-୨ |
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫ୍‌ଆଇପିଭି-୧, ଆର୍‌ଭିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫ୍‌ଆଇପିଭି-୨, ଆର୍‌ଭିଭି-୩ |
| ୯-୧୨ମାସ | ଏମ୍‌ଆର୍-୧, ଭିଟାମିନ୍- ‘କ’, ***ଜେଇ-୧ ** |
| ୧୬-୨୪ମାସ | ଏମ୍‌ଆର୍-୨, ଭିଟାମିନ୍-‘କ’, ***ଡିପିଟି ବୁଷ୍ଟର-୧, ଓପିଭି-ବୁଷ୍ଟର-୧, ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨# |
| ୧୦ ବର୍ଷ | ଟିଡି |
| ୧୬ ବର୍ଷ | ଟିଡି |

** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ ***ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ
*ଗର୍ଭ ଧାରଣର ୧୨ ସପ୍ତାହ ମଧ୍ୟରେ #ଯଦି ଗତ ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ ।

**ଟୀକାକରଣ ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ**

- ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ ।
- ମାସ୍କ ବ୍ୟବହାର କରନ୍ତୁ ।
- ସାମାଜିକ ଦୂରତା ବଜାୟ ରଖନ୍ତୁ ।
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ ।




**ଅଧିକ ସୂଚନା ପାଇଁ ଆଶା/ଅଙ୍ଗନୱାଡି ଦିଦି କିମ୍ବା ସାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।**

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0042/2021

## ନନ୍ଦନକାନନ: ଗୁରାଣ୍ଡି ଶାବକ ଜନ୍ମ

**ବାରଙ୍ଗ, ୧୩।୧୨(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୭ସି ଏନକ୍ଲୋଜରରେ ଥିବା ଗୁରାଣ୍ଡି ଗୋଟିଏ ଶାବକ ରବିବାର ଜନ୍ମ ଦେଇଛି। ମା’ ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଭଲରେ ବିଚରଣ କରୁଥିବାର ଦେଖିବାକୁ ମିଳିଛି। ଏହି ନବଜାତକକୁ ମିଶାଇ ନନ୍ଦନକାନନରେ ଗୁରାଣ୍ଡି ସଂଖ୍ୟା ବୃଦ୍ଧିପାଇ ୧୯ରେ ପହଞ୍ଚିଛି। ସେଥିମଧ୍ୟରେ ୫ମାଈ, ୫ଅଣ୍ଡିରା ଓ ୯ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ। ତେବେ ବୁଧବାର ଏକ ୯ବର୍ଷର ଶମ୍ବରର ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ସଫାରିରେ ଏକ ଦେଶୀଭାଲୁ ଗୋଟିଏ ଶାବକ ଜନ୍ମ ଦେଇଥିଲା।

## ୧୭ରୁ ଥଣ୍ଡା ବଢ଼ିବ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ସାରା ରାଜ୍ୟରେ ଏବେ ଥଣ୍ଡାର ପ୍ରକୋପ ସାମାନ୍ୟ କମ୍ ରହିଛି। କିନ୍ତୁ ସକାଳୁ ଘନ କୁହୁଡ଼ିରେ ଆଚ୍ଛାଦିତ ହେଉଛି ରାଜ୍ୟର ଅଧିକାଂଶ ଅଞ୍ଚଳ। ପ୍ରାୟ ୮ଟା ପର୍ଯ୍ୟନ୍ତ କୁହୁଡ଼ି ରହୁଥିବାରୁ ରାସ୍ତାଘାଟରେ ଯାତାୟାତରେ ଅସୁବିଧା ହେଉଛି। ରବିବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ବୌଦ୍ଧରେ ଅଧିକ କୁହୁଡ଼ି ପରିଲକ୍ଷିତ ହୋଇଥିଲା। ସୋମବାର ମଧ ରାଜ୍ୟର କିଛି ଅଞ୍ଚଳରେ କୁହୁଡ଼ି ରହିବ। ରାୟଗଡ଼ା, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ନୟାଗଡ଼ରେ କୁହୁଡ଼ି ଦେଖାଯିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ୧୭ ତାରିଖରୁ ରାଜ୍ୟରେ ଶୀତ ବଢ଼ିବ। ରାତିର ତାପମାତ୍ରା ପ୍ରାୟ ୪ରୁ ୫ଡିଗ୍ରୀ ହ୍ରାସ ପାଇବ। କିନ୍ତୁ ୧୬ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱଳ୍ପ ଧରଣର ବର୍ଷା ହେବା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ସୁନ୍ଦରଗଡ଼ ଓ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୨.୦ଡିଗ୍ରୀ ରହିଥିବାବେଳେ କୋରାପୁଟରେ ୧୩.୨, ଭବାନୀପାଟଣା ଓ ବାରିପଦାରେ ୧୪.୦, ବଲାଙ୍ଗୀର ଓ ବୌଦ୍ଧରେ ୧୫.୦ ଡିଗ୍ରୀ ରେକର୍ଡ କରାଯାଇଛି।

DSPL-127

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ଶକ୍ତି ମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ଭଳି ଚଳିତ ବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରାଯାଉଅଛି । ଏହି ଦିବସର ଗୁରୁତ୍ୱ ଆମେ ସମସ୍ତେ ଅନୁଭବ କରୁଅଛୁ । ରାଜ୍ୟର ଦ୍ରୁତ ପ୍ରଗତି ସହିତ ଶକ୍ତିର ଚାହିଦା ମଧ୍ୟ ବୃଦ୍ଧି ପାଇ ଚାଲିଛି, ଫଳରେ ଚାହିଦା ଏବଂ ଉତ୍ପାଦନ ତଥା ଯୋଗାଣର ବ୍ୟବଧାନ କ୍ରମଶଃ ବଢ଼ିବାରେ ଲାଗିଛି । ଏଥିନିମନ୍ତେ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବ୍ୟବହାର ବୃଦ୍ଧି ପାଉଅଛି ଯାହା ପରିବେଶ ଉପରେ ମାତ୍ରାଧିକ ପ୍ରଭାବ ପକାଉଅଛି । ଓଡ଼ିଶା ସରକାର ଏ ଦିଗରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଏହା ସହ ପୁନଃ ନବୀକରଣ ଶକ୍ତିର ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି । ଜନତାଙ୍କ ସହଯୋଗ ବିନା ଶକ୍ତି ସଂରକ୍ଷଣ ଏବଂ ସଞ୍ଚୟ ସମ୍ଭବ ନୁହେଁ । ଏଣୁ ଆସନ୍ତୁ ଆମର ଦୈନନ୍ଦିନ ଜୀବନରେ ଶକ୍ତିର ବ୍ୟବହାର ଶୈଳୀରେ ସାମାନ୍ୟ ସଚେତନତା ଓ ସଂଯମତା ଆଣି ବହୁ ପରିମାଣର ଶକ୍ତି ସଂରକ୍ଷଣ କରିବା ତା ସହ ବାୟୁମଣ୍ଡଳ ପ୍ରଦୂଷଣ ଏବଂ ବିଶ୍ୱତାପମାତ୍ରା ହ୍ରାସ କରିବାରେ ସହାୟକ ହେବ । କେତେକ ସରଳ ଉପାୟ ଅବଲମ୍ବନ ଦ୍ୱାରା ଶକ୍ତି ସଂରକ୍ଷଣ ଅଭିଯାନରେ ଆମ୍ଭେମାନେ ସହଯୋଗ କରିପାରିବା ।

- ଆବଶ୍ୟକ ନଥିବା ସ୍ଥଳେ ଲାଇଟ୍, ପଙ୍ଖା, ଟିଭି, କମ୍ପ୍ୟୁଟର ସୁଇଚ୍‌ଗୁଡ଼ିକୁ ବନ୍ଦ ରଖିବା ।
- ଅନ୍ୟ ସାଧାରଣ ବଲ୍‌ବ ବଦଳରେ ବ୍ୟାପକ ଏଲ.ଇ.ଡ଼ି. ଲାଇଟ୍ ବ୍ୟବହାର କରିବା ।
- ବି.ଇ.ଇ. ଦ୍ୱାରା ତାରକା ଚିହ୍ନିତ ବୈଦ୍ୟୁତିକ ଉପକରଣ ଯଥା-ଫ୍ୟାନ୍, ଏୟାରକଣ୍ଡିସନର୍, ଫ୍ରିଜ୍ ଓ ମୋଟର ପ୍ରଭୃତି ବ୍ୟବହାର କରିବା । ଅଧିକ ତାରକା ଚିହ୍ନିତ ଉପକରଣ ଅଧିକ ଶକ୍ତି ସଞ୍ଚୟ କରିଥାଏ ।
- ନୂତନ ଘର ନକ୍ସା ପ୍ରସ୍ତୁତି ସମୟରେ ପ୍ରାକୃତିକ ସୂର୍ଯ୍ୟକିରଣ ଆସିପାରୁଥିବାର ବ୍ୟବସ୍ଥା କରିବା । ଘର ଭିତର କାନ୍ଥ ଓ ଛାତରେ ହାଲୁକା ରଙ୍ଗ ଦେବା ସହିତ ବାୟୁ ପ୍ରବାହର ସଠିକ୍ ଉପଯୋଗକୁ ପ୍ରାଧାନ୍ୟ ଦେବା ।
- ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କଳକାରଖାନାର ଶକ୍ତି ବ୍ୟବହାର ସମୀକ୍ଷା ଓ ଶକ୍ତି ଅପଚୟ ହେଉଥିବା ଦିଗଗୁଡ଼ିକ ପ୍ରତି ଧ୍ୟାନ ଦେଇ ଶକ୍ତି ସଂରକ୍ଷଣ କରିବା ।
- ପୁନଃନବୀକରଣ ଶକ୍ତିର ଉତ୍ସକୁ ପାରମ୍ପରିକ ଶକ୍ତି ସହିତ ସଂଯୁକ୍ତ ଏବଂ ସନ୍ତୁଳନ ରଖି ଦକ୍ଷପୂର୍ଣ୍ଣ ଭାବେ ବ୍ୟବହାର କରିବା ଇତ୍ୟାଦି ।

ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣ, ବିଦ୍ୟୁତ୍ ବିତରଣ କମ୍ପାନୀ, ଗୃହ ନିର୍ମାଣ ତଥା କୃଷି ବିକାଶ ସଂସ୍ଥା, ଶିଳ୍ପ ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ଶକ୍ତି ସଂରକ୍ଷଣ କ୍ଷେତ୍ରରେ ସହଯୋଗ କାମନା କରୁଅଛି ।

ଦିବ୍ୟ ଶଙ୍କର
(ଦିବ୍ୟ ଶଙ୍କର ମିଶ୍ର)
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସ୍ୱରାଷ୍ଟ୍ର, ଓଡ଼ିଶା

OIPR-04001/13/0002/2021

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯୋଉ ସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି– ସେଗୁଡିକୁ ଦେଖି ନିଜେ ଶିକ୍ଷା କର। ତା ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। **–ଶ୍ରୀମା**

# ସିବିଆଇ ଚୋର

ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ)କୁ ଦେଶର ସବୁଠୁ ବୃହତ୍ ନିର୍ଭରଯୋଗ୍ୟ ଓ ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଭାବେ ବିଚାର କରାଯାଇଥାଏ। ସେଥିପାଇଁ ଦେଶର କୌଣସି ପ୍ରାନ୍ତରେ କିଛି ଅସ୍ୱାଭାବିକ ସ୍ଥିତି ଉପୁଜିଲେ ତାହାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ଦାୟିତ୍ୱ ଦିଆଯାଉ ବୋଲି ଦାବି ହୁଏ। କେନ୍ଦ୍ରୀୟ ସଂସ୍ଥା ହୋଇଥିବାରୁ ସାଧାରଣ ଲୋକ ଭାବନ୍ତି ଯେ, ସିବିଆଇ କୌଣସି ଭାବେ ପକ୍ଷପାତିତା କରିବ ନାହିଁ। ସତ୍ୟ ଉନ୍ମୋଚନ କରିବାକୁ ହେଲେ ଏହି ସଂସ୍ଥା ଉପରେ ବିଶ୍ୱାସ କରାଯାଉଥିଲା। ହେଲେ ନିକଟ ଅତୀତକୁ ଦେଖିଲେ ସିବିଆଇର କାର୍ଯ୍ୟକଳାପ ଉପରେ ଅନେକ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଏହାକୁ ଯେତେ ପରିମାଣରେ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ କଂଗ୍ରେସ ସରକାର ବ୍ୟବହାର କରିପାରି ନ ଥିଲା, ଏବକାର ମୋଦି ସରକାର ସମୟରେ ଏହା ଏକ ରାଜନୈତିକ ଅସ୍ତ୍ରରେ ପରିଣତ ହେଲାଣି। ସେଥିପାଇଁ ଆନ୍ଧ୍ରପ୍ରଦେଶଠାରୁ ଆରମ୍ଭ କରି ଅନେକ ରାଜ୍ୟରେ ସିବିଆଇର ତଦନ୍ତ ବା ପ୍ରବେଶକୁ ଅଣଭାଜପା ରାଜ୍ୟ ସରକାରଗୁଡ଼ିକ ଅନୁମତି ଲୋଡ଼ାଯିବା ଦରକାର ବୋଲି ନିର୍ଦ୍ଦେଶ ଜାରି କଲେଣି। ଏହାର ଅର୍ଥ ହେଲା ଯେ, ଏହି କେନ୍ଦ୍ରୀୟ ତଦନ୍ତ ସଂସ୍ଥାର କାଟ୍‌ତି ହ୍ରାସ ପାଇବାକୁ ଆରମ୍ଭ କଲାଣି। ଏବେ ପିଠା ଉପରେ କାଜୁବାଦାମ ଭଳି ଅନ୍ୟ ଏକ ଘଟଣା ଲୋକଲୋଚନକୁ ଆସିଛି, ଯାହା ସିବିଆଇର ସତୀତ୍ୱ ଭାବମୂର୍ତ୍ତିକୁ ସମ୍ପୂର୍ଣ୍ଣ ଧୂଳିସାତ୍ କରିଦେଇଛି। ପୂର୍ବରୁ ରାଜ୍ୟ ପୋଲିସ ଉପରୁ ବିଶ୍ୱାସ ହରାଇଥିବା ଜନସାଧାରଣ ଅଧିକାଂଶ ସମୟରେ ସିବିଆଇ ତଦନ୍ତ ଦାବି କରିଥିଲେ। ଗତ ସପ୍ତାହରେ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏହି ପୁରୁଣା ଚିନ୍ତାଧାରାକୁ ବଦଳାଇବାକୁ ବାଧ୍ୟ କରିଛି।

କାହାଣୀଟି ବୁଝିବା ସହଜ। ଏଠି ସୁନାର ଲୋଭ କାଳ ହୋଇଛି। ଘଟଣାକ୍ରମ ଦେଖିଲେ ୨୦୧୨ରେ ଚେନ୍ନାଇରେ ଥିବା ସୁରାନା କର୍ପୋରେଶନରେ ସିବିଆଇ ଚଢ଼ାଉ କରି ୪୦୦ରୁ ଊର୍ଦ୍ଧ୍ୱ କିଲୋ ସୁନା ଇଟା ଓ ଅଳଙ୍କାର ଜବତ କରିଥିଲା। ସେସବୁକୁ ସୁନାଗଢ଼ା କମ୍ପାନୀ ସୁରାନାର ଷ୍ଟ୍ରଙ୍ଗରୁମ୍‌ରେ ସିବିଆଇ ତାଲା ଓ ସିଲ୍ ଲଗାଯାଇ ରଖାଯାଇଥିଲା। କିନ୍ତୁ ସେଥିରୁ ୧୦୩ କିଲୋରୁ ଊର୍ଦ୍ଧ୍ୱ ସୁନା ଉଭାନ୍ ହୋଇଯାଇଥିଲା। ଘଟଣାଟି ମାଡ୍ରାସ ହାଇକୋର୍ଟ ନଜରକୁ ସେତିକିବେଳେ ଆସିଲା, ଯେତେବେଳେ ସୁରାନା କମ୍ପାନୀ ଋଣ ପରିଶୋଧ ପାଇଁ ଏସ୍‌ବିଆଇ ସହ ଚୁକ୍ତି କଲା। ଏହା ପରେ ସିବିଆଇ ଦ୍ୱାରା ଜବତ ସୁନା ଦେଇ ସୁରାନା ଋଣମୁକ୍ତ ହେବା ପାଇଁ ହୋଇଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ ବିଚାରାଳୟ ଅନୁମତି ଲୋଡ଼ାଗଲା। ସେହି ଅନୁମତି ହାସଲ ପରେ ଯେତେବେଳେ ସିବିଆଇ ଦ୍ୱାରା ଜବତ ହୋଇଥିବା ସୁନା କଢ଼ାଗଲା, ସେଥିରେ ଏକ ବିରାଟ ପାର୍ଥକ୍ୟ ଦୃଷ୍ଟିକୁ ଆସିଲା। ୧୦୩ କିଲୋରୁ ଊର୍ଦ୍ଧ୍ୱ ସୁନା ଉଭାନ୍ ହୋଇଯିବା ବିଷୟରେ ମାଡ୍ରାସ ହାଇକୋର୍ଟ ଜାଣିବା ପରେ ଏହି ଚୋରିର ତଦନ୍ତ ଦାୟିତ୍ୱ ତାମିଲନାଡୁର ସିବି–ସିଆଇଡିକୁ ନ୍ୟସ୍ତ କଲେ। ଏହି ନିର୍ଦ୍ଦେଶରେ ବ୍ୟସ୍ତ ହୋଇ ସିବିଆଇ ତରଫରୁ ନ୍ୟାୟାଳୟରେ କୁହାଗଲା ଯେ, ଏକ କେନ୍ଦ୍ରୀୟ ସଂସ୍ଥା ହୋଇଥିବାରୁ ଏହାର ସୁନାମ ଅତ୍ୟନ୍ତ ଉଚ୍ଚସ୍ତରରେ ଅଛି। ସେଥିପାଇଁ ସ୍ଥାନୀୟ ପୋଲିସ ଯଦି ତଦନ୍ତ କରେ, ତେବେ ତାହା ସିବିଆଇର ସମ୍ମାନହାନି କରାଇବ। ଏହି ଯୁକ୍ତିର ଉତ୍ତରରେ ହାଇକୋର୍ଟ କହିଲେ ଯେ, ସୁନା ଭଳି ପଦାର୍ଥକୁ ଗଞ୍ଜେଇ ସହିତ ତୁଳନା କରାଯାଇ ନ ପାରେ। ସମୟ ବିତିଗଲେ ଗଞ୍ଜେଇର ଶକ୍ତି ହ୍ରାସ ପାଇପାରେ, କିନ୍ତୁ ସୁନାର ଓଜନ ଏହି ବିରାଟକାୟ ପରିମାଣରେ ହ୍ରାସ ପାଇପାରିବ ନାହିଁ। ଯେହେତୁ ସିବିଆଇ ହେପାଜତରେ ଥିବା ସୁନାର ସନ୍ଦେହଜନକ ପରିମାଣ ହ୍ରାସ ପାଇଛି, ସେଥିପାଇଁ ତଦନ୍ତ ଏକ ଭିନ୍ନ ସଂସ୍ଥା ଦ୍ୱାରା କରାଯିବା ଉଚିତ ହେବ ବୋଲି ମାଡ୍ରାସ ହାଇକୋର୍ଟ ମତ ଦେଇଛନ୍ତି। ସେଥିରେ ସିବିଆଇର ସମ୍ମାନହାନିର ପ୍ରଶ୍ନ ଉଠୁନାହିଁ ବୋଲି ଏଭଳି ନିର୍ଦ୍ଦେଶରୁ ବୁଝାପଡୁଛି।

ଏହା ଜଣାଶୁଣା ଯେ କେନ୍ଦ୍ରର ସିବିଆଇ, ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଭଳି ସଂସ୍ଥାଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକରେ ଥିବା ଭିଜିଲାନ୍ସ, ଅବକାରୀ କିମ୍ବା ପୋଲିସ ଦ୍ୱାରା ଚଢ଼ାଉ କରାଯାଇ ଯେଉଁସବୁ ସାମଗ୍ରୀ, ଟଙ୍କା, କାଗଜପତ୍ର ଜବତ କରାଯାଏ ; ତା'ର ପରିମାଣ ଜାଣିବା ଜନସାଧାରଣଙ୍କ ପାଇଁ ସମ୍ଭବପର ହୁଏ ନାହିଁ। ଗଣମାଧ୍ୟମରେ ଯାହା କିଛି ପ୍ରକାଶ ପାଏ, ତାହା କେବଳ ତଦନ୍ତକାରୀ କିମ୍ବା ଚଢ଼ାଉ କରିଥିବା ସଂସ୍ଥା ଯାହା ଘୋଷଣା କରେ ତାହା ହିଁ ଥାଏ। ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ସୁରାନା ସୁନା ଘଟଣାରେ କେତୋଟି କଥା ସ୍ପଷ୍ଟ ଜଣାପଡୁଛି। ସୁରାନା ଏକ ବିଧିବଦ୍ଧ କମ୍ପାନୀ ଓ ତା'ର କର୍ମକର୍ତ୍ତା ସ୍ପଷ୍ଟଭାବେ ହିସାବ ରଖିଥିଲେ ତାଙ୍କ ପାଖରେ କେତେ ସୁନା ଅଛି। ସେହି ପରିମାଣ କମିଯିବାରୁ ନାଟକ ଆରମ୍ଭ ହୋଇଛି। ଏଥିରୁ ବୁଝାପଡୁଛି ଯେ, ଡକାୟତ କିମ୍ବା ଚୋରମାନଙ୍କଠାରୁ ଧରାପଡ଼ିଥିବା ସୁନାଗହଣାଠାରୁ ଆରମ୍ଭ କରି ଗଞ୍ଜେଇ ପର୍ଯ୍ୟନ୍ତ ସବୁକିଛି ସମ୍ପୃକ୍ତ ସରକାରୀ ଅଫିସରଙ୍କ ଦ୍ୱାରା ହଡ଼ପ ହେବାର ଆଶଙ୍କା ଥାଏ। ଏହାବ୍ୟତୀତ ସିବିଆଇକୁ ଯେଉଁମାନେ ସତୀ ସାବିତ୍ରୀର ଆଖ୍ୟା ଦେଇଆସୁଥିଲେ, ସେମାନେ ଆଜି ତାହାର ଅସଲ ରୂପ ବୁଝିପାରୁଥିବେ। ପୂର୍ବରୁ ସୁପ୍ରିମ୍‌କୋର୍ଟ ସିବିଆଇ ସମ୍ପର୍କିତ ରାୟ ଦେଇ କହିଥିଲେ ଯେ, ଏହି ସଂସ୍ଥା ପଞ୍ଜୁରି ଭିତରେ ଶୁଆ। ମାଡ୍ରାସ ହାଇକୋର୍ଟଙ୍କ ସୁନା ହଡ଼ପ ମାମଲାରେ ନିର୍ଦ୍ଦେଶ ପ୍ରମାଣ କରୁଛି ଯେ କେବଳ ଶୁଆ ନୁହେଁ, ସିବିଆଇ ଚୋର ମଧ୍ୟ।

## ସାପ୍ତାହିକ ପଞ୍ଜିକା

**ଡିସେମ୍ବର ୭:** କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ପଞ୍ଜାବୀ କବି ସୁରଜିତ୍ ପାଟର ପଦ୍ମଶ୍ରୀ ପୁରସ୍କାର ଫେରାଇ ଦେବାକୁ ଘୋଷଣା କରିଛନ୍ତି।

**ଡିସେମ୍ବର ୮:** 'ଭାରତ ବନ୍ଦ' ବେଳେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗୃହବନ୍ଦୀ କରାଯାଇଛି।

**ଡିସେମ୍ବର ୯:** କର୍ନାଟକ ଆଣିଲା ଗୋହତ୍ୟା ନିରୋଧୀ ଆଇନ।

**ଡିସେମ୍ବର ୧୦:** ବିସ୍ଫୋରଣରେ ଜଳିଗଲା ସ୍ପେସ୍‌ଏକ୍ସ ଷ୍ଟାର୍‌ଶିପ୍।

**ଡିସେମ୍ବର ୧୧:** ମେଘାଳୟ ମୁଖ୍ୟମନ୍ତ୍ରୀ କେ. ସାଙ୍ଗମା କରୋନାରେ ସଂକ୍ରମିତ ହୋଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | 8 | 7 | | 6 | 1 | | 2 | | | | | D |
| 7 | | | | 5 | | | | 2 | A | 1 | | | | 6 |
| | A | E | | | | D | | 4 | 5 | 3 | | | | |
| | | | 0 | | A | 5 | | | | | 9 | | | |
| | 4 | 2 | | | | | 0 | | B | 8 | | | | C |
| 5 | | | | 1 | | A | D | 9 | | 2 | | | | |
| | | | | B | | | C | | | 9 | | 0 | | |
| 9 | B | A | | | | 0 | 2 | | | 4 | | 6 | | 8 |
| | C | | E | | 0 | 3 | | | | | | | | |
| E | | | D | C | | | 4 | | | | 7 | | | |
| | | 0 | | 2 | | 1 | | 3 | 7 | | | E | | B |
| | 5 | | 1 | | | | 6 | | | | | | 3 | |
| | 7 | 4 | | | | 8 | 5 | 0 | C | | | | | A |
| | | | 5 | | 8 | 4 | 9 | | | | | | 2 | |
| | | 1 | | 4 | | | | | 8 | E | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 7 | C | B | 1 | 8 | 6 | 2 | 4 | 0 | A | E | 3 | D |
| 3 | E | B | 5 | 8 | 6 | 4 | D | 9 | C | 1 | 2 | 0 | A | 7 |
| 0 | 2 | 4 | 7 | D | A | B | 1 | 5 | 3 | 9 | E | 8 | 6 | C |
| C | D | 1 | E | 3 | 4 | A | 7 | 0 | B | 8 | 6 | 2 | 9 | 5 |
| 8 | 6 | A | 0 | 9 | 2 | 3 | C | E | D | 5 | 7 | 4 | 1 | B |
| 7 | B | 9 | 4 | 5 | 8 | 0 | 2 | C | 6 | 3 | 1 | A | D | E |
| 1 | 0 | 6 | 2 | 7 | E | D | B | A | 8 | 4 | 9 | C | 5 | 3 |
| E | C | 3 | A | 0 | B | 9 | 4 | 6 | 5 | 2 | D | 7 | 8 | 1 |
| 2 | A | 5 | D | 1 | C | 7 | 8 | 3 | E | B | 0 | 9 | 4 | 6 |
| 4 | 8 | D | 9 | 6 | 3 | E | 5 | 1 | A | 7 | C | B | 2 | 0 |
| 6 | 3 | C | 1 | A | D | 2 | 9 | 8 | 7 | E | B | 5 | 0 | 4 |
| D | 1 | 2 | 8 | C | 9 | 5 | E | B | 0 | 6 | 4 | 3 | 7 | A |
| A | 4 | 0 | B | E | 5 | 6 | 3 | 7 | 9 | D | 8 | 1 | C | 2 |
| 9 | 7 | E | 3 | 4 | 0 | 1 | A | D | 2 | C | 5 | 6 | B | 8 |
| B | 5 | 8 | 6 | 2 | 7 | C | 0 | 4 | 1 | A | 3 | D | E | 9 |

ଗତକାଲିର ଉତ୍ତର

# ଶକ୍ତି ସଂରକ୍ଷଣ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ପୃଥିବୀରେ ଯେଉଁ ରାଷ୍ଟ୍ରମାନେ ବିକଶିତ ହୋଇଛନ୍ତି ଓ ଉନ୍ନତମାନର ଜୀବନଚର୍ଯ୍ୟା ପାଇଁ ଗର୍ବ ଅନୁଭବ କରୁଛନ୍ତି ତା'ର ମୂଳ କାରଣ ହେଲା, ସେମାନେ ଅନ୍ୟମାନଙ୍କ ତୁଳନାରେ ମୁଣ୍ଡ ପିଛା ଅଧିକରୁ ଅଧିକ ଶକ୍ତି ବ୍ୟବହାର କରୁଛନ୍ତି ଓ ବିଶ୍ୱ ଶକ୍ତି ଭଣ୍ଡାରକୁ ସଂକୁଚିତ କରିଚାଲିଛନ୍ତି। ଆମ ଦେଶରେ ମୁଣ୍ଡପିଛା ଯେତେ ଶକ୍ତି ବ୍ୟବହାର କରାଯାଏ, ତା'ର ଦୁଇଗୁଣା ବ୍ୟବହାର କରାଯାଏ ଚାଇନାରେ, ତେର ଗୁଣ ବ୍ୟବହାର କରାଯାଏ ଜାପାନରେ ଓ ୨୬ ଗୁଣ ବ୍ୟବହାର କରାଯାଏ ଆମେରିକାରେ। ଶକ୍ତି ବ୍ୟବହାର କରାଯାଏ ଗୃହରେ ରୋଷେଇ, ଆଲୋକିତ କରିବାଠାରୁ ଆରମ୍ଭ କରି ଯାବତୀୟ ଇଲେକ୍ଟ୍ରିକ ସରଞ୍ଜାମ ଚାଲୁ କରିବାକୁ। ରାସ୍ତାରେ ଯାନବାହନ ଚାଲେ ଶକ୍ତି ଦ୍ୱାରା। ରେଳଗାଡ଼ି, ଉଡ଼ାଜାହାଜ, ବୁଡ଼ା ଜାହାଜ ଓ ସମସ୍ତ କଳକାରଖାନା ଚାଲେ ଶକ୍ତି ବ୍ୟବହାର କରି। ଶକ୍ତି ସଂଗ୍ରହ କରାଯାଏ ବିଭିନ୍ନ ଉତ୍ସରୁ। ସେଗୁଡିକ ହେଲା, ଭୂତଳ ଜୀବାଶ୍ମ (କୋଇଲା, ପେଟ୍ରୋଲିୟମ ଗ୍ୟାସ)ରୁ, ଜଳ, ଖରା, ପବନ, ଉଦ୍ଭିଦଜ ତୈଳ, ଗୋବର, କାଠ, ନଡ଼ା, ଘାସ, ଆଖୁଛେଦା ଇତ୍ୟାଦି ସାଙ୍ଗକୁ ପୃଥିବୀରେ ଗଚ୍ଛିତ ଥିବା ଅନେକ ପଦାର୍ଥରୁ। ଏସବୁ ଉତ୍ସରୁ ଶକ୍ତି ସଂଗ୍ରହ କରାଯାଇ ବ୍ୟବହାର କରାଯାଏ। ଏସବୁ ଶକ୍ତିକୁ ଏକତ୍ର ଠୁଳ କଲେ, ସେ ଠୁଳକୁ ବୈଜ୍ଞାନିକ ଭାଷାରେ କୁହାଯାଏ ଏନର୍ଜ ବାସ୍କେଟ (energy basket) ବା ଶକ୍ତି ଟୋକେଇ। ଏ ଶକ୍ତି ଟୋକେଇ, ଯେଉଁ ଉତ୍ସରୁ ଆମକୁ ସହଜରେ ଶକ୍ତି ଉପଲବ୍ଧ ହୁଏ, ଆମେ ତାକୁ ବ୍ୟବହାର କରୁ। ଏକବିଂଶ ଶତାବ୍ଦୀ ପ୍ରାରମ୍ଭରେ ଏ ଶକ୍ତି ଟୋକେଇର ବିଭିନ୍ନ ଉତ୍ସରୁ ପୃଥିବୀରେ ବ୍ୟବହାର କରାଯାଉଥିବା ଶକ୍ତିର ଭାଗ ଥିଲା, ତୈଳ ୪୦%, କୋଇଲା ୨୨%, ପ୍ରାକୃତିକ ଗ୍ୟାସ ୨୩%, ଜଳ ବିଦ୍ୟୁତ୍ ୭% ଓ ଅନ୍ୟ ସବୁ ଉତ୍ସରୁ ୮%। ୨୦୧୦ ମସିହା ବେଳକୁ ବ୍ୟବହୃତ ଶକ୍ତି ଉତ୍ସର ଭାଗ ହେଲା ତୈଳ ୩୭.୫%, କୋଇଲା ୨୫.୫%, ପ୍ରାକୃତିକ ଗ୍ୟାସ ୨୪.୩%, ଜଳବିଦ୍ୟୁତ ୬.୨% ଓ ଅନ୍ୟାନ୍ୟ ଉତ୍ସରୁ ୬.୫%। ଶକ୍ତିର ସର୍ବାଧିକ ଭାଗ ଉତ୍ପନ୍ନ କରାଯାଏ ଜୀବାଶ୍ମ ଇନ୍ଧନରୁ। ପୃଥିବୀର ଏ ଜୀବାଶ୍ମ ଇନ୍ଧନ ଭଣ୍ଡାର ସୀମିତ ଓ ଏହା ଦ୍ରୁତ କ୍ଷୟ ହୋଇ ଚାଲିଛି। ଆଉ କିଛି ବର୍ଷ ପରେ ଏ ଭଣ୍ଡାର ସଂକୁଚିତ ହୋଇ ହୋଇ ଶୂନ ବି ହୋଇଯିବ।

ତୈଳ ଭଣ୍ଡାର ସଂକୁଚିତ ହେଲେ, ଆମେ କି ପ୍ରକାର ସଙ୍କଟର ସମ୍ମୁଖୀନ ହେବା, ତା'ର ଏକ ଆଭାସ ଦେଉଛି। ଆମ ଦେଶରେ ଆବଶ୍ୟକ ତୈଳର ୭୦ ଭାଗ ଆମେ ବୈଦେଶିକ ମୁଦ୍ରା ବିନିମୟରେ ବାହାର ଦେଶରୁ ଆମଦାନୀ କରୁ। ୧୯୯୦ ମସିହାରେ ଗଲ୍‌ଫ ୱାର ବା ଉପସାଗରୀୟ ଯୁଦ୍ଧ ଲାଗିଲା ବେଳେ, ତୈଳ ଦରରେ ନିଆଁ ଲାଗିଲା ପରି ହଠାତ୍ ଅସମ୍ଭବ ଭାବେ ବଢ଼ିଗଲା। ଏତେ ଚଢ଼ା ଦରରେ ତୈଳ ଆମଦାନୀ କରିବାକୁ ଭାରତର ବୈଦେଶିକ ମୁଦ୍ରା ପାଣ୍ଠି ଉପରେ ଅତି ପ୍ରବଳ ଚାପ ପଡ଼ିଲା। ବୈଦେଶିକ ମୁଦ୍ରା ସରିଯିବ ବୋଲି କେନ୍ଦ୍ର ସରକାର ବିବ୍ରତ ହୋଇପଡିଲେ। ସେତେବେଳେ ଆକଳନ କରାଗଲା ଯେ, ମାତ୍ର ତିନି ସପ୍ତାହ ଲାଗି ତୈଳ ଆମଦାନୀ ହୋଇପାରିବ। ସେତେବେଳେ ସରକାର ଆର୍ଥିକ ଉଦାରୀକରଣ ନୀତି ଆପଣାଇ କୌଣସି ମତେ ଏ ସଙ୍କଟକୁ ଏଡାଇ ଦେଇପାରିଲେ। ତୈଳ ଗଚ୍ଛିତ କରି ରଖିବାକୁ ଏହା ସରକାରଙ୍କୁ ଚେତାବନୀ ଦେଲା। ୨୦୦୮ ମସିହାରେ ଭାରତ ଷ୍ଟ୍ରାଟେଜିକ ଅଏଲ ରିଜର୍ଭ (stategic oil reserve) ବା ଯୁଦ୍ଧ ନିରାପଦ ତୈଳ ସଂରକ୍ଷଣ ବ୍ୟବସ୍ଥା କଲେ। ମାଙ୍ଗାଲୋର, ପାଦୁର ଓ ବିଶାଖାପାଟଣାରେ ଏ ରିଜର୍ଭ ତିଆରି କଲେ। ଏଥିପାଇଁ ଭୂତଳେ ରକ୍ କ୍ୟାଭେର୍ଣ୍ଣ ୫.୩ ପଥର ଗୁମ୍ଫା ନିର୍ମାଣ କଲେ। ମୁଗୁନି ପଥରରେ ଏକ ପ୍ରକାର ଗୁମ୍ଫା ନିର୍ମାଣ ଦୁରୂହ ବ୍ୟାପାର ହେଲେ ମଧ୍ୟ ଭାରତୀୟ ଇଞ୍ଜିନିୟର ଏହା ନିର୍ମାଣ କରିପାରିଲେ। ଆଉ ଦୁଇଟି ରକ୍ କ୍ୟାଭେର୍ଣ୍ଣ ଓଡ଼ିଶା ଓ କର୍ନାଟକରେ ନିର୍ମାଣ କରାଯିବା ଲାଗି ସ୍ଥିର ହେଲା।

ଆମ ଦେଶରେ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଏ ଓ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଶକ୍ତି ସଂରକ୍ଷଣ ସପ୍ତାହ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ଏଥିରେ ବିଶେଷ ଭାବେ ଆଲୋଚନା କରାଯାଏ କିପରି ପୃଥିବୀର ତୈଳ ଓ ଗ୍ୟାସ ଭଣ୍ଡାରକୁ ଦେଖି ଚାହିଁ ଖର୍ଚ୍ଚ କରିବା।

ପୃଥିବୀର ଭୂତଳେ ୧୮୦ ହଜାର ମିଲିଅନ ଟନ୍ ଅଶୋଧିତ ତୈଳ ଭଣ୍ଡାର ଥିବାର ଆକଳନ କରାଯାଇଛି । ପୃଥିବୀରେ ୨୦୦ରୁ ଊର୍ଦ୍ଧ୍ୱ ଦେଶ ଥିଲେ ମଧ୍ୟ ମାତ୍ର ୧୫ଟି ଦେଶରେ ମୋଟ ପ୍ରାକୃତିକ ତୈଳର ୯୩% ଭାଗ ଗଚ୍ଛିତ ଅଛି। ୭୫% ତୈଳ ଏହି ଦେଶଗୁଡ଼ିକ ଉତ୍ପାଦନ କରୁଛନ୍ତି। ସୌଦି ଆରବରେ ଗଚ୍ଛିତ ତୈଳ ଭଣ୍ଡାର ପରିମାଣ ପୃଥିବୀରେ ଦ୍ୱିତୀୟ କିନ୍ତୁ ସେଠାରେ ଉତ୍ପାଦନ କରାଯାଏ ସର୍ବାଧିକ । ଆମ ଦେଶ ତୈଳ ଭଣ୍ଡାରରେ ଅଛି ୭୩୩.୭୦ ନିଉଟନ ତୈଳ, ଯାହା ପୃଥିବୀ ଭଣ୍ଡାରର ୨୪୫ ଭାଗରୁ ଏକ ଭାଗ। ଓଡ଼ିଶା ଉପକୂଳରେ ୩କିଲୋମିଟର ତଳେ ତୈଳ ଠାବ କରାଯାଇ ୨୦୦୩ ମସିହାରୁ ତୈଳ ଉତ୍ତୋଳନ ପାଇଁ କାର୍ଯ୍ୟ କରାଯାଉଛି । ୧୮୯୦ ମସିହା ବେଳକୁ ପୃଥିବୀରେ ବର୍ଷକୁ ମାତ୍ର ୧୦ ମିଲିୟନ ଟନ ତୈଳ ଉତ୍ପାଦନ କରାଯାଉଥିବାବେଳେ ୧୯୦୦ ପ୍ରାରମ୍ଭରେ ତାହା ୧୨୦୦ ମିଲିୟନ ଟନ ହେଲା। ବର୍ଷକୁ ବର୍ଷ ତୈଳ ବ୍ୟବହାର ଏତେ ବୃଦ୍ଧି ପାଉଛି ଯେ, ଏବେ ଦୈନିକ ୧୦ମିଲିୟନ ଟନ ଉତ୍ତୋଳନ କରାଯାଉଛି। ଯେଉଁପରି ଭାବେ ତୈଳ ବ୍ୟବହାର ବଢ଼ି ଚାଲିଛି ସେଥିରେ ଲଗାମ ନ ଦେଲେ ଆଗାମୀ ୪୦ବର୍ଷ ମଧ୍ୟରେ ପୃଥିବୀର ତୈଳଭଣ୍ଡାର ଶେଷ ହୋଇଯିବ ବୋଲି ବୈଜ୍ଞାନିକମାନେ ଆକଳନ କରୁଛନ୍ତି। ପୃଥିବୀରେ ଗଚ୍ଛିତ ଥିବା ପ୍ରାକୃତିକ ଗ୍ୟାସ୍‌ର ପରିମାଣ ୧, ୮୭, ୫୦୦ ବିଲିୟନ କ୍ୟୁବିକ ମିଟର। ପୃଥିବୀ ଗ୍ୟାସ ଭଣ୍ଡାରର ୩୬% ଗଚ୍ଛିତ ଅଛି ମଧ୍ୟ ପ୍ରାଚ୍ୟରେ । ଆମ ଦେଶରେ ଥିବା ଗ୍ୟାସ ଭଣ୍ଡାରରେ ଅଛି ୭୫୦ ବିଲିୟନ କ୍ୟୁବିକ ମିଟର, ଯାହା ପୃଥିବୀ ଭଣ୍ଡାରର ୦.୪%। ୨୦୦୮ ମସିହା ଫେବୃୟାରୀରେ କେନ୍ଦ୍ର ତୈଳ ମନ୍ତ୍ରଣାଳୟ ପ୍ରକାଶ କଲେ ଯେ, ଓଡ଼ିଶାର ମହାନଦୀ ଅବବାହିକାରେ ୧୦,୬୫୫ ବର୍ଗ କିଲୋମିଟର ଅଞ୍ଚଳରେ ଗ୍ୟାସ ମହଜୁଦ ଅଛି। ଯେଉଁ ହାରରେ ପ୍ରାକୃତିକ ଗ୍ୟାସ ବ୍ୟବହାର ବଢ଼ି ବଢ଼ି ଚାଲିଛି ବୈଜ୍ଞାନିକମାନେ ଆକଳନ କଲେଣି ଯେ ଆଗାମୀ ୬୫ବର୍ଷ ମଧ୍ୟରେ ପୃଥିବୀର ପ୍ରାକୃତିକ ଗ୍ୟାସ ଭଣ୍ଡାର ଶେଷ ହୋଇଯିବ। ଜୀବାଶ୍ମ ଉତ୍ସରୁ ସଂଗ୍ରହ ଶକ୍ତି କମାଇବୁ, ଆମକୁ ଅନ୍ୟ ଉତ୍ସରୁ ଅଧିକରୁ ଅଧିକ ଶକ୍ତି ସଂଗ୍ରହ କରିବାକୁ ପଡ଼ିବ, ମନୁଷ୍ୟ ୪ହଜାର ବର୍ଷ ପୂର୍ବରୁ ପବନ ଶକ୍ତି ବ୍ୟବହାର ଜାଣିଥିଲା। ପବନ ଶକ୍ତିର ବିଶେଷତ୍ୱ ହେଲା, ଏହା ପୃଥିବୀର କୋଣ ଅନୁକୋଣରେ ଉପଲବ୍ଧ। ୪୦୦ବର୍ଷ ପୂର୍ବେ ପାରସ୍ୟ ଲୋକମାନେ ପବନ ଶକ୍ତିରେ ଶସ୍ୟକୁ କୁଟି ଗୁଣ୍ଡ କରୁଥିଲେ । ୧୮୦୦ ମସିହା ବେଳକୁ ୟୁରୋପ ଓ ଚାଇନାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ପବନ କଳ ଚାଲୁଥିଲା। ୧୯୯୦ ବେଳକୁ ଆମେରିକାରେ ୬ଲକ୍ଷ ପବନ କଳ ଚାଲି ଜଳ ଉତ୍ତୋଳନ ସାଙ୍ଗକୁ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ଭାରତରେ ପବନ ଶକ୍ତିରୁ ୮୦,୦୦୦ ମେଗାୱାଟ ଶକ୍ତି ଉତ୍ପାଦନ କରାଯାଇପାରିବ, ମାତ୍ର ବ୍ୟବହାର ହେଉଛି ୧୫୦୦ ମେଗାୱାଟ। ଅତି ଶସ୍ତାରେ ପବନରୁ ଶକ୍ତି ସଂଗ୍ରହ କରି ବିଭିନ୍ନ କାର୍ଯ୍ୟରେ ଲଗାଯାଇପାରିବ। ଖରାରେ ଥିବା ଉତ୍ତାପ ଶକ୍ତିକୁ ସୌରଶକ୍ତି କୁହାଯାଏ। ସୌର ଶକ୍ତିର ବିଶେଷତ୍ୱ ହେଉଛି ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରେ ସୌରଶକ୍ତି ମିଳିପାରିବ। ସୌରଶକ୍ତି ବିଭିନ୍ନ କାର୍ଯ୍ୟରେ ଲାଗିବା ସାଙ୍ଗକୁ ଏହାଦ୍ୱାରା ଦୁଇଚକିଆ, ତିନିଚକିଆ ଓ ଚାରିଚକିଆ ଯାନ ଚାଲିପାରିବ। ସୌର ଶକ୍ତିରେ ଉଡାଜାହାଜ ମଧ୍ୟ ଚାଲିଲାଣି। ସାହାରା ମରୁଭୂମିରେ ମିଳୁଥିବା ସୌରଶକ୍ତି ଦ୍ୱାରା ସାରା ୟୁରୋପକୁ ଆଲୋକିତ କରିବା ପାଇଁ ବୈଜ୍ଞାନିକମାନେ ଆକଳନ କରିଛନ୍ତି । ଜାଟ୍ରୋଫା ବା ବାଇଗବା ଫଳରୁ ବାହାରୁଥିବା ତୈଳରେ ବିଭିନ୍ନ ଯାନ ସାଙ୍ଗକୁ ଉଡାଜାହାଜ ଚାଲିଲାଣି। ଶସ୍ତାରେ ମିଳୁଥିବା ଏ ତୈଳ ସହ ଜେଟ୍ ତୈଳ ମିଶାଇ ନ୍ୟୁଜିଲାଣ୍ଡରେ ବିମାନ ଚାଲିଲାଣି। ଆମ ଦେଶରେ ବାଇଗବା ଚାଷର ସୁବିଧା ଅଛି। ଗୋବରରୁ ଶକ୍ତି ଉତ୍ପାଦନ କରାଯାଏ, ବାୟୋଗ୍ୟାସ ଭାବେ ଘରେ ଘରେ ବାୟୋଗ୍ୟାସ ଉତ୍ପନ୍ନ କରାଯାଇପାରିବ। ମନୁଷ୍ୟ ଯେବେଠାରୁ ଅଗ୍ନିର ବ୍ୟବହାର ଜାଣିଲା, ସେବେଠାରୁ କାଠ ଜାଳି ଉତ୍ତାପ ଶକ୍ତି ବ୍ୟବହାର କରୁଥିଲା। ରେଳଗାଡି କୋଇଲା ଷ୍ଟିମରେ ଚାଲିବା ଆଗରୁ କାଠ ଜାଳି ଷ୍ଟିମ ବାହାର କରି ସେଥିରେ ପ୍ରଥମେ ରେଳ ପରୀକ୍ଷାମୂଳକ ଭାବେ ଚଳାଯାଇଥିଲା। ଶକ୍ତିର ଉତ୍ସ କାଠ ଆମ ପାଇଁ ଅସରନ୍ତି ଭଣ୍ଡାର। ପୃଥିବୀରେ ଗଚ୍ଛିତ ତେଜସ୍କ୍ରିୟ ପଦାର୍ଥରୁ ପରମାଣୁ ଶକ୍ତି ଉତ୍ପାଦନ କରାଯାଏ। ପୃଥିବୀରେ ଏହାର ଭଣ୍ଡାର ଏତେ ଅଛି ଯେ ଏଥିରୁ ଉତ୍ପନ୍ନ ଶକ୍ତି ଦ୍ୱାରା ବିଶ୍ୱବାସୀଙ୍କ ଆବଶ୍ୟକ ସମସ୍ତ ଶକ୍ତିର ଚାହିଦା ଶହ ଶହ ବର୍ଷ ପୂରଣ କରିପାରିବ। ପରମାଣୁ ଶକ୍ତି ଦ୍ୱାରା ଆମେରିକାରେ ୧୯.୪%, ଫ୍ରାନ୍ସରେ ୭୭%, ପାଶ୍ଚାତ୍ୟର ଅନ୍ୟ ୧୧ଟି ରାଷ୍ଟ୍ରରେ ୨୫% ଶକ୍ତି ଆବଶ୍ୟକତା ମେଣ୍ଟାଯାଇପାରୁଥିବା ସ୍ଥଳେ ଭାରତରେ ପରମାଣୁ ଶକ୍ତିର ଶୁଭାରମ୍ଭ କରାଯାଇଥିଲା ୧୯୬୯ରେ ବମ୍ବେର ତାରାପୁରଠାରେ ପ୍ରଥମ ରିଆକ୍ଟର ସ୍ଥାପନ କରାଯାଇ। ଏବେ ବିଭିନ୍ନ ରାଜ୍ୟରେ ୧୭ଟି ରିଆକ୍ଟର କାର୍ଯ୍ୟକ୍ଷମ ହୋଇ ସେଥିରୁ ପ୍ରଥମେ ୪୧୨୦ ମେଗାୱାଟ ଶକ୍ତି ମିଳୁଥିବା ସ୍ଥଳେ ୨୦୨୦ ଶେଷ ସୁଦ୍ଧା ୨୦,୦୦୦ ମେଗାୱାଟକୁ ବୃଦ୍ଧି ପାଇବାକୁ ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଆମ ଦେଶରେ ୩୪.୬୪ ବିଲିୟନ ଟନ ଲିଗ୍‌ନାଇଟର ବୃହତ୍ ଭଣ୍ଡାରକୁ ଯେଉଁଥିରୁ ଶକ୍ତି ଉତ୍ପାଦନ କରାଯାଇପାରିବ। ଶକ୍ତି ଉତ୍ପାଦନ ଯୋଗ୍ୟ ୟୁରାନିୟମ ପୃଥିବୀରେ ୩.୫ ନିୟୁତ ଟନ ଥିବାବେଳେ ଆମ ଦେଶରେ ଏହା ଅଛି ୯୦ହଜାର ଟନ।

ତରଳ ଉଦ୍‌ଜାନକୁ ପେଟ୍ରୋଲ ପରି ବ୍ୟବହାର କରି ପେଟ୍ରୋଲର ୩ ଗୁଣ ଶକ୍ତି ଉତ୍ପନ କରାଯାଇ ପାରେ । ଉଦ୍‌ଜାନ ଜଳ ଓ ବାୟୁରୁ ମିଳିପାରିବ, ଯାହାର ଉତ୍ସ ଅସରନ୍ତି । ଉଦ୍‌ଜାନ ଶକ୍ତିରେ ଚାଳିତ ୩ଟି ବସକୁ ପ୍ରଥମେ ୨୦୦୯ ମସିହାରେ ଅଷ୍ଟ୍ରେଲିଆ ସରକାର ରାସ୍ତାକୁ ଛାଡି ଥିଲେ। ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଦେଶର ପ୍ରଥମ ଉଦ୍‌ଜାନ ଇନ୍ଧନ ଯୋଗାଣ ପମ୍ପ ୨୦୦୯ରେ ଦିଲ୍ଲୀରେ ପ୍ରତିଷ୍ଠା କରିଛି । ୧୯୭୦ରେ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଥିଲା ବେଳେ ଉଦ୍‌ଜାନର ପରିକଳ୍ପନା କରାଯାଇଥିଲା।

୨୭।୨।୧୩ରେ ଆମ ରାଜ୍ୟ କ୍ୟାବିନେଟରେ ମଞ୍ଜୁର ହୋଇଥିଲା ଜୀବାଶ୍ମ ଇନ୍ଧନ ଉତ୍ସ ବାହାରେ ଅନ୍ୟ ଉତ୍ସରୁ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ 'ସବୁଜ ଶକ୍ତି ଉନ୍ନୟନ ନିଗମ'। ଏଥିରେ ବିଭିନ୍ନ ଉତ୍ସରୁ ଯେଉଁ ପରିମାଣର ଶକ୍ତି (ମେଗାୱାଟ) ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ସେ ସବୁହେଲା ସୌର ୧୪,୦୦୦, ପବନ ୧,୭୦୦, ଗୋବର ୩୫୦, କ୍ଷୁଦ୍ର ଜଳ ବିଦ୍ୟୁତ୍ ୧୬୦, ବର୍ଜ୍ୟବସ୍ତୁ ୨୦ ଓ ସର୍ବମୋଟ ୧୬,୨୩୦ ମେଗାୱାଟ। ଏଥିପାଇଁ ରାଜ୍ୟ ସରକାର ଆନ୍ତରିକତାର ସହ କାର୍ଯ୍ୟ କରିବା ଦରକାର ।

ଭୁବନେଶ୍ୱର–୨, ମୋ.– ୭୦୦୮୮୪୬୨୭୨

## ଏଇ ଭାରତରେ

ଦେଶର ମହିଳା ଚାଷୀଙ୍କ ପାଇଁ କର୍ନାଟକର କବିତା ମିଶ୍ରା ଏକ ପ୍ରେରଣା। ରାଇଚୁର ଜିଲାର କବିତା ଇନ୍‌ଫୋସିସ୍ ଚାକିରି ଛାଡ଼ି ଫଳଚାଷ କରି ମାସକୁ ୧୫ରୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୮ ଏକର ଫାର୍ମରେ ସେ ବିଭିନ୍ନ ପ୍ରକାର ଫଳ ଗଛ ଲଗାଇଛନ୍ତି। ୮୦୦ ଚନ୍ଦନ ଗଛ ମଧ୍ୟ ଲଗାଇଛନ୍ତି। ଫଳଗଛଗୁଡ଼ିକ ମଧ୍ୟରେ ରହିଛି ପିଜୁଳି, ଆତ, ଜାମୁ, ଡାଳିମ୍ବ, ଆମ୍ବ, କମଳା। କବିତା ମନସ୍ତତ୍ତ୍ୱରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ କମ୍ପ୍ୟୁଟର ସାଇନ୍ସରେ ଡିପ୍ଲୋମା କରିଛନ୍ତି। ବିବାହ ପରେ ସ୍ୱାମୀ ଉମାଶଙ୍କର ତାଙ୍କ ୪୩ ଏକର ପୈତୃକ ସମ୍ପତ୍ତିରୁ ୮ ଏକର କବିତାଙ୍କୁ ଦେଇଥିଲେ ଓ ଚାକିରି ଛାଡ଼ି ଚାଷ କରିବାକୁ ପ୍ରେରଣା ଯୋଗାଇଥିଲେ। ସେ ବହୁ ମହିଳାଙ୍କୁ ଚାଷ କ୍ଷେତ୍ରକୁ ଆଣିପାରିଛନ୍ତି। ୧୧ ବର୍ଷ ତଳେ ସେ ଏଭଳି ଚାଷ ଆରମ୍ଭ କରିଥିଲେ। ଫାର୍ମର ସୁରକ୍ଷା ପାଇଁ କବିତା ଗଛରେ ମାଇକ୍ରୋଚିପ୍ ଲଗାଇଛନ୍ତି। କେହି ଗଛ କାଟିଲେ କିମ୍ବା ସେଥିରେ ଚଢ଼ି ଫଳ ତୋଳିଲେ ଗଛରେ ଭାଇବ୍ରେସନ ହୁଏ ଓ କବିତାଙ୍କ ସ୍ମାର୍ଟ ଫୋନ୍‌କୁ ସତର୍କ ସୂଚନା ପ୍ରେରଣ କରେ ମାଇକ୍ରୋଚିପ୍। ସେ ମଧ୍ୟ ଫାର୍ମରେ ଡଗ୍ ସ୍କ୍ୱାଡ୍ ରଖିଛନ୍ତି। ଫଳ ବିକ୍ରି କରିବା ପାଇଁ କବିତା ରୋଡ୍ କଡ଼ରେ ଏକ ଗୋଦାମ କରିଛନ୍ତି। ବିଭିନ୍ନ ଅଞ୍ଚଳରୁ ଲୋକେ ତାଙ୍କ ଫାର୍ମକୁ ଆସି ଚାଷ ପଦ୍ଧତି ସମ୍ପର୍କରେ ଶିଖୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଡିସେମ୍ବର ୧୯୯୫**

- ପୂର୍ବାଞ୍ଚଳ ସ୍ଲାଭୋନିଆରେ କ୍ରୋଏସିଆ ଶାସନାଧୀନ ଅଞ୍ଚଳର ଶାନ୍ତି ପ୍ରତିଷ୍ଠା ପାଇଁ ୯,୩୦୦ ଜାତିସଂଘ ଶାନ୍ତିସେନା ବାହିନୀ ପଠାଇବାକୁ ଜାତିସଂଘର ମହାସଚିବ ବୁଟ୍ରୋସ ଘାଲିଙ୍କ ସୁପାରିଶ।
- ସାହ୍ୟରସ କ୍ଷେତ୍ରରେ ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ପଙ୍କଜିନୀ ଦାସ କାନ୍ତକବି ପୁରସ୍କାର ଲାଭ କରିଛନ୍ତି।

# ପ୍ରଦୂଷଣ ଜାଲରେ ଲକ୍ଷାଧିକ ଶିଶୁ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସର୍ବଶେଷ ତଥ୍ୟ ଅନୁଯାୟୀ ବାୟୁପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ୫କୋଟି ୪୦ଲକ୍ଷ ଲୋକଙ୍କ ଜୀବନ ଅକାଳରେ ଝଡ଼ି ପଡୁଥିବାବେଳେ ଭାରତରେ ବର୍ଷକୁ ୧୧ଲକ୍ଷ ୯୮ହଜାର ଲୋକଙ୍କ ଜୀବନ ଚାଲିଯାଉଛି। ଅର୍ଥାତ୍ ଦିନକୁ ୩୨୮୩ଜଣ ଭାରତୀୟ ଏହି ଉଦ୍‌ବେଗଜନକ ବାୟୁପ୍ରଦୂଷଣର ଶିକାର ହେଉଛନ୍ତି। ସବୁଠାରୁ ଅଭାବନୀୟ ପ୍ରସଙ୍ଗ ହେଉଛି ୧୫ ବର୍ଷ ବୟସ ଭିତରେ ରହିଥିବା ହତଭାଗ୍ୟ ମୃତକଙ୍କ ସଂଖ୍ୟା ୧ଲକ୍ଷ ୯ହଜାର ୨୨ଜଣ। ସେହିପରି ସେମାନଙ୍କ ଭିତରୁ ୫ବର୍ଷ ବୟସ ଭିତରର ଶିଶୁ ହେଉଛନ୍ତି ୧ଲକ୍ଷ ୧ହଜାର ୭୮୮ଜଣ। ବିଶ୍ୱ ବ୍ୟାଙ୍କ ଅନ୍ୟ ଏକ ରିପୋର୍ଟରେ ସତର୍କ କରିଛନ୍ତି ଯେ ଉଦ୍‌ବେଗଜନକ ମହାମାରୀର ଭୟାନକ ରୂପ ନେଇଥିବା ଏହି ବାୟୁ ପ୍ରଦୂଷଣ ପାଇଁ ବାର୍ଷିକ ଅଭିବୃଦ୍ଧି ହାର ପାଖାପାଖି ୩% ହ୍ରାସ ପାଉଛି। ବିଗତ ପାଞ୍ଚବର୍ଷର ବିଭିନ୍ନ ପାରିପାର୍ଶ୍ୱିକ ତଥ୍ୟକୁ ଅନୁଧ୍ୟାନ କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଉଲ୍ଲେଖ କରିଛି ଯେ ଯାନବାହନ ସଂଖ୍ୟା ବୃଦ୍ଧି, ଖଣିଜ ପରିବହନ, ଦ୍ରୁତ ଶିଳ୍ପାୟନ, କୋଇଲାଭିତ୍ତିକ ଶକ୍ତି ପ୍ରକଳ୍ପ, ଶିଳ୍ପାଞ୍ଚଳରେ ପ୍ରଦୂଷଣର ମାତ୍ରା ଓ ଭାରତର ବିଶେଷକରି ଓଡ଼ିଶା ପରି ଦେଶର ବିଭିନ୍ନ ଜନଗହଳିପୂର୍ଣ୍ଣ ସହରର ଅବ୍ୟବସ୍ଥିତ କାର୍ଯ୍ୟକଳାପ ଏଥିପାଇଁ ଦାୟୀ। ଡିଜେଲ, କୋଇଲା ଓ ଅନ୍ୟ ଶିଳ୍ପ ଇନ୍ଧନ ଦହନରୁ ବାହାରୁ ଥିବା ବିଷାକ୍ତ ନାଇଟ୍ରୋଜେନ ଅକ୍ସାଇଡ, କାର୍ବନ ମନୋକ୍ସାଇଡ ଓ ଡାଇଅକ୍ସାଇଡ, ଓଜୋନ, ଆମୋନିଆ, ସଲଫର ଡାଇଅକ୍ସାଇଡ ପରି ବିଷାକ୍ତ ବାଷ୍ପ ବାୟୁମଣ୍ଡଳର ଧୂଳିକଣାକୁ ବ୍ୟାପକ କରିବା ସହ ବିଷାକ୍ତ କରିଦେଇଥାଏ। ଏହି ବିଷାକ୍ତ ବାଷ୍ପ ଧୂଳିକଣା ବାୟୁମଣ୍ଡଳରେ ଶୀଘ୍ର ବ୍ୟାପିବା ସହ ଏହା ଅତି କ୍ଷୁଦ୍ର କୁହାଯାଉଥିବା ବିଷାକ୍ତ ଧୂଳିକଣା ବା ପାର୍ଟିକୁଲେଟ୍ ମ୍ୟାଟର ବା ପିଏମ୍୧୦ ଓ ପିଏମ୍୨.୫। ଅନେକେ ହୁଏତ ଜାଣି ନ ଥାନ୍ତି ଏହି ପିଏମ୍୧୦ର ଗୋଲେଇ ହେଉଛି ମନୁଷ୍ୟ କେଶର ୧୦୦ ଭାଗରୁ ମାତ୍ର ୧ଭାଗ। ସେହିପରି ପିଏମ୍ ୨.୫ର ଗୋଲେଇ ହେଉଛି ଏହାଠାରୁ ଚାରିଗୁଣ କମ୍ ଅର୍ଥାତ୍ ଆମ୍ଭମାନଙ୍କର ଆଖପାଖର ବାୟୁମଣ୍ଡଳରେ ଘୂରି ବୁଲୁଥିବା ଏହି ବିଷାକ୍ତ ଧୂଳିକଣା ଆଖିରେ ଦିଶିବାର ଆଦୌ ସମ୍ଭାବନା ନାହିଁ, ଯାହାକୁ ଆମେ ପ୍ରତିଦିନ ଶ୍ୱାସପ୍ରଶ୍ୱାସରେ ଗ୍ରହଣ କରିଥାଉ। ପ୍ରତିଦିନ ଆମ୍ଭେମାନେ ମିନିଟରେ ୭ରେ ୮ଲିଟର ହିସାବରେ ଦେଖିଲେ ଦିନକୁ ୧୧ହଜାର ଲିଟରରୁ ଅଧିକ ବାୟୁ ପ୍ରଶ୍ୱାସରେ ଶରୀର ଭିତରକୁ ନେଇଥାଉ। ବଡ଼ମାନଙ୍କ ତୁଳନାରେ ପିଲାମାନଙ୍କ ଶ୍ୱାସକ୍ରିୟା ଅଧିକ ରହିଥିବାରୁ ସେମାନଙ୍କ ଶରୀର ଭିତରକୁ ଏହି ବିଷାକ୍ତ ବାୟୁ ରକ୍ତ ସଞ୍ଚାଳନ, ଫୁସ୍‌ଫୁସ୍ ଓ ସେମାନଙ୍କ ଶାରୀରିକ ଅଭିବୃଦ୍ଧିକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ।

ସେହିପରି କେବଳ ପିଲାମାନେ ନୁହନ୍ତି ଗର୍ଭବତୀ ମହିଳା ଓ ଗର୍ଭରେ ଥିବା ପିଲାଟି ପାଇଁ ଏହି ପ୍ରଦୂଷିତ ବାୟୁ ଭୟାନକ ବିପଦ ସୃଷ୍ଟି କରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଏହା ସୂଚାଉଛି ଯେ, ପିଏମ୍ ମାତ୍ର ୧୦ ମାଇକ୍ରୋଗ୍ରାମ ବଢ଼ିଲେ ମୃତ୍ୟୁହାର ୩ ଦଶମିକରୁ ୨୬ ଦଶମିକ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ନିକଟରେ ଏକ ୟୁରୋପୀୟ ମହାକାଶ ଗବେଷଣା ସଂସ୍ଥା ମହାକାଶକୁ ପଠାଇଥିବା ଉପଗ୍ରହ ଯାହାର ନାମ ସେଣ୍ଟିନାଲ୫ ତଥ୍ୟରୁ ଜଣାଯାଇଛି ଯେ, ବିଷାକ୍ତ ନାଇଟ୍ରୋଜେନ ଅକ୍ସାଇଡ ଧୂଆଁ ଓ ଧୂଳି ବ୍ୟାପିବା ଯୋଗୁ ବିଶ୍ୱର ୫୦ଟି ସହର ତଥା ଅଭିବୃଦ୍ଧିସମ୍ପନ୍ନ ଶିଳ୍ପାଞ୍ଚଳ ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରାକୁ ଗମ୍ଭୀର କରିବା ସହ ଏଥିରେ ବିପଜ୍ଜନକ ବା ହଟସ୍ପଟ ରହିଛି। ଚାଇନାର ଦଶଟି, ୟୁରୋପର ଚାରିଟି, ଆରବର ଆଠଟି ଓ ଭାରତର ତିନୋଟି ଶିଳ୍ପାଞ୍ଚଳ ସହର ଏହା ଭିତରେ ରହିଛି। ଭାରତର ଏନ୍‌ସିଆର ବା ଜାତୀୟ ରାଜଧାନୀ ଅଞ୍ଚଳ କୁହାଯାଉଥିବା ଦିଲ୍ଲୀ, ଉତ୍ତର ପ୍ରଦେଶର ସୋନଭଦ୍ରା, ମଧ୍ୟପ୍ରଦେଶର ସିଂଗରୌଲି ସମେତ ଓଡ଼ିଶାର କୋଇଲା ସମୃଦ୍ଧ କଳାହୀରାର କ୍ଷେତ୍ର କୁହାଯାଉଥିବା ତାଳଚେର, ଅନୁଗୋଳ ହେଉଛି ପ୍ରମୁଖ ହଟସ୍ପଟ। ତାଳଚେରର ଜାତୀୟ ତାପଜ ବିଦ୍ୟୁତ୍ ନିଗମ କୋଇଲା ଇନ୍ଧନଭିତ୍ତିକ ଶକ୍ତି କେନ୍ଦ୍ର ରହିଥିବାରୁ ଏହି ଅଞ୍ଚଳର ବାୟୁମଣ୍ଡଳ ସାଙ୍ଘାତିକ ଭାବେ ପ୍ରଦୂଷଣର ଶିକାର ହେଉଛି। ଏଠାରେ କୋଇଲା ଉତ୍ତୋଳନ ସହ ଲଗାତର ପରିବହନ ହେଉଥିବାରୁ ବାୟୁ ପ୍ରଦୂଷଣ ସ୍ଥିତି ବିଗିଡ଼ିବା ଅବସ୍ଥାରେ ପହଞ୍ଚି ସାରିଲାଣି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ତାଳଚେର ଅନୁଗୋଳ ବାୟୁମଣ୍ଡଳର ପ୍ରତି ତିନିଘନ ମିଟର ବାୟୁରେ ପିଏମ୍୧୦ମାତ୍ରା ସର୍ବନିମ୍ନ ୩୨ରୁ ସର୍ବାଧିକ ୨୦୦୮ ମାଇକ୍ରୋଗ୍ରାମରେ ଓ ପିଏମ୍ ୨.୫ ମାତ୍ରା ୧୬ରୁ ୧୫୩ ମାଇକ୍ରୋଗ୍ରାମରେ ପହଞ୍ଚିଥିଲା। ସେହି ସମୟରେ ଦ୍ୱୈତନଗରୀ ଭୁବନେଶ୍ୱରରେ ପିଏମ୍୧୦ ମାତ୍ରା ସର୍ବାଧିକ ୩୨୯ ଓ ପିଏମ୍ ୨.୫ ମାତ୍ରା ୩୩୧ମାଇକ୍ରୋଗ୍ରାମରେ ରହିଥିଲା। ସେହି ସମୟରେ କଟକରେ ପିଏମ୧୦ ଓ ପିଏମ୍ ୨.୫ର ସର୍ବାଧିକ ମାତ୍ରା ଯଥାକ୍ରମେ ୩୩୫ ଓ ୨୦୫ ମାଇକ୍ରୋଗ୍ରାମ ଥିଲା। ଯେଉଁଠି ପାରାଦୀପରେ ପିଏମ୍୧୦ ଓ ପିଏମ୍୨.୫ ଯଥାକ୍ରମେ ୩୮୬ ଓ ୧୫୫ ମାଇକ୍ରୋଗ୍ରାମ ଥିବାବେଳେ ପୁରୀରେ ୨୨୩ ଓ ୧୭୭, କୋଣାର୍କରେ ୨୪୮ ଓ ୮୫ ଓ ରାଉରକେଲାରେ ଯଥାକ୍ରମେ ୪୩୩ ଓ ୧୨୯ ମାଇକ୍ରୋଗ୍ରାମ ରହିଥିଲା। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଓ ସମ୍ବଲପୁରରେ ପିଏମ୍ ମାତ୍ରା ୫୮୦ ଓ ୫୨୫ ମାଇକ୍ରୋଗ୍ରାମ ଥିବାବେଳେ ଯାଜପୁର କଳିଙ୍ଗନଗରରେ ପିଏମ୍ ମାତ୍ରା ସର୍ବାଧିକ ୨୬୨ ମାଇକ୍ରୋଗ୍ରାମ ଥିଲା। ଦିନକୁ ଦିନ ଯାନବାହନ ଓ ଶିଳ୍ପାୟନ ସହ ଗଛ ବ୍ୟାପକ କଟାଯିବା ସହ କଂକ୍ରିଟ ଜଙ୍ଗଲ ଯଥେଷ୍ଟ ବଢୁଥିବାରୁ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ଭାବେ ବଢୁଛି। ଦ୍ୱୈତ ନଗରୀରେ ଗାଡ଼ି ଧୂଆଁ ବାୟୁପ୍ରଦୂଷଣର ସାଙ୍ଘାତିକ କାରଣ। ରାଜ୍ୟ ସରକାର ଶିଳ୍ପ କ୍ଷେତ୍ରରେ ଭୟାବହ ବାୟୁପ୍ରଦୂଷଣକୁ ରୋକ ଲଗାଇବା ପାଇଁ ଶିଳ୍ପ ସଂସ୍ଥାଙ୍କ ଷ୍ଟାରରେଟିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ମଧ୍ୟ ତା'ର ସୁଫଳ ମିଳିପାରୁନାହିଁ। ସଘନ ବନୀକରଣ ସହ ଧୂଳି ଓ ଧୂଆଁରୁ ନିସ୍ତାର ପାଇବା ପାଇଁ ଯୁଦ୍ଧକାଳୀନଭିତ୍ତିରେ ନିଷ୍ପାପର କାର୍ଯ୍ୟ ଦରକାର। ଦିନକୁ ଦିନ ପ୍ରଦୂଷିତ ବାୟୁମଣ୍ଡଳ ଲୋକମାନଙ୍କ କେବଳ ଧନଜୀବନ ନୁହେଁ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧୀରେ ଧୀରେ ପ୍ରଭାବିତ କରୁଛନ୍ତି। ବ୍ୟାପକ ଗଛ କଟାଯାଉଥିବାରୁ ଆମ୍ଭେମାନେ ଅମ୍ଳଜାନ ଦିନକୁ ଦିନ କମ୍ ପାଉଛେ ଓ ଏହା ପ୍ରଦୂଷିତ ହେଉଛି ମଧ୍ୟ। ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ବଡ଼ କାରଣ। ତେବେ ବାୟୁ ପ୍ରଦୂଷଣ ରୋକିବା ପାଇଁ କେବଳ ସରକାର ବା ତାଙ୍କ ବ୍ୟବସ୍ଥା ଉପରେ ନିର୍ଭର କଲେ ଚଳିବ ନାହିଁ। ଏ କ୍ଷେତ୍ରରେ ସଚେତନ ହେବା ସହ ଆମ ପାରିପାର୍ଶ୍ୱିକ ବ୍ୟବସ୍ଥାକୁ ସଫା ଓ ପରିଷ୍କାର ରଖିବା ସହ ବୃକ୍ଷ ରୋପଣକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ,
ଶିଶୁଭବନ, କଟକ, ମୋ : ୯୪୩୭୧୨୪୦୭୪

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ
ବଉଳିଛି ସୁବାସିତ ବୂତ
ତଳେ ତାର ପଞ୍ଚମୀ ଚାଁଦ
ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସି ବୂତ।

–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଟ୍ରିକ ପରୀକ୍ଷା ବିଳମ୍ବ କରାଯାଉ

ମହାଶୟ,

ଚଳିତ ମାଟ୍ରିକ ପରୀକ୍ଷା 'କରୋନା' ମହାମାରୀ ଯୋଗୁ ବିଳମ୍ବ କରାଯାଉ। ପାଠ୍ୟଖସଡ଼ା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଦୀର୍ଘ ୯ମାସ ସ୍କୁଲ ବନ୍ଦ ରହିବା ଫଳରେ ଛାତ୍ରୀଛାତ୍ରମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇଛନ୍ତି । ଗଣମାଧ୍ୟମ ଶିକ୍ଷାଦାନ ସୁଫଳ ପହଞ୍ଚିପାରୁନାହିଁ । ଅନ୍ୟୂନ ତିନିମାସରୁ ଅଧିକ ସମୟ ବୃଦ୍ଧି କରାଯାଉ । ଏଥିପ୍ରତି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା କି ପରୀକ୍ଷା ସୁରୁଖୁରୁରେ ସମାପ୍ତ ହେବା ସହ ସଫଳତା ମିଳିପାରିବ ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲେ ଅଭିଭାବକ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ସ୍କୁଲ୍ ଫି' ଛାଡ଼ ପ୍ରସଙ୍ଗକୁ ନେଇ ଅର୍ଗାନାଇଜେଶନ ଅଫ୍ ପ୍ୟାରେଣ୍ଟ୍ସ ଫେଡ଼େରେଶନ(ଓଫାଫ୍) ପକ୍ଷରୁ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନକୁ ଘେରାଉ କରାଯାଇଥିଲା। ଅଭିଭାବକମାନେ ଘଣ୍ଟ ହୁଳହୁଳି ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘରୋଇ ସ୍କୁଲ୍ ଫି' ବିବାଦରେ ଗଣଶିକ୍ଷା ମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ସେମାନେ କହିଛନ୍ତି, ମହାମାରୀ କରୋନା ପାଇଁ ପ୍ରାୟ ୯ମାସ ହେବ ବିଦ୍ୟାଳୟ ବନ୍ଦ ରହିଛି। ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଛି। ଯେଉଁ ଅଭିଭାବକ ସ୍କୁଲ୍ ଫି' ଦେଇପାରିନାହାନ୍ତି, ସେମାନଙ୍କ ପିଲାଙ୍କୁ ଅନ୍‌ଲାଇନ୍ କ୍ଲାସ୍‌ରୁ ବାହାର କରି ଦିଆଯାଉଛି। ଟିସି ନେଇଯିବାକୁ ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ଛାତ୍ରୀଛାତ୍ରଙ୍କୁ ଧମକ ଦେଇ ମାନସିକ ନିର୍ଯାତନା ଦିଆଯାଉଛି। ତେଣୁ ଘରୋଇ ସ୍କୁଲ ଫି' ଉପରେ ସରକାର ଅଙ୍କୁଶ ଲଗାଇବାକୁ ସଂଘ ଦାବି କରିଛି। ଏ ନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଘରୋଇ ସ୍କୁଲ ଫି'କୁ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ତେଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିବା ପାଇଁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟରେ ସତ୍ୟପାଠ ଦେଇଛନ୍ତି ଯେ, ଘରୋଇ ସ୍କୁଲଗୁଡ଼ିକ ଉପରେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। କିନ୍ତୁ ଅଭିଭାବକଙ୍କ କହିବା କଥା, ଓଡ଼ିଶା ଶିକ୍ଷା ଆଇନ୍ ଓ ୧୯୯୬ ସେପ୍ଟେମ୍ବର ୨୩ ରିଜୋଲ୍ୟୁଶନରେ ଘରୋଇ ସ୍କୁଲ୍ ଉପରେ ସରକାରଙ୍କ ନିୟନ୍ତ୍ରଣ କଥା ଉଲ୍ଲେଖ ରହିଛି। ଏଥିସହ ଯେତିକି ସେବା, ସେତିକି ଫି' ନେବାକୁ ନିୟମ ରହିଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍କୁଲ୍ ଫି' ନେବା ଉଚିତ। କିନ୍ତୁ ସରକାର ଜାଣିଶୁଣି ଏହି ଅଧିନିୟମକୁ ଲୁକ୍କାୟିତ ରଖି କୋର୍ଟ ନିଷ୍ପତ୍ତି ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛନ୍ତି। ଘରୋଇ ବିଦ୍ୟାଳୟଗୁଡ଼ିକ ସହିତ ସରକାରଙ୍କ ମଧୁଚନ୍ଦ୍ରିକା ସମ୍ପର୍କ ରହିଥିବା ଜଣାପଡୁଛି। ଯଦି ସରକାର ଅଭିଭାବକଙ୍କ ଏହି ସମସ୍ୟାକୁ ତୁରନ୍ତ ସମାଧାନ ନ କରନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଓଫାଫ୍ ପକ୍ଷରୁ ଚେତାବନୀ ଦିଆଯାଇଛି।


ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅଭିଭାବକମାନେ ଧାରଣାରେ ବସିଛନ୍ତି।

- ଘରୋଇ ସ୍କୁଲ୍ ଫି' ଉପରେ ଅଙ୍କୁଶ ଲଗାଇବାକୁ ଦାବି
- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିବାକୁ କହିଲେ ମନ୍ତ୍ରୀ

# ଦୁର୍ଘଟଣା ନେଲା ୨ଭାଇଙ୍କ ଜୀବନ

ଜଳେଶ୍ୱର,୧୩।୧୨(ସ୍ୱ.ପ୍ର.)

ବାଲେଶ୍ୱରଜିଲା୫୭ନଂ.ରାଜ୍ୟରାଜପଥରକମର୍ଦ୍ଦାଥାନାଅଧୀନସାତଶୁଳିଆଠାରେ ରବିବାର ପୂର୍ବାହ୍ନରେ ସଡ଼କ ଦୁର୍ଘଟଣା ଘଟି ଦୁଇ ଭାଇଙ୍କ ଜୀବନ ଯାଇଛି। ମୃତକ ହେଲେ ଜଳେଶ୍ୱର ବ୍ଲକ ବାଣିଦା ଗ୍ରାମର ରଣଜିତ୍ ଦାସଙ୍କ ଦୁଇ ପୁଅ କିଶୋର (୧୮) ଓ ସ୍ୱାଧୀନ (୧୪)। କମର୍ଦ୍ଦାରୁ ଏକ ପଲ୍‌ସର ବାଇକ୍ (ନଂ. ଅଡ଼ି୦୧ଏଏଚ୍–୮୦୦୭)ରେ ଦୁଇ ଭାଇ ଯାଉଥିବା ବେଳେ ଜଳେଶ୍ୱର ପଟୁ ଆସୁଥିବା ଏକ ଡମ୍ପର (ନଂ. ଓଆର୍୦୧ୟୁ–୨୧୦୪) ସହ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁଇ ଭାଇଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପୋଲିସ୍ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଧକ୍କାରେ କାର୍, ବାଇକ୍ ଜଳିଗଲା: ଜଣେ ମୃତ


ଦୁର୍ଘଟଣାରେ ଜଳିଯାଇଥିବା କାର, ବାଇକ୍।

ରଘୁନାଥପୁର,୧୩।୧୨(ଡି.ଏନ୍. ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ଗୋପାଳପୁରଠାରେ ରବିବାର ମୁହାଁମୁହିଁ ଧକ୍କା ହୋଇ ଏକ କାର ଓ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ରଘୁନାଥପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ବାଇକ ଚାଳକ କୃଷ୍ଣାନନ୍ଦପୁର ପଞ୍ଚାୟତ ମନୁମହଲାର ଶେଖ କରାମତ ଅଲ୍ଲି(୫୮)ଙ୍କ ମୃତ୍ୟୁ ଘଟିଛି। ରଘୁନାଥପୁର ପୋଲିସ ମୃତଦେହ ଜବତ କରିଛି। ଦୁର୍ଘଟଣା ପରେ କାରଚାଳକ ଫେରାର ହୋଇଯାଇଛି। ଏ ନେଇ ଥାନାରେ ମାମଲା (ନଂ. ୧୯୯/୨୦) ରୁଜୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଅଲ୍ଲୀ ଅପରାହ୍ନରେ ଗୋପାଳପୁର ରାସ୍ତାରେ ବାଇକ୍‌ରେ ଯାଉଥିଲେ। ଏହି ସମୟରେ କଟକ ପଟୁ ଆସୁଥିବା ଏକ କାର ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରିବାକୁ ଯାଇ ଅଲ୍ଲୀଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

# ମିଳୁନି ଟେର୍, ୩ ଟିମ୍‌ର ତନାଘନା


ସ୍ୱାତୀଙ୍କୁ ସ୍କୁବାଡାଇଭର ପୋଖରୀରେ ଖୋଜୁଛନ୍ତି।

ନୟାଗଡ଼ ଅଫିସ୍/ରଣପୁର, ୧୩।୧୨(ସ୍ୱ.ପ୍ର.)

## ପରୀ ପରେ ଚିନ୍ତା ବଢ଼ାଇଲା ସ୍ୱାତୀ

- ତଦନ୍ତ କଲା ଜିଲା ଶିଶୁ ସୁରକ୍ଷା ୟୁନିଟ୍
- ପରିବାର ଲୋକଙ୍କୁ ଭେଟିଲା ଭାଜପା ଟିମ୍

ନୟାଗଡ଼ ସଦର ଥାନା ଯଦୁପୁରର ପରୀ ହତ୍ୟାକାଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ି ଚାଲିଛି। ରଣପୁର ଥାନା ସୁନାଖଳା ଫାଣ୍ଡି ବଧିପାଟଣା ଗାଁଦାଣ୍ଡରୁ ଦିନ ଦ୍ୱିପ୍ରହରରେ ୩ ବର୍ଷର ଝିଅ ହରପ୍ରିୟା ସାହୁ(ସ୍ୱାତୀ) ନ ମିଳିବା ଘଟଣା ଆତଙ୍କ ଖେଳାଇ ଦେଇଛି। ଏହା ଜିଲା ପୋଲିସର ମୁଣ୍ଡବ୍ୟଥାକୁ ବଢ଼ାଇ ଦେଇଛି। ପୋଲିସ ପକ୍ଷରୁ ୩ଟି ଟିମ୍ ତଦନ୍ତ ଜାରି ରଖିଥିବାବେଳେ ଦମକଳ ବାହିନୀ ୨ୟ ଦିନରେ ବି କୂଅ, ପୋଖରୀ ଆଦି ଜଳାଶୟ ଖୋଜି ସାରିଲାଣି। ଓଡ୍ରାଫ୍ ଟିମ୍ ଓ ପୋଲିସ ବି ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଛି। ପୋଖରୀରେ ଖୋଜିବା ପାଇଁ ସ୍କୁବା ଡ୍ରାଇଭରଙ୍କୁ ନିୟୋଜିତ କରାଯାଇଛି। ସେହିପରି ତଦନ୍ତ ପାଇଁ ନୟାଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ୨ୟ ଥର ପାଇଁ ଗାଁରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ସେହିପରି ନୟାଗଡ ଶିଶୁ ସୁରକ୍ଷା ୟୁନିଟ୍‌ର ୩ ଜଣିଆ ଦଳ ରଣପୁରର ବଧିପାଟଣା ଗାଁକୁ ସ୍ୱାତୀର ପରିବାର ଲୋକଙ୍କୁ ଭେଟିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା, ଶିଶୁ ସୁରକ୍ଷା ଅଧିକାରୀ ସତ୍ୟ ରଞ୍ଜନ ଦାଶ ଓ ରଣପୁର ସିଡିପିଓ ଶିଶୁ ନିଖୋଜର ତଦନ୍ତ କରି ଫେରିଆସିଛି। ଅନ୍ୟପକ୍ଷେ ଭାଜପାର ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ସ୍ୱାତୀର ପରିବାରକୁ ଭେଟି ନିଖୋଜ ସମ୍ପର୍କରେ ପଚାରି ବୁଝିଥିଲେ। ୯ଦିନ ଧରି ନୟାଗଡରେ ରିଲେ ଅନଶନ ଭାଜପା ପକ୍ଷରୁ ଚାଲୁ ରହିଛି। ଏବେ ରଣପୁର ଶିଶୁକନ୍ୟା ନିଖୋଜ ପୁଣି ଚିନ୍ତାରେ ପକାଇଛି। ସ୍ୱାତୀର ମା' କହୁଥିଲେ ମୋ ଝିଅ ଭଲରେ ଘରକୁ ଫେରି ଆସୁ। ପରୀ ପରି ମୋ ଝିଅ ସହ ଘଟଣା ନ ଘଟୁ। ଗାଁର ସୁରେଶ କୁମାର ବେହେରା କୁହନ୍ତି, ସବୁଆଡେ ଖୋଜଖୋଜି ଚାଲିଛି। ହେଲେ କିଛି ବି ସୁରାକ ମିଳୁନି।

# 'ମୋତେ ହତ୍ୟାକାରୀ ଦର୍ଶାଇବାକୁ ଉଦ୍ୟମ ଚାଲିଛି'

ନୟାଗଡ ଅଫିସ/ଭୁବନେଶ୍ୱର,୧୩।୧୨ (ବ୍ୟୁରୋ)

## ପରୀ ହତ୍ୟାକାଣ୍ଡ

- ଏସ୍‌ଆଇଟି ମୁଖ୍ୟଙ୍କ ନାଁରେ ଛାତ୍ରଙ୍କ ସଙ୍ଗିନ ଅଭିଯୋଗ
- ଧମକାଇଲେ, ୫ ଲକ୍ଷ ଟଙ୍କାର ଲୋଭ ଦେଖାଇଲେ

ନୟାଗଡ଼ ସଦର ଥାନା ଅଧୀନ ଯଦୁପୁରର ଶିଶୁକନ୍ୟା ପରୀ ହତ୍ୟାକାଣ୍ଡର ତଦନ୍ତ କରୁଥିବା ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ନାଁରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ର ସରୋଜ ସେଠୀ। ତାଙ୍କୁ ହତ୍ୟାକାରୀ ଦର୍ଶାଇ ଫସାଇବାକୁ ଉଦ୍ୟମ ଚାଲିଛି। ଏଥିପାଇଁ ଧମକଚମକ ଦିଆଯିବା ସହ ୫ ଲକ୍ଷ ଟଙ୍କା ଲୋଭ ଦେଖାଉଥିବା ନେଇ ସରୋଜ ରବିବାର ଗଣମାଧ୍ୟମ ଆଗରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି।

ଯଦୁପୁରର ବାସିନ୍ଦା ସରୋଜ କହିଛନ୍ତି ଯେ, 'ମୁଁ ସତ କଥା କହି ହଇରାଣ ହେଉଛି। ମୋ ପରିବାର ଫସିଯାଇଛୁ। ଭଉଣୀର ବାହାଘର ଏହି ଡିସେମ୍ବର ମାସରେ କିପରି ହେବ ସେନେଇ ଆମେ ଚିନ୍ତିତ ହୋଇପଡିଛୁ। ଅପହରଣ ପୂର୍ବଦିନ ଜୁଲାଇ ୧୩ରେ ପରୀ ଆମ ଘର ପାଖ ଜାମୁକୋଳି ଗଛ ନିକଟକୁ ଆସି କୋଳି ଗୋଟାଉଥିଲା ବୋଲି ତା'ର ମା'ବାପାଙ୍କୁ କହିଥିଲି। ଏହାପରେ ନିର୍ଯାତନା ଓ ମାଡ଼ ଖାଇବା ସହ ଚାପରେ ରହିଛି। ମୃତଦେହ ଉଦ୍ଧାର ପରଦିନ ଜୁଲାଇ ୨୫ରେ ମୋତେ ପୋଲିସ ଜେରା ପାଇଁ ଡାକିନେଲା। ନୟାଗଡ ସଦର ଥାନାରେ ଆଇଆଇସି ରୀନାରାଣୀ ସାହୁ, ଏସ୍‌ଡିପିଓଙ୍କ ଉପସ୍ଥିତିରେ ଜଣେ ଗୋରା ଓ ଚଷମା ପିନ୍ଧା ଅଫିସର ମୋତେ ମାଡ଼ ମାରିଲେ। ପରେ ଡିସେମ୍ବର ୨ରେ ଏସ୍‌ଆଇଟି ଅଧିକାରୀମାନେ ଆସି ଆମ ଘରୁ ଚାର୍ଜରେ ବସିଥିବା ନାନୀର ମୋବାଇଲ ଫୋନ ନେଇଗଲେ। ମୋତେ ସର୍କିଟ ହାଉସ୍‌ରେ ଅରୁଣ ବୋଥ୍ରା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜେରା କରିଲେ। ପ୍ରମାଣ ମିଳିଛି, ତୁମେ ପରୀକୁ ମାରିଛ କହି ଚାପ ପ୍ରୟୋଗ କଲେ। ହତ୍ୟା କରିଛ ବୋଲି ସ୍ୱୀକାର ନ କଲେ ହତ୍ୟାକାରୀ ବୋଲି ଫସେଇ ଦେବାକୁ ଧମକ ଦେଲେ। ଆଗକୁ ବଡ଼ ଅସୁବିଧା ହେବ ବୋଲି ଡରାଇଲେ। ନ ମାନିଲେ ଫିଙ୍ଗରପ୍ରିଣ୍ଟ, ଡିଏନ୍‌ଏ ଓ ରକ୍ତ ନମୁନା ମିଶାଇ ହତ୍ୟାକରୀ ବୋଲି ପ୍ରମାଣ କରିଦେବୁ ବୋଲି କହିଲେ। ଆମ କଥା ମାନ। ସାବାଳକ ହେଲେ ବି ବାଳ ଅପରାଧୀ କରିଦେବୁ। ୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ଫାଶୀ ହେବନି କି ଜେଲ ଯିବାକୁ ପଡିବନି ବୋଲି ଆଶ୍ୱାସନା ଦେଲେ । ନିର୍ଭୟା କେସ୍‌ର ଉଦାହରଣ ଦେଇ ମୋବାଇଲରେ ଏହାର କିଛି ଦୃଶ୍ୟ ଦେଖାଇଲେ । ନିର୍ଭୟା ଘଟଣାର ବାଳ ଅପରାଧୀ ଖସିଲା ପରି ଖସାଇଦେବୁ କହିଲେ। ମୁଁ ପୂରା ଭୟଭୀତ ଥିବାବେଳେ ହଉ ଚାଲିଯାଅ କହି ଛାଡିଦେଲେ। ୧୦ ତାରିଖରେ ଘରକୁ ଆସି ନେଇଯାଇଥିବା ମୋବାଇଲ ଫୋନ୍‌ର ପାସ୍‌ୱାର୍ଡ ମାଗିଲେ। ଆମେ ଲକ୍ କରିନୁ କହିବା ପରେ ଚାଲିଗଲେ। ୧୨ ତାରିଖରେ ଆସି ଘର ଭିତରେ ଅଢ଼େଇ ଘଣ୍ଟା ରହିଲେ। ମୋର ପ୍ୟାଣ୍ଟ, ଶାର୍ଟ, ତକିଆ, ଚଡି, ବେଡ୍, ବେଡଶିଟ୍ ଓ ନାନୀର ଗାମୁଛା ନେଇଗଲେ। କହିଲେ ମୋବାଇଲ ପାସ୍‌ୱାର୍ଡ ଖୋଲିଯାଇଛି। ତୁମକୁ ଶୀଘ୍ର ଫେରାଇ ଦିଆଯିବ। ତେବେ ମୋବାଇଲ ଫେରାଉ ନାହାନ୍ତି। ମୁଁ ଯଦି ଦୋଷୀ ମୋତେ ଗିରଫ କରାଯାଉ। ହେଲେ ସତ୍ୟ ଥାଇ ଏସ୍‌ଆଇଟି ପଦକ୍ଷେପ ନେଉ। ମୋତେ ପୂର୍ବପରି ଆଉ ଭୟଭୀତ ନ କରୁ। ମୋ ପାଠପଢ଼ା ଉପରେ ଏହାର ପ୍ରଭାବ ପଡୁଛି।' ସରୋଜଙ୍କ ଏଭଳି ଅଭିଯୋଗରେ କେତେ ସତ୍ୟତା ରହିଛି ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ ଏହାକୁ ନେଇ ଚର୍ଚ୍ଚା ହେଉଛି ଯେ, ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ତୁରନ୍ତ ପରୀ ହତ୍ୟାକାଣ୍ଡ ଫାଇଲ୍ କ୍ଲୋଜ କରିବାକୁ ଉଦ୍ୟମ କରାଯାଉଛି।

ଅନ୍ୟପକ୍ଷରେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା। ସେ କହିଛନ୍ତି ଯେ, ତଦନ୍ତ ସମୟରେ ସରୋଜଙ୍କ ଉପରେ ବହୁ ସନ୍ଦେହ ସୃଷ୍ଟି ହୋଇଛି। ପଚରାଉଚରା ବେଳେ ସେ ସହଯୋଗ କରୁ ନ ଥିବାବେଳେ ନିଜର ମୋବାଇଲ ପାସ୍‌ୱାର୍ଡ ଜାଣି ନ ଥିବା କହୁଛନ୍ତି। ୫ ଲକ୍ଷ ଟଙ୍କା ଲୋଭ ଦେଖାଇବା କଥା ମନଗଢ଼ା। ଏଥିରୁ ତାଙ୍କ ଉପରେ ସନ୍ଦେହ ଅଧିକ ବଢୁଛି। ଆମେ ଆଇନ ଅନୁଯାୟୀ ତଦନ୍ତ ଚଳାଇଛୁ, ଯେଭଳି ପରୀର ପରିବାରକୁ ନ୍ୟାୟ ମିଳିପାରିବ ବୋଲି ବୋଥ୍ରା କହିଛନ୍ତି।

## 'ମୃତଦେହ ଥିବା ଅଖା ବଦଳାଯାଇଛି'

ନୟାଗଡ଼ ଅଫିସ,୧୩।୧୨: ପରୀ ହତ୍ୟାକାଣ୍ଡକୁ ନେଇ ଏସ୍‌ଆଇଟି ତଦନ୍ତ କରୁଥିବାବେଳେ ପ୍ରମାଣ ନଷ୍ଟର ଅଭିଯୋଗ ଆସିଛି। ଘଟଣା ଚପାଇ ଦେବା ନିମିତ୍ତ ସୃଷ୍ଟ ଷଡ଼ଯନ୍ତ୍ରର ଗୋଟିଏ ପରେ ଗୋଟିଏ ତଥ୍ୟ ସାମ୍ନାକୁ ଆଣି ପରୀର ମା'ବାପା ନ୍ୟାୟ ପାଇଁ ନିବେଦନ କରିଛନ୍ତି। ପରୀର ମା' ସୌଦାମିନୀ ଓ ବାପା ଅଶୋକ ସାହୁ ଅଭିଯୋଗ କରିଛନ୍ତି, ମୃତଦେହର ଅଂଶ ଯେଉଁ ଅଖାରୁ ମିଳିଥିଲା ତାକୁ ବଦଳା ଯାଇଛି। ଥାନାରେ ଥିବା ଅଖାକୁ ବଦଳାଯାଇ ନୂଆ ଅଖା ରଖାଯାଇଛି ବୋଲି ଜଣାପଡିଛି। ପରୀ ହତ୍ୟାକାଣ୍ଡର ପ୍ରମାଣ ନଷ୍ଟ କରିବାକୁ ଜାଣିଶୁଣି ଏଭଳି କରାଯାଇଥିବା ସେମାନେ କହିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ମନ୍ତ୍ରୀ ଅରୁଣ ସାହୁ ଓ ଏସ୍‌ପି ପ୍ରତ୍ୟୁଷ ଦିବାକର ତଦନ୍ତ ପରିସରକୁ ଆସିନାହାନ୍ତି। ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ ଏପରି ଅଭିଯୋଗ ଆଣି ଏସ୍‌ଆଇଟି ତଦନ୍ତ ଉପରେ ପ୍ରଶ୍ନ ଉଠାଇ ସିବିଆଇ ତଦନ୍ତ ଦାବି କରିଛନ୍ତି।

# ବିଜେଡିକୁ ୨୩ ପୂରିବ

## ୨୬ରେ ପ୍ରତିଷ୍ଠା ଦିବସ

- ୨୦ରେ କାର୍ଯ୍ୟକାରିଣୀ ଓ ୨୧ରେ ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳ (ବିଜେଡି) ୨୩ ବର୍ଷ ପୂରଣ କରି ୨୪ରେ ପଦାର୍ପଣ କରିବ। ତେଣୁ ପ୍ରତିଷ୍ଠା ଦିବସ ପାଳନ ପାଇଁ ବଡ଼ଧରଣର ପ୍ରସ୍ତୁତି ଚାଲିଛି। ଏହାପୂର୍ବରୁ ୨୦ ତାରିଖରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ୨୧ରେ ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ କରାଯିବ। ରାଜ୍ୟ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ଦୁଇ ବୈଠକରେ ଦଳର ସାଙ୍ଗଠନିକ, ରାଜନୈତିକ ଓ ଅର୍ଥନୈତିକ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଏଥିରେ ସମସ୍ତ ବିଧାୟକ, ଏମ୍‌ପି ଓ ରାଜ୍ୟ ପରିଷଦ ସଦସ୍ୟମାନେ ଯୋଗଦେବେ। ଦଳର ବିଭିନ୍ନ ପ୍ରସଙ୍ଗ ଉପରେ ଚିଠା ପ୍ରସ୍ତାବ ଗ୍ରହଣ କରାଯିବ। ମୁଖ୍ୟତଃ ସାଙ୍ଗଠନିକ ପ୍ରସଙ୍ଗ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ଦଳର ରୂପରେଖ କିଭଳି ରହିବ, କେଉଁ କେଉଁ ସାଙ୍ଗଠନିକ କାର୍ଯ୍ୟକ୍ରମ ହେବ ଓ ଏଥିପାଇଁ କିଭଳି ପ୍ରସ୍ତୁତି କରାଯିବ ସେନେଇ ଆଲୋଚନା ହେବ। ସଙ୍ଗଠନକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ କରିବା ପାଇଁ ସଦସ୍ୟମାନଙ୍କ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯିବ। ନବ ନିର୍ବାଚିତଙ୍କୁ ଦାୟିତ୍ୱ ମଧ୍ୟ ବଣ୍ଟନ କରାଯିବ। ରବିବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସଙ୍ଗଠନ ସମେତ ଜିଲା, ନିର୍ବାଚନମଣ୍ଡଳୀ, ପୌରାଞ୍ଚଳ ଓ ବ୍ଲକ୍ ସ୍ତରରେ ଦଳର ପ୍ରତିଷ୍ଠା ଦିବସକୁ କୋଭିଡ୍ ଗାଇଡ୍‌ଲାଇନ୍ ସହ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଉଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
The World Mall, Nayapalli, Bhubaneswar
Ph.: 8144114249
9667766419

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗଡ଼ିଲା କଂଗ୍ରେସର ପରୀ ନ୍ୟାୟ ରଥ


ପରୀ ନ୍ୟାୟ ରଥ ସମ୍ମୁଖରେ କଂଗ୍ରେସ ନେତା, କର୍ମୀ ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୧୩।୧୨

ଶିଶୁକନ୍ୟା ପରୀକୁ ନ୍ୟାୟ ଦେବାରେ ରାଜ୍ୟ ସରକାରଙ୍କ ବିଫଳତାର ପ୍ରତିବାଦରେ କଂଗ୍ରେସ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛି। କଂଗ୍ରେସ ପକ୍ଷରୁ ରବିବାର ପରୀ ନ୍ୟାୟ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ପରୀର ମା' ସୌଦାମିନୀ ଓ ବାପା ଅଶୋକ ସାହୁ ଦସ୍ତଖତ କରି ଏହାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିବସରେ ୨୭୦୦ ଦସ୍ତଖତ ସଂଗ୍ରହ କରାଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଓ ନୟାଗଡ଼ ଜିଲା ପ୍ରଭାରୀ ନିଶିକାନ୍ତ ମିଶ୍ରଙ୍କ ସୂଚନା ଅନୁସାରେ ୧୭ ଡିସେମ୍ବର ପର୍ଯ୍ୟନ୍ତ ନ୍ୟାୟ ରଥ ନୟାଗଡ଼ ଜିଲା ବୁଲିବ। ୫୦ ହଜାର ସ୍ୱାକ୍ଷର ସଂଗ୍ରହ କରାଯାଇ ତାହାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦିଆଯିବ। ଏସ୍‌ଆଇଟି ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ନ ଦେବାରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ଜରୁରୀ କଂଗ୍ରେସ ପକ୍ଷରୁ କୁହାଯାଇଛି।

# ୧୫ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ, ୮ ଗିରଫ

ମାଲକାନଗିରି,୧୩।୧୨(ଡି.ଏନ୍.ଏ.)

ମାଲକାନଗିରି ସଦର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରାୟ ୧୫ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲକାନଗିରି ବ୍ୟବସାୟୀ ବିଷ୍ଣୁ ବେହେରା, ଟି. ସତ୍ୟନାରାୟଣ ସୁବୁଦ୍ଧି, ପି.ବାଲା, ଦେବରାଜ କୁମାର ତ୍ରିପାଠୀ, ପ୍ରେମେନ୍ଦ୍ର ପ୍ରଧାନ, ସନ୍ତୋଷ ମହାକୁଡ, କେ. ତିରୁମାଲା ପୃଷ୍ଟି, ସୁଶାନ୍ତ ପ୍ରଧାନ। ଏ ସମ୍ପର୍କରେ ସୂଚନା ପାଇ ଶନିବାର ଏସ୍‌ଡିପିଓ ପ୍ରହ୍ଲାଦ ସାଇମିନାଙ୍କ ନେତୃତ୍ୱରେ ଏକ ଟିମ୍ ଅଟୋରେ କାଲିମେଲା ଯାଉଥିବା ଗୁଟ୍‌ଖା ଜବତ କରିଥିଲେ। ଅଟୋ ଚାଳକଙ୍କ ନିକଟରେ ଏନେଇ କୌଣସି ବିଲ୍ କିମ୍ବା ରସିଦ ନ ଥିଲା। ସେହିପରି ବିଳମ୍ବିତ ରାତିରେ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଭିନ୍ନ କମ୍ପାନୀର ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା ଜବତ କରାଯାଇଥିବା ରବିବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାଇମିନା ସୂଚନା ଦେଇଛନ୍ତି। ଏହିସବୁ ଗୁଟ୍‌ଖା ବ୍ରହ୍ମପୁର ଏବଂ ଜୟପୁରରୁ ଆସୁଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଏଏସ୍‌ପି ଅଭିଲାଷ ଭି., ଆଇଆଇସି ରାମପ୍ରସାଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ।


ADVERTISEMENT

Online applications are invited in Nayagarh Kalaparishad (A Govt. aided Children Home) for the Post of Superintendent, Counselor, House Mother, House Father, Paramedical Staff, Store Keeper-cum-Accountant, Cook, Helper, House Keeper.

For Advertisement details & online application please visit www.nayagarhkalaparisad.org.

Sd./- Secretary
Nayagarh Kalaparishad

OFFICE OF THE BALASORE MUNICIPALITY, BALASORE

E-Procurement Notice

Bid Identification No. BM_11_2020_21

Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Civil const. works as mentioned in DTCN
2. No. of works : 1 No.
3. Estimated cost : As per work list
4. Period of completion : As per DTCN
5. Date and time of bidding : 14.12.2020 to 05.01.2021
6. Last date and time for receipt: 05.01.2021 upto 5.00 P.M.
7. Technical bids received online shall be opened on : 06.01.2021 from 11.00 A.M. onwards.
8. Financial bids received online shall be opened on : 14.01.2021 from 11.00 A.M. onwards
9. Name and address of the officer inviting bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Sd./- Executive Officer
Balasore Municipality

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ଡିସେମ୍ବର, ୨୦୨୦

## ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

ଭୁବନେଶ୍ୱର,(ବ୍ୟୁରୋ): କ୍ୟାପିଟାଲ ଥାନା ଅଧୀନ ଏଜି ଛକଠାରେ ରବିବାର ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାପୁଜୀନଗର ତ୍ରିନାଥ ମନ୍ଦିର ନିକଟରେ ରହୁଥିବା ସାହାଜାନ୍ ମହମ୍ମଦ(୩୪)। ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ସାହାଜାନ୍ ସ୍କୁଟିରେ କ୍ୟାପିଟାଲ ହସ୍ପିଟାଲରୁ ୟୁନିଟ୍-୪ ଆଡ଼କୁ ଯାଉବେଳେ ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ସ୍କୁଟିରୁ ଛିଟିକି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ସାହାଜାନ୍ଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।



## ସଂକ୍ଷେପରେ

### ଶରୀର ଦାନ ସଚେତନତା ସଭା

କଟକ ସଦର, ୧୩।୧୨(ଡି.ଏନ୍.ଏ.): କଟକ ସଦର ଥାନା ଅଧୀନ ମହାଧରପଡାଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାଇ-ଭଉଣୀ ଆନୁକୂଲ୍ୟରେ ରବିବାର ଶରୀର ଦାନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଲିଙ୍ଗରାଜ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ମୁଖ୍ୟବକ୍ତା ଦେବେନ୍ଦ୍ର ସୁତାର ଓ ସମ୍ମାନିତ ବକ୍ତାଭାବେ ପ୍ରଦୀପ କୁମାର ସିହ୍ନା ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳକ ସଞ୍ଜୟ କୁମାର ମହାନ୍ତି ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ, ଆଇନଜୀବୀ କବି ନାରାୟଣ ଜେନା, ସାହିତ୍ୟିକ ବିଜୟ ଦାସ, ବେଣୁଧର ପାଢ଼ୀ ଓ ସତ୍ୟ ନାରାୟଣ ସାହୁ ଯୋଗଦେଇ ଅଙ୍ଗଦାନ ପାଇଁ ଆଗେଇ ଆସିବାକୁ ଜନସାଧାରଣଙ୍କୁ ପ୍ରେରଣା ଦେଇଥିଲେ। ଲଳିତ ନାରାୟଣ ମୁଦୁଲି, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରଣୟ କୁମାର ସାମନ୍ତରାୟ ଓ କଳ୍ପତରୁ ଖୁଣ୍ଟିଆ ଚକ୍ଷୁଦାନ ଏବଂ ସଞ୍ଜୟ ମହାନ୍ତି, ଶିଶିର କୁମାର ମୁଦୁଲି, ରୋଜାଲିନ୍ ମହାନ୍ତି ଶରୀର ଦାନ ପାଇଁ ଘୋଷଣା କରିଥିଲେ।

### ବାଇକ୍, ସ୍କୁଟି ଜବତ: ଯୁବକ ଗିରଫ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ): ଚୋରି ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପଳାଶୁଣି ମୁଣ୍ଡାବସ୍ତିର କାଳିଆ ଓରଫ ଡୁବୁରି ସାମତ(୨୦)। ପୋଲିସ ତାଙ୍କଠାରୁ ଗୋଟିଏ ସ୍କୁଟି ଓ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୫୨/୨୦) ରୁଜୁ କରିଛି। ଗତ ଅକ୍ଟୋବରରେ କଟକ ଜିଲା ବଡ଼ମ୍ବା ଥାନା ଅଞ୍ଚଳର ପପୁ ନାୟକଙ୍କ ସ୍କୁଟି ମଞ୍ଚେଶ୍ୱର ଅଞ୍ଚଳରୁ ଚୋରି ହୋଇଥିଲା। ଏ ନେଇ ସେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

### ବିଧାୟକଙ୍କ କୁଶପୁତ୍ତଳିକା ଦାହ

ଚୌଦ୍ୱାର,୧୩।୧୨(ଡି.ଏନ.ଏ.): ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ ହତ୍ୟା ଘଟଣାରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସମ୍ପୃକ୍ତି ଥିବା ଏବଂ ହତ୍ୟାକାରୀଙ୍କୁ ଧରିବାରେ ପୋଲିସ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗରେ ଚୌଦ୍ୱାର ସୂଚନାଧିକାର ସଙ୍ଗଠନର କର୍ମୀମାନେ ରବିବାର ସ୍ଥାନୀୟ ଗାନ୍ଧୀଛକଠାରେ ଅତନୁଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅତନୁଙ୍କୁ ତୁରନ୍ତ ଗିରଫ କରିବା ଓ ରଞ୍ଜନ ହତ୍ୟାକାରୀଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଉପସ୍ଥିତ ସୂଚନାଧିକାର କର୍ମୀମାନେ ଦାବି କରିଥିଲେ। ସଙ୍ଗଠନ ପକ୍ଷରୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯିବ ବୋଲି ଶ୍ରୀକାନ୍ତ ପାକଳ, ଭୀମସେନ ବିଶ୍ୱାଳ, ନିରଞ୍ଜନ ଦାସ, ସୁରେଶ କୁମାର ରାଉତରାୟ ପ୍ରମୁଖ ସୂଚନା ଦେଇଛନ୍ତି।

### ସାଲେପୁର ଓକିଲ ସଂଘ ନିର୍ବାଚନ : ମାନସ ସମ୍ପାଦକ

ସାଲେପୁର,୧୩।୧୨(ଡି.ଏନ୍.ଏ.): ସାଲେପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ କେବଳ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଅନ୍ୟ ପଦବୀଗୁଡ଼ିକ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ଆଇନଜୀବୀ ମାନସ କୁମାର ଦାଶ ଓ ଭାସ୍କର ବେହେରାଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା। ଏଥିରେ ମାନସ ବିଜୟୀ ହୋଇଥିଲେ। ସଭାପତି ଭାବେ ଦୀପକ କୁମାର ମହାନ୍ତି, ଉପସଭାପତି ଦେବେନ୍ଦ୍ର ନାଥ ସାହୁ, ସହସମ୍ପାଦକ ପ୍ରଦୀପ୍ତ କିଶୋର ସେଠୀ, କୋଷାଧ୍ୟକ୍ଷ କରୁଣାକର ମହାପାତ୍ର ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ଧଉଳିରେ ସଫେଇ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୧୩।୧୨(ଡି.ଏନ୍.ଏ.): ଧଉଳି ଶାନ୍ତିସ୍ତୂପ ପରିସରରେ ଆଞ୍ଚଳିକ ବିକାଶ ପରିଷଦର ଆବାହକତ୍ୱରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଦସ୍ୟଙ୍କ ସମେତ କଳିଙ୍ଗ ବୁଦ୍ଧସଂଘ, ଧବଳେଶ୍ୱର ବ୍ୟବସାୟୀ ସଂଘର ସଦସ୍ୟ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ଏପରିକି ଏଠାକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରୁ କେତେଜଣ ସ୍ୱେଚ୍ଛାକୃତ ଭାବେ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୃନ୍ଦାବନ ସାହୁ, ହରେକୃଷ୍ଣ ସାହୁ, ଲକ୍ଷ୍ମୀଧର ପ୍ରଧାନ, ଅରୁଣ ପୁରୋହିତ, ବସନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ପ୍ରମାଣ ଯୋଗାଡ଼ କରୁଛି କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୧୩।୧୨ (ବ୍ୟୁରୋ)/ ବ୍ରହ୍ମପୁର ଅଫିସ

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**
- ବୋରିଗାଁ ସରପଞ୍ଚଙ୍କୁ ଦ୍ୱିତୀୟଥର ଜେରା
- ଗୋପାଳପୁର ଲିଙ୍କ୍ ପାଇବାକୁ ତନାଘନା
- ଆକାଶଙ୍କ ରିମାଣ୍ଡ ଆଉ ଦୁଇଦିନ

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ବହୁକୋଟି ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଦୃଢ଼ ପ୍ରମାଣ ହାସଲ ପାଇଁ ଲାଗି ପଡ଼ିଛି। ନିଲମ୍ବିତ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କୁ ରବିବାର ତୃତୀୟ ଦିନ ପାଇଁ ମାରାଥନ ଜେରା କରିଛି। ସେହିଭଳି ଏହି ଠକେଇ ଘଟଣାରେ ଆକାଶଙ୍କ ଭାବୀ ଶଶୁର ତଥା ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକଙ୍କ ଲିଙ୍କକୁ ନେଇ ଅନ୍ୟଏକ ଟିମ୍ ବ୍ରହ୍ମପୁରରେ ଡେରା ପକାଇଛି। ରବିବାର ଦ୍ୱିତୀୟଥର ପାଇଁ ବୋରିଗାଁ ସରପଞ୍ଚ ବସନ୍ତ ସାହୁ ଓ ତାଙ୍କ ସମ୍ପର୍କୀୟଙ୍କୁ ଜେରା କରିଛି। ଟାଟା ମୋଟର୍ସରେ ଚାକିରି ପାଇଁ ବସନ୍ତଙ୍କର ଜଣେ ସମ୍ପର୍କୀୟ ବିଧାୟକ ପାଣିଗ୍ରାହୀଙ୍କ ଭାଇଙ୍କ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। କିନ୍ତୁ ଏ ନେଇ କୌଣସି ଟଙ୍କା ଦିଆଯାଇ ନ ଥିବା ଜେରାବେଳେ ବସନ୍ତ କହିଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତାଙ୍କ ସମ୍ପର୍କୀୟଙ୍କ ମୋବାଇଲ ଫୋନ୍ ମଧ୍ୟ ଯାଞ୍ଚ କରିଛନ୍ତି। ଜେରାପରେ ଉଭୟଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

ଏଥିସହ ଆକାଶ ଓ ବିଧାୟକ ପାଣିଗ୍ରାହୀଙ୍କ ମଧ୍ୟରେ ଟଙ୍କା କାରବାର ନେଇ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ବ୍ରହ୍ମପୁରସ୍ଥିତ ବ୍ୟାଙ୍କରେ ଥିବା ଆକଉଣ୍ଟଗୁଡ଼ିକର ଟିକିନିଖି ଯାଞ୍ଚ କରୁଛି। ଭୁବନେଶ୍ୱରରେ ଆକାଶଙ୍କଠାରୁ ମିଳୁଥିବା ତଥ୍ୟ ଠିକ୍ କି ଭୁଲ୍ ତାହା ଜାଣିବାକୁ ସେପଟେ ବ୍ରହ୍ମପୁରରେ ସାମନ୍ତରାଳ ଭାବେ ଖୋଳତାଡ଼ କରାଯାଉଛି। ଠକେଇର ଶିକାର ଯୁବତୀଯୁବକଙ୍କଠାରୁ ଚାକିରି ସଂକ୍ରାନ୍ତ କାଗଜପତ୍ରକୁ ସଂଗ୍ରହ କରି ତଦନ୍ତ ଜାରି ରହିଛି। ଆକାଶ ଓ ତାଙ୍କ ପିଏ ଡେଭିଡଙ୍କୁ କ୍ରାଇମବ୍ରାଞ୍ଚର ଜେରା ସମୟରେ ସୋସିଆଲ ନେଟ୍‌ୱର୍କ ଦ୍ୱାରା ଠକେଇ କରୁଥିବା ଜଣାପଡ଼ିଥିଲା। ତେଣୁ ସେମାନେ ଆଉକେଉଁମାନଙ୍କୁ ଠକେଇ କରିଥିଲେ ତାହାର ତାଲିକା ପ୍ରସ୍ତୁତ କରି ଯୋଗାଯୋଗ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଆକାଶଙ୍କ ୫ଦିନିଆ ରିମାଣ୍ଡର ଆଉ ଦୁଇଦିନ ବାକି ରହିଛି। ଏହା ଭିତରେ କ୍ରାଇମବ୍ରାଞ୍ଚ ଠକେଇ ର୍‍ୟାକେଟର ପୂରା ପ୍ରମାଣ ପାଇବାକୁ ଆଶା ରଖିଥିବା ଜଣେ ଅଧିକାରୀ କହିଛନ୍ତି।

# ଅଧିକାରୀଙ୍କ ଅନୁପସ୍ଥିତିରେ ମହାବିଦ୍ୟାଳୟ ଉଚ୍ଛେଦ

ପୁରୁଣା ଭୁବନେଶ୍ୱର,୧୩।୧୨(ଡି.ଏନ୍.ଏ.)

**ହାଇକୋର୍ଟ ଆଦେଶକୁ ଅବମାନନା**

ଏକାମ୍ର କ୍ଷେତ୍ରର ବିକାଶ କାର୍ଯ୍ୟରେ ଜବରଦଖଲ ଉଚ୍ଛେଦକୁ ନେଇ ଏକ ମାମଲାରେ ହାଇକୋର୍ଟ ଏବେ କୌଣସି ଉଚ୍ଛେଦ ନ କରିବା ପାଇଁ ରହିତାଦେଶ ଜାରି କରିଥିଲେ। ହେଲେ ରବିବାର ଅଚାନକ ବିନା କୌଣସି ବିଏମ୍‌ସି ଅଧିକାରୀଙ୍କ ଉପସ୍ଥିତିରେ ଜଣେ ଠିକାଦାର ବେପରୁଆ ଭାବେ ସଂସ୍କୃତ ମହାବିଦ୍ୟାଳୟ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ତେବେ ଠିକାଦାରଙ୍କ ଏଭଳି ମନମୁଖି କାର୍ଯ୍ୟକୁ ଅଞ୍ଚଳବାସୀ, ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଏକାମ୍ର କ୍ଷେତ୍ରର ବିକାଶ ପାଇଁ ଉଚ୍ଛେଦ କାର୍ଯ୍ୟ ଚାଲୁଥିବାବେଳେ ପାପନାଶିନୀ କୁଣ୍ଡ ନିକଟରେ ରହୁଥିବା ଜନ୍ମେଜୟ କରଙ୍କ ପରିବାରଙ୍କୁ ବିନା ନୋଟିସ୍‌ରେ ଉଚ୍ଛେଦ କରିଥିଲେ। ଏ ନେଇ ଜନ୍ମେଜୟ କୋର୍ଟର ଦ୍ୱାରସ୍ଥ ହେବା ପରେ ନ୍ୟାୟାଳୟ ଉଚ୍ଛେଦ କାର୍ଯ୍ୟକୁ ନଭେମ୍ବର ୧୦ ତାରିଖରେ ବନ୍ଦ ରଖି ପରବର୍ତ୍ତୀ ଶୁଣାଣି ଯାଏଁ ରହିତାଦେଶ ଜାରି କରିଥିଲେ। ପରେ ଏହି ଆଦେଶ ରିଟ୍ ପିଟିଶନ ୩୦୧୦୫/୨୦ରେ ଶୁଣାଣି କରି ୧୫ ଡିସେମ୍ବର ଯାଏଁ ବନ୍ଦକୁ ବଳବତ୍ତର ରଖିଛନ୍ତି। ପରେ ପୁଣି ସରକାରଙ୍କ ପକ୍ଷରୁ ଉକ୍ତ ମାମଲାର ଆଗୁଆ ବିଚାର କରି କୋର୍ଟ ଜାନୁୟାରୀ ୨୭ରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ। ହେଲେ ଉଚ୍ଛେଦ କାର୍ଯ୍ୟ ବନ୍ଦ ପାଇଁ କୋର୍ଟ ଆଦେଶ ଥିଲେ ସୁଦ୍ଧା କିଭଳି ଠିକାଦାର ଜଣକ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କଲେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି।



ଭୁବନେଶ୍ୱରକୁ ପ୍ରଦୂଷଣମୁକ୍ତ କରି ସ୍ୱଚ୍ଛ ତଥା ସୁନ୍ଦର ରଖିବା ସହ ନିଜେ ହେଲ୍‌ମେଟ୍ ପିନ୍ଧିବା, ସାଇକେଲ ଚଲାଇବା, ବୃକ୍ଷରୋପଣ କରିବା ଆଦି ବାର୍ତ୍ତା ନେଇ ରାଜଧାନୀ ଫାଇଟର ପକ୍ଷରୁ ରବିବାର ମାଷ୍ଟରକ୍ୟାଣ୍ଟିନ ଛକରୁ କଳ୍ପନା ଅଭିମୁଖେ ବାହାରିଥିବା ସାଇକେଲ ଶୋଭାଯାତ୍ରା।

# ବିରିବାଟୀ-ରାଣୀହାଟ ଅଂଶରେ ସର୍ଭେ ଆରମ୍ଭ

କଟକ ସଦର, ୧୩।୧୨(ଡି.ଏନ୍.ଏ.)

**ତାଳଦଣ୍ଡା ମୁଖ୍ୟ କେନାଲ ଦକ୍ଷିଣପାର୍ଶ୍ୱ ରାସ୍ତା**

କଟକ ଏସ୍‌ସିବି ମେଡିକାଲକୁ ଯାତାୟାତ ପଥ ସୁଗମ କରିବା ପାଇଁ ତାଳଦଣ୍ଡା ମୁଖ୍ୟ କେନାଲ ଦକ୍ଷିଣପାର୍ଶ୍ୱ ୧୦ କିମି ରାସ୍ତାର ବିରିବାଟୀ-ରାଣୀହାଟ ମଧ୍ୟରେ ସର୍ଭେ କାମ ଆରମ୍ଭ ହୋଇଛି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇ ରବିବାର ବିରିବାଟୀଠାରେ ଶେଷ ହୋଇଛି। ଏହି ସର୍ଭେରେ କଟକ ସଦର ତହସିଲ, ପୂର୍ତ୍ତ ବିଭାଗ, କଟକ ମହାନଗର ନିଗମ(ସିଏମ୍‌ସି) ଓ ଜଳ ସମ୍ପଦ ବିଭାଗର କର୍ମଚାରୀମାନେ ସାମିଲ ହୋଇ ମାପଚୁପ କରିଥିଲେ। ୬୦ ଫୁଟ ଓସାର ରାସ୍ତା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଆକଳନ ପ୍ରସ୍ତୁତି ଲାଗି କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ-୧ର ଯନ୍ତ୍ରୀମାନଙ୍କୁ ୫-ଟି ସଚିବ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ରାସ୍ତା ମେଡିକାଲ ନବୀକରଣ ଯୋଜନାର ଅଂଶବିଶେଷ ହେବ। ଫଳରେ ଜଗତ୍‌ସିଂହପୁର ଜିଲା, କେନ୍ଦ୍ରାପଡା ଜିଲା ପାଟକୁରା ନିର୍ବାଚନ ମଣ୍ଡଳୀର ରୋଗୀମାନେ ଅଳ୍ପ ସମୟରେ ଜରୁରୀ ଚିକିତ୍ସା ପାଇଁ କଟକରେ ପହଞ୍ଚିପାରିବେ। ଓଏମ୍‌ପି ଛକଠାରୁ ଜଗତ୍‌ସିଂହପୁର ଜିଲା ଏରସମା-ନୂଆଗାଁ ୫୫ନଂ. ଜାତୀୟ ରାଜପଥ କାମଟି କଟକ ଜିଲାରେ ଭୂମି ଅଧିଗ୍ରହଣ କାମ ପାଇଁ ଅଟକିଛି। ସେଥିପାଇଁ କେନାଲ ବନ୍ଧ ରାସ୍ତା ସମ୍ପ୍ରସାରଣକୁ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟବେଳେ ଏନ୍‌ଏଚ୍-୧୬ର ତାଳଦଣ୍ଡା କେନାଲ ଉପରେ ଥିବା ୨ଟି ପୋଲକୁ ଉଚ୍ଚ କରିବା ପାଇଁ ଯୋଜନା ରହିଛି। ରାଣୀହାଟ ପୋଲଠାରୁ ଛତ୍ରବଜାର, ମଧୁପାଟଣା, ଅନ୍ଦରପୁର, ନୂଆବଜାର, ତିନିଘରିଆ, କଣ୍ଟିଲୋ, ମଉଗଜପୁର ଓ ଡିହସାହି ଅଞ୍ଚଳରେ ସର୍ଭେ କାର୍ଯ୍ୟ ଶେଷ ହୋଇ ସରକାରୀ ଓ ବେସରକାରୀ ଜାଗାରେ ଚିହ୍ନ ଦିଆଯାଇଛି। ଖୁବ୍‌ଶୀଘ୍ର ଆକଳନ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି ରାସ୍ତା ଓ କୋଠାବାଡି ଡିଭିଜନ-୧ର ନିର୍ବାହୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମାଝି କହିଛନ୍ତି। ଉଚ୍ଛେଦ କାର୍ଯ୍ୟ ଜିଲା ପ୍ରଶାସନ ଓ ସିଏମ୍‌ସି ଦ୍ୱାରା କରାଯିବ ବୋଲି ମାଝି କହିଥିଲେ।

# ଲିଙ୍ଗରାଜଙ୍କ ଧନୁମାସ ନୀତି ନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର,୧୩।୧୨(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଧନୁମାସ ଆସନ୍ତା ୧୫ତାରିଖରୁ ୨୦୨୧ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ଏହି ଧନୁମାସରେ ଦିନ ଛୋଟ ନେଇ ସମସ୍ତ ରୀତିନୀତି ସମାପନ ପରେ ମହାପ୍ରଭୁ ସହଳ ପହୁଡ଼ ଯାଇଥାନ୍ତି। ଏହି ସମସ୍ତ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସମୟ ସାରଣୀକୁ ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତ ଏବଂ କାର୍ଯ୍ୟକାରୀ ଅଧିକାରୀଙ୍କ ନିକଟକୁ ପଠାଯାଇଛି।

# ରଙ୍ଗପଞ୍ଚମ ଉଦ୍‌ଯାପିତ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ନାଟ୍ୟ ସଂସ୍ଥା ପଞ୍ଚମବେଦ ଓ କୋଲକାତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସହଯୋଗରେ ଆୟୋଜିତ ପ୍ରଯୋଜନାଭିତ୍ତିକ ନାଟ୍ୟ କର୍ମଶାଳା 'ରଙ୍ଗପଞ୍ଚମ' ରବିବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚମବେଦର କାର୍ଯ୍ୟକାରୀ ସଭାପତି ହରେନ୍ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କର୍ମଶାଳାରେ ପ୍ରଶିକ୍ଷଣ ନେଇଥିବା ୧୬ଜଣ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନାଟ୍ୟକାର ନାରାୟଣ ସାହୁ ଓ କର୍ମଶାଳାର ନିର୍ଦ୍ଦେଶକ ଗଜେନ୍ଦ୍ର ନାୟକଙ୍କୁ ପଞ୍ଚମବେଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ବିଧାୟକ ଶଶିଭୂଷଣ ବେହେରା, ଖବରଦାତା ଦିଲୀପ ବିଶୋୟୀ, ପ୍ରବୋଧ ରଥ, ଡ. ନାରାୟଣ ସାହୁ, ଡ. ପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗଦେଇ ମଞ୍ଚ ନାଟକର ଉତ୍ତରୋତ୍ତର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ସଭା ପରେ କୋଭିଡ୍-୧୯ ମହାମାରୀ ଯୋଗୁ କିଭଳି ମଣିଷଠାରୁ ଆରମ୍ଭକରି ଦେବତାମାନେ ପ୍ରଭାବିତ ହୋଇଛନ୍ତି ତାହାକୁ ନେଇ ଏକ ହାସ୍ୟରସାତ୍ମକ ନାଟକ ପରିବେଷିତ ହୋଇଥିଲା। ଶିକ୍ଷାର୍ଥୀମାନେ ଡ. ନାରାୟଣ ସାହୁଙ୍କ ରଚିତ, ଗଜେନ୍ଦ୍ର ନାୟକଙ୍କ ଦିଗ୍‌ଦର୍ଶନ, ହରେନ୍ ସାହୁଙ୍କ ନିର୍ଦ୍ଦେଶନା ଏବଂ ବିନୟ ଦାଶଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନାଟକ 'ସ୍ୱର୍ଗରେ ଲକ୍‌ଡାଉନ୍' ପରିବେଷଣ କରିଥିଲେ। ସମ୍ପାଦକ ପ୍ରକାଶ ମହାରଣାଙ୍କ ସମେତ ବରିଷ୍ଠ ସଦସ୍ୟ ଅଭିମନ୍ୟୁ ସେଠୀ, ସୁରେନ୍ଦ୍ର ନାଥ ଗୌଡ଼, ରାଜକିଶୋର ସାହୁ, କରୁଣାକର ସାମଲ, ମାନସ ପରିଡ଼ା, କେ. ଚନ୍ଦ୍ରଶେଖର ସୁବୁଦ୍ଧି ଓ ଜିତୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୋ ସ୍କୁଲ ଯୋଜନା ପୁରାତନ ଛାତ୍ରୀଛାତ୍ରଙ୍କୁ ଏକାଠି କଲା

କଣ୍ଟାପଡା, ୧୩।୧୨(ଡି.ଏନ୍.ଏ.)

ବିଭିନ୍ନ ସ୍କୁଲର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମୋ ସ୍କୁଲ ଯୋଜନା କରାଯାଇଛି। ଏହାକୁ ସାକାର କରିବା ପାଇଁ ରବିବାର କଣ୍ଟାପଡାସ୍ଥିତ ବିଏମ୍ ନୋଡାଲ ସ୍କୁଲ ପରିସରରେ ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇଥିଲେ। ମାରୀ ଦେଈଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ଶିବଲାଭ ସେଠୀଙ୍କୁ କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା। ୧୯୭୭ରେ ତିଆରି ହୋଇଥିବା ଏହି ବିଦ୍ୟାଳୟର ପ୍ରଥମ ଛାତ୍ର ସେଠୀ ବିଦ୍ୟାଳୟର ଉନ୍ନତି ପାଇଁ ୫୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ପ୍ରଭାତ ଆଚାର୍ଯ୍ୟ କାର୍ଯ୍ୟକାରୀ ସଭାପତି, ପବିତ୍ର ପ୍ରଧାନ ସମ୍ପାଦକ, ବିପିନ ବେହେରା ସଂଯୋଜକ, ସଞ୍ଜୟ ବେହେରା, ସଂଗ୍ରାମ ସ୍ୱାଇଁ, ପୁନାନନ୍ଦ ବେହେରା, ପ୍ରଭାକର ମୁଦୁଲି, ପ୍ରଶାନ୍ତ ବେହେରା, ଶିବଲାଭ ସାହୁ, ଶେଷଦେବ ସ୍ୱାଇଁ, କମଳାକାନ୍ତ କର, ପବିତ୍ର ସ୍ୱାଇଁଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ବରାଳ, ଅସୀମା ମହାପାତ୍ର, ମାମିନା ଡାକୁଆ ଓ ଶିକ୍ଷକ ସୁଧୀର ମହାନ୍ତି, ଛାୟାକାନ୍ତ ମହାପାତ୍ର, ଦେବାଶିଷ କର, ପୁରୁଷୋତ୍ତମ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଘରେ ପଶି ବାପା, ମା ଓ ଝିଅଙ୍କୁ ନିସ୍ତୁକ ମାଡ଼

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

**ପିଲା କଳିରୁ ଗଣ୍ଡଗୋଳ**

କ୍ୟାପିଟାଲ ଥାନା ଅନ୍ତର୍ଗତ ଏଲ୍‌ଆଇସି କଲୋନୀ ନିକଟ ଶିମୁଳି ବସ୍ତିରେ ପିଲା କଳିକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ନେଇଛି। ଗୋଟିଏ ଗୋଷ୍ଠୀର ଇଙ୍ଗିତରେ କେତେଜଣ ଗୁଣ୍ଡାଶ୍ରେଣୀର ଯୁବକ ପ୍ରତିପକ୍ଷଙ୍କ ଘରେ ପଶି ବାପା, ମା ଓ ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ପୋଲିସ ଆହତଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶିମୁଳି ବସ୍ତିରେ ରହୁଥିବା ଟ୍ୟାକ୍ସି ଚାଳକ ମାଗୁଣି ନାୟକଙ୍କ ୬ ବର୍ଷର ଝିଅ ପଡୋଶୀ ପିଲାଙ୍କ ସହ ଖେଳୁଥିବାବେଳେ କୌଣସି କାରଣକୁ ନେଇ ଏକ ମାସ ତଳେ ଝଗଡା ହୋଇଥିଲା। ଏହାକୁ ନେଇ ୨ ପରିବାର ମଧ୍ୟରେ ଝଗଡା ଲାଗି ରହିବାରୁ ଗତ ସପ୍ତାହରେ ଥାନାରେ ମାମଲାର ସମାଧାନ ହୋଇଥିଲା। ହେଲେ ରବିବାର ସକାଳୁ ଉକ୍ତ ଘଟଣାକୁ ନେଇ ଝଗଡା ଉଗ୍ରରୂପ ନେଇଥିଲା। ସନ୍ଧ୍ୟାରେ ୨ଟି ବାଇକରେ ୪ ଜଣ ଯୁବକ ପହଞ୍ଚି ମାଗୁଣିଙ୍କ ଘରେ ପଶିଥିଲେ। ମାଗୁଣିଙ୍କୁ ଟାୟାର ଭିତରେ ଭର୍ତ୍ତି କରି ମାଡ଼ ମାରିବା ସହ ଘରେ ଭଙ୍ଗାରୁଜା କରିଥିଲେ। ଏଥିସହ ସ୍ତ୍ରୀ ଓ ଝିଅଙ୍କୁ ମଧ୍ୟ ମାଡମାରି ଲହୁଲୁହାଣ କରି ଫେରାର ହୋଇଯାଇଥିଲେ।





ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ବିରୋଧ କରି ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ରବିବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଖବରକାଗଜ ବିତରକ କିଶୋର ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ)

ଖବରକାଗଜ ବିତରକ କିଶୋର ଚନ୍ଦ୍ର ଜେନାଙ୍କ ଏକାଦଶାହ ଉପଲକ୍ଷେ ରବିବାର ଓଡ଼ିଶା ନିୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନସ୍ଥିତ ହୁଡ୍‌କୋ ବିଲ୍ଡିଂ କାଉଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିତରକ ବନ୍ଧୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନୀରବ ପ୍ରାର୍ଥନା ପୂର୍ବକ ସ୍ୱର୍ଗତ ଜେନାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସୋସିଏଶନ ସଭାପତି ଲିଙ୍ଗରାଜ ପାତ୍ର, ସମ୍ପାଦକ କମଳାକାନ୍ତ ଖାମୁରାଇ, ସାଂସ୍କୃତିକ ସମ୍ପାଦକ ଦିଲୀପ କୁମାର ଜେନା, ସୁଶାନ୍ତ ନାୟକ, ଅଜୟ ସ୍ୱାଇଁ, ବଟକୃଷ୍ଣ ସେନାପତି, ରାଜୁ ସେଠୀ, ବବ୍ରୁବାହନ ରାଉତରାୟଙ୍କ ସହିତ ୩ଶହରୁ ଊର୍ଦ୍ଧ୍ୱ ବିତରକ ଉପସ୍ଥିତ ଥିଲେ।





ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବିତରକମାନେ।

# ବନ୍ଧୁକ ମୁନରେ କାର୍ ସହ ଡ୍ରାଇଭରଙ୍କୁ ଅପହରଣ

ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା କଟକ, ୧୩।୧୨ (ଡି.ଏନ.ଏ.)

- ଜିପିଏସ୍ ଧରାଇଦେଲା, ବୌଦ୍ଧରୁ ଉଦ୍ଧାର
- ୮ ଗିରଫ, ପିସ୍ତଲ ସହ ଅନ୍ୟ ମାରଣାସ୍ତ୍ର ଜବତ



ପୂରା ଫିଲ୍ମ ଷ୍ଟାଇଲ୍‌ରେ ଅପରାଧୀଙ୍କ କାର୍ ଅପହରଣ। ପୁଣି ପୋଲିସର ହଲିଉଡ୍ ଷ୍ଟାଇଲ୍‌ରେ କ୍ରାଇମ୍ ୱାର୍ ଅପରେଶନ। ଏମିତି ଦୀର୍ଘ ସମୟର ଉତ୍କଣ୍ଠା ଭିତରେ ଶେଷରେ ଭୁବନେଶ୍ୱରରୁ ବନ୍ଧୁକ ମୁନରେ ଅପହରଣ କରାଯାଇଥିବା କାର୍ ସହ ଡ୍ରାଇଭରଙ୍କୁ ବୌଦ୍ଧରୁ ଉଦ୍ଧାର କରାଯାଇଛି। ଏଥିସହ ୮ଜଣ ଅପହର୍ତ୍ତାଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ପିସ୍ତଲ ଓ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଓ ଜିପିଏସ୍ ଯୋଗୁ ଏଭଳି ଅପରେଶନ ସଫଳ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ, ଅଭିଯୁକ୍ତମାନ ବଲାଙ୍ଗୀରର ଏକ ବିବାହ ଭୋଜିରେ ଯୋଗଦେବାକୁ କହି ଶନିବାର ଭୁବନେଶ୍ୱର ଜୟଦେବ ବିହାର ନିକଟ ଏକ ଟ୍ରାଭେଲ ଏଜେନ୍ସିରୁ ଇନୋଭା କାର୍ ଭଡ଼ାରେ ନେଇଥିଲେ। କିଛିବାଟ ଯିବା ପରେ ଅଭିଯୁକ୍ତମାନେ ଡ୍ରାଇଭର ଜିତେନ୍ଦ୍ର ନାୟକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରଥମେ ତାଙ୍କଠାରୁ ଲୁଟ୍ ଉଦ୍ୟମ କରିଥିଲେ। ମୁଣ୍ଡରେ ବନ୍ଧୁକ ଲାଗିଥିଲେ ମଧ୍ୟ ଜିତେନ୍ଦ୍ର ଉପସ୍ଥିତ ବୁଦ୍ଧି ଖର୍ଚ୍ଚ କରି ଅତି ଚତୁରତାର ସହ ତାଙ୍କ ମାଲିକଙ୍କ ମୋବାଇଲ୍ ଫୋନ୍‌କୁ ବିପଦ ସୂଚକ ମେସେଜ୍ ଛାଡ଼ିଦେଇଥିଲେ। ଉକ୍ତ ମେସେଜକୁ ଦେଖି କାର ମାଲିକ ତୁରନ୍ତ ଶହୀଦନଗର ପୋଲିସକୁ ସୂଚନା ଦେଇଥିଲେ। ଏହାପରେ କମିଶନରେଟ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଅପରେଶନ। ଆସିଥିବା ମେସେଜକୁ ଆଧାର କରି ପୋଲିସ ପ୍ରଥମେ ମୋବାଇଲ୍ ଫୋନ୍‌ର ଜିପିଏସ୍‌କୁ ଫଲୋ କରିଥିଲା। କାର୍‌ଟି ଠାବ ହେବା ପରେ ତାହା ପାଟଣାଗଡ଼ ଅତିକ୍ରମ କରୁଥିବା ସ୍ପଷ୍ଟ ହୋଇଥିଲା। ତେଣୁ ତୁରନ୍ତ ବୌଦ୍ଧ ଏସ୍‌ପିଙ୍କୁ ଖବର ଦିଆଯିବା ସହ ପୋଲିସ ଅଫିସର ଫୋନ୍ କନ୍‌ଫରେନ୍ସିଂରେ ପୂରା ଯୋଗାଯୋଗରେ ରହି କାର୍‌ର ପିଛା କରିଥିଲେ। ଶେଷରେ ଚେକିଂ ବାହାନାରେ ଚାରିଛକ ଥାନା ଆଇଆଇସି ବ୍ୟାରିକେଡିଂ କରି ଚାରିପଟୁ ଘେରାଉ କରିଦେଇଥିଲେ। କାର୍‌ଟି ଅଟକିବା ପରେ ପୋଲିସ୍ ଟିମ୍ କିଛି ନ ଜାଣିବା ଭଳି ଅଭିନୟ କରିଥିଲା। ପ୍ରଥମେ ଡ୍ରାଇଭରଙ୍କୁ କାରରୁ ବାହାରକୁ କାଗଜପତ୍ର ନେଇ ଆସିବାକୁ କହିଥିଲା। ଡ୍ରାଇଭର ଜଣକ ସୁରକ୍ଷିତ ଭାବେ ବାହାରି ଆସିବାକ୍ଷଣି ପୂରା ପୋଲିସ ଟିମ୍ କାର୍‌କୁ ଘେରିଯାଇ ଫିଲ୍ମ ଷ୍ଟାଇଲ୍‌ରେ ଅଭିଯୁକ୍ତମାନଙ୍କୁ କାବୁ କରିନେଇଥିଲେ। ଅଭିଯୁକ୍ତଙ୍କୁ ତନ୍ନତନ୍ନ କରି ଯାଞ୍ଚ କରିବାରୁ ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ମିଳିଥିଲା। କମିଶନରେଟ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସମସ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଆଣି ତଦନ୍ତ କରିବ ବୋଲି ସୂଚନା ମିଳିଛି।

# ଚିଲିକାକୁ ବିପଦ ଘେରି, କୃତ୍ରିମ ଚିଙ୍ଗୁଡ଼ିଚାଷ

## ପ୍ରଶାସନର କୋହଳ ମନୋଭାବ

- ଆରମ୍ଭ ହୋଇପାରୁନି ଉଚ୍ଛେଦ ପ୍ରକ୍ରିୟା
- ସଙ୍କୁଚିତ ହେବାକୁ ବସିଛି ମୁହାଣ
- ନଷ୍ଟ ହେବାରେ ଲାଗିଛି ଜୈବ ବିବିଧତା

**ପୁରୀ ଅଫିସ, ୧୩।୧୨**

ଓଡ଼ିଶାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ 'ଚିଲିକା' ଏବେ ବେଆଇନ ଚିଙ୍ଗୁଡ଼ି ଘେରିରେ ଆବଦ୍ଧ ହୋଇ ରହିଛି। ଚାରିଆଡ଼େ ହୋଇଥିବା ଘେରି ଯେତିକି ବିପଦ ନୁହେଁ ତା'ଠାରୁ ଅଧିକ ବିପଦ ପାଲଟିଛି କୃତ୍ରିମ ଚିଙ୍ଗୁଡ଼ି ଚାଷ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏହାଦ୍ୱାରା ଚିଲିକାର ଜୈବ ବିବିଧତା ନଷ୍ଟ ହେବାରେ ଲାଗିଛି। ମୁହାଣ ମଧ୍ୟ ଏକ ପ୍ରକାର ସଙ୍କୁଚିତ ହେବାକୁ ବସିଲାଣି। ପାରମ୍ପରିକ ରୀତିରେ ଚିଲିକାରୁ ମାଛ, ଚିଙ୍ଗୁଡ଼ି ଧରିବା ଲାଗି ଅନୁମତି ଥିବାବେଳେ ମାଫିଆମାନେ ଏହାକୁ ସମ୍ପୂର୍ଣ୍ଣ ଆବଦ୍ଧ କରିସାରିଛନ୍ତି। ଚିଲିକା ଗୋଟିଏ ପଟେ ନଳବଣ ଏବଂ ଅପରପଟେ କାଳିଜାଈ ପର୍ଯ୍ୟନ୍ତ ମାଫିଆମାନଙ୍କ ଦ୍ୱାରା କବଳିତ ହୋଇସାରିଛି। ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରିବା ଲାଗି ଆନ୍ତରିକତାର ଅଭାବ ଦେଖିବାକୁ ମିଳୁଛି। ଘେରି ବନାଇଥିବା ଗାଁଗୁଡ଼ିକରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏ ନେଇ କିଛିଦିନ ହେଲା ଲିଫ୍‌ଲେଟ୍ ଲଗାଯାଇଛି।

ମତ୍ସ୍ୟଜୀବୀମାନେ ଓଏମ୍‌ଏଫ୍‌ଆର୍ ଆକ୍ଟ-୧୯୮୨ ଅନୁଯାୟୀ ହ୍ରଦ ମଧ୍ୟରେ ସରୁଫାଶ (୧୦ ମିଲିମିଟରରୁ କମ୍) ଘେରି ଏବଂ ୮୦୦ ଫୁଟରୁ ଅଧିକ ଖନ୍ଦା ଦ୍ୱାରା ମାଛ ଧରିବା ବେଆଇନ। ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଏସବୁ ଘେରି ଓ ଖନ୍ଦା ହଟାଇ ନେବା ସକାଶେ ପ୍ରଶାସନ ଏବଂ ସିଡିଏ ପକ୍ଷରୁ ଏହି ଲିଫ୍‌ଲେଟ୍‌ରେ ଦର୍ଶାଯାଇଛି। ତେବେ ଡିସେମ୍ବରର ଦ୍ୱିତୀୟ ସପ୍ତାହ ବିତିବାକୁ ବସିଥିଲେ ମଧ୍ୟ ଚିଲିକା ଏପର୍ଯ୍ୟନ୍ତ ଘେରିମୁକ୍ତ ହୋଇନାହିଁ। ଅନ୍ୟପକ୍ଷରେ ଘେରି ଉଚ୍ଛେଦ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ନ ଥିବା ପୁରୀର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ନାଥଶର୍ମା କହିଛନ୍ତି। ଆଲୋଚନା ପରେ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କିନ୍ତୁ ଚିଲିକାରୁ ଘେରି ଉଚ୍ଛେଦ ଲାଗି ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏଥିଲାଗି ନୋଡାଲ ଅଫିସର ପରିବର୍ତ୍ତନ କରିଛନ୍ତି। ଗୃହ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ପୁରୀ, ଖୋର୍ଦ୍ଧା ଓ ଚିଲିକାର ୩ଜଣ ଡେପୁଟି କଲେକ୍ଟରଙ୍କୁ ନେଇ କମିଟି ଗଠିତ ହୋଇଛି। ଏମାନଙ୍କ ନେତୃତ୍ୱରେ ଉଚ୍ଛେଦ କାର୍ଯ୍ୟ କରିବାକୁ କୁହାଯାଇଛି। ମାତ୍ର ପ୍ରଶାସନର କୋହଳ ମନୋଭାବ ଯୋଗୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଚିଲିକାରେ ବର୍ତ୍ତମାନ ମାଫିଆମାନେ ଧାନଜମିକୁ ଲିଜ୍ କିମ୍ବା ସିଧାସଳଖ କ୍ରୟ କରି କୃତ୍ରିମ ଚିଙ୍ଗୁଡ଼ି ଚାଷ ଆରମ୍ଭ କରିଦେଇଛନ୍ତି। ହଜାର ହଜାର ଏକର ଜମିରେ ବିଷାକ୍ତ କୀଟନାଶକ ପ୍ରୟୋଗ କରି କୋଟି କୋଟି ଟଙ୍କାର ଚାଷ ଚଳାଇଛନ୍ତି। ଏହାଦ୍ୱାରା ଆଗାମୀ ପ୍ରାୟ ୩ବର୍ଷ ମଧ୍ୟରେ ଚିଲିକା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ ବୋଲି ପରିବେଶବିତ୍ ମତ ଦେଉଛନ୍ତି। ଏଭଳି ସ୍ଥିତିରେ ସିଡିଏ ମୁଖ୍ୟ ସୁଶାନ୍ତ ନନ୍ଦ କହିଛନ୍ତି, ଚିଲିକା ଭିତରେ ରହିଥିବା ଘେରି ଉଚ୍ଛେଦ ଲାଗି ପଦକ୍ଷେପ ନେବୁ। ହେଲେ ଚିଲିକା ବାହାରେ ଚାଷଜମିରେ ଯେଉଁ ଚିଙ୍ଗୁଡ଼ିଚାଷ ହେଉଛି ତାହା ଉପରେ ରାଜସ୍ୱ ବିଭାଗ ମତ ଦେବ। ଚିଲିକା ଠାରୁ ୨୦୦ ମିଟର ଭିତରେ ଯେଉଁ ଚାଷଜମିରେ ଚିଙ୍ଗୁଡ଼ି ଚାଷ ଚାଲିଛି ତାକୁ ଉଠାଇବା ଲାଗି ହାଇକୋର୍ଟରେ ମାମଲା ଚାଲିଛି। ତେଣୁ ଏନେଇ ମତ ରଖିବାକୁ ନନ୍ଦ ମନା କରିଦେଇଛନ୍ତି।

## ସଂକ୍ଷେପରେ

### 'ଶିକ୍ଷା ଆମର ପରିଚୟ ସୃଷ୍ଟି କରିପାରିଛି'



**ଗୋପ, ୧୩।୧୨ (ଡି.ଏନ୍.ଏ.):** ଆଜିର ବିଜ୍ଞାନ ଯୁଗରେ ଆମେ ନିଶ୍ଚିତ ଆଗରେ ରହି ପାରିଲୁ। କିନ୍ତୁ ଆମେ ଯେଉଁ ସ୍ଥାନରେ ରହିଛୁ, ତାହା ଆଜିର ଛାତ୍ରୀଛାତ୍ରମାନେ କିଭଳି ସେହି ସ୍ଥାନକୁ ଆହୁରି ଆଗକୁ ନେବେ ସେଥିଲାଗି ଏବେଠାରୁ ଚେଷ୍ଟା କରିବା ଦରକାର। କାରଣ ଶିକ୍ଷା ହିଁ ଆମର ପରିଚୟ ସୃଷ୍ଟି କରିବା ସହ ଆଗକୁ ନେବାରେ ସାହାଯ୍ୟ କରିବ ବୋଲି ରବିବାର ଗୋପ ବ୍ଲକ ଅଧୀନ ଏରବଙ୍ଗ ନୋଡାଲ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ଅବସରରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଥିଲେ। ମନ୍ତ୍ରୀ ଦାଶଙ୍କୁ ପ୍ରଥମେ ସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍ୱାଗତ କରାଯିବା ପରେ ମନ୍ତ୍ରୀ ଚାରାରୋପଣ କରିବା ସହ ଏମ୍‌ପି ପାଣ୍ଠିରୁ ୧ ଲକ୍ଷ ବିନିମୟରେ ନିର୍ମାଣ ଗୃହକୁ ଉଦ୍‌ଘାଟିତ କରିଥିଲେ। ଏହି ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲୀପ ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ମିଶ୍ର, ସରପଞ୍ଚ ବିଭୂତି ଭୂଷଣ ସାହୁ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ସାମିଲ ଥିଲେ।

### ୨ ଦିନିଆ ଯୋଗ ଶିବିର ଉଦ୍‌ଯାପିତ

**ଡେଲାଙ୍ଗ, ୧୩।୧୨ (ଡି.ଏନ୍.ଏ.):** ଡେଲାଙ୍ଗ ହିରୋ ମୋଟର୍ସ ଓ ମହତାବ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ୨ ଦିନିଆ ଯୋଗ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖବରଦାତା ପ୍ରସନ୍ନ ତ୍ରିପାଠୀ, ହିରୋ ମୋଟର୍ସର ମୁଖ୍ୟ ପରିଚାଳକ ବିପ୍ଳବ ନରେନ୍ଦ୍ର, ଖବରଦାତା ଦିଲୀପ ଧାଉଡିଆ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗଗୁରୁ ପ୍ରଭାତ ସାହୁ, ପ୍ରଦୀପ ଦଳାଇ, ସସ୍ମିତା ରାଉତରାୟ, କେଶିରାମ ହେମ୍ବ୍ରମ, ଅଭିନାଶ ହରିଚନ୍ଦନ ପ୍ରମୁଖ ଯୋଗ ଶିବିରରେ ଉପସ୍ଥିତ ଥିବା ଶିବିରାର୍ଥୀଙ୍କୁ ଯୋଗ ଓ ପ୍ରାଣାୟମ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଜାତୀୟ କ୍ରୀଡ଼ାରେ ଉଲ୍ଲେଖନୀୟ ଅବଦାନ ପାଇଁ ସୂରଜ ପାତ୍ର, ରୁଦ୍ରପ୍ରସାଦ ଭାରିମଲ୍ଲ, ଗୁରୁପ୍ରସାଦ ବଳବନ୍ତରାୟ, ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କୁ ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ନଟବର ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ଗୋପାଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଯତୀନ ଦାସ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ସୂର୍ଯ୍ୟମନ୍ଦିର ଟିକେଟ ନ ପାଇ ଫେରିଲେ ପର୍ଯ୍ୟଟକ

**କୋଣାର୍କ, ୧୩।୧୨ (ଡି.ଏନ୍.ଏ.):**

କୋଣାର୍କରେ ରବିବାର ଦିନତମାମ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି ଓ ମେରାଇନ ଡ୍ରାଇଭରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରବଳ ଭିଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ଦିନ ୧୨ଟାରୁ ଅନ୍‌ଲାଇନ ଟିକେଟ ନ ମିଳିବାରୁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରିଯାଇଥିଲେ। ଟିକେଟ ପାଇବା ଆଶାରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ପର୍ଯ୍ୟଟକମାନେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ରହିଥିଲେ। ସୂର୍ଯ୍ୟମନ୍ଦିର ଖୋଲା ହେବା ଦିନଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ମଧ୍ୟାହ୍ନ ସୁଦ୍ଧା ୨ ହଜାର ପର୍ଯ୍ୟଟକ ପ୍ରବେଶ କରିସାରିଥିଲେ। ପରେ ଦୂର ଦୂରାନ୍ତରୁ ଆସିଥିବା ପର୍ଯ୍ୟଟକଙ୍କ ପାଇଁ ଆଉ ଟିକେଟ ସମ୍ଭବ ହୋଇ ନ ଥିଲା। ଫଳରେ ପର୍ଯ୍ୟଟକଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଏ ନେଇ ସଂରକ୍ଷଣ ଅଧିକାରୀ ନିରଜ ସିଂଙ୍କୁ ପଚାରିବାରୁ ରବିବାର ଛୁଟି ଦିନ ଥିବାରୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଅଧିକ ଅନଲାଇନ ଟିକେଟ ସଂଖ୍ୟା ବଢ଼ାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା କହିଥିଲେ। ଦୈନିକ ଅଢ଼େଇ ହଜାର ପର୍ଯ୍ୟଟକ ପ୍ରବେଶ ପାଇଁ ନିୟମ ରହିଛି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଆଗମନ ଦୃଷ୍ଟିରୁ ଏହାକୁ ବଢାଇ ୫ ହଜାର କରିବାକୁ ଗାଇଡ୍ ପ୍ରତାପ ବେଉରା, କାଳନ୍ଦି ନାୟକ, ଜୟଦେବ ରାଉତରାୟ, ଫଟୋଗ୍ରାଫର ପ୍ରଦୀପ୍ତ ବିଶ୍ୱାଳ, ବ୍ରଜବନ୍ଧୁ ନାୟକ ପ୍ରମୁଖ ଦାବି କରିଛନ୍ତି।



ଶ୍ରୀମନ୍ଦିରରେ ଦେବ ଦୀପାବଳି ଆରମ୍ଭ ଅବସରରେ ରବିବାର ବାଇଶ ପାହାଚକୁ ଦୀପରେ ସଜ୍ଜିତ କରାଯାଇଛି।

## ପୁନଃ ମୂଲ୍ୟାୟନ ପରେ ବ୍ଲକସ୍ତରରେ ଦ୍ୱିତୀୟ ହେଲେ ଆଦ୍ୟାଶା

### ପଦାରେ ପଡ଼ିଲା ମୂଲ୍ୟାୟନ ତ୍ରୁଟି

**କଣାସ, ୧୩।୧୨ (ସ୍ୱ.ପ୍ର.):**



କଣାସ ବ୍ଲକ ଅଞ୍ଚଳର ଜଣେ ମେଧାବୀ ଛାତ୍ରୀଙ୍କ ଚଳିତ ମାଟ୍ରିକ ପରୀକ୍ଷାରେ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କମ୍ ନମ୍ବର ରହିଥିବାରୁ ଭାଙ୍ଗିପଡ଼ିଥିଲେ। ମାତାପିତାଙ୍କୁ ଖାତା ପୁନଃ ମୂଲ୍ୟାୟନ କରିବା ପାଇଁ କହିଥିଲେ। ପିତା ମାଧ୍ୟମିକ ଶିକ୍ଷା ବୋର୍ଡରେ ସାହିତ୍ୟ ଓ ଇଂଲିଶ୍ ଖାତା ପୁନଃ ମୂଲ୍ୟାୟନ କରିବାରୁ ଛାତ୍ରୀଜଣକ ୨୯ନମ୍ବର ଅଧିକା ପାଇବା ପରେ ଏ୧ ଗ୍ରେଡ୍ ପାଇ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଖବର ଅନୁଯାୟୀ, ବଡାଳ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆବାଣପୁର ଗ୍ରାମର ବିଭୂତିଭୂଷଣ ଜେନାଙ୍କ ଝିଅ ଆଦ୍ୟାଶା ପ୍ରିୟଦର୍ଶନୀ ନୀଳକଣ୍ଠ ଦେବ ବିଦ୍ୟାପୀଠ, ତେନ୍ତୁଳିମୂଳରେ ଗତ ମାଟ୍ରିକ ପରୀକ୍ଷାରେ ୫୨୫ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ସାହିତ୍ୟ ଓ ଇଂଲିଶ୍ ବିଷୟରେ ଆଶାନୁରୂପ ନମ୍ବର ମିଳି ନ ଥିବା ଦେଖି ବାପାଙ୍କୁ ଜଣାଇଥିଲେ। ପରେ ପୁନଃ ମୂଲ୍ୟାୟନ କରିବା ପରେ ବୋର୍ଡ ପକ୍ଷରୁ ତାଙ୍କର ସାହିତ୍ୟ ଅବ୍‌ଜେକ୍ଟିଭରେ ୩୦ ନମ୍ବର ପରିବର୍ତ୍ତେ ୪୭ ଓ ଇଂଲିଶରେ ଅବ୍‌ଜେକ୍ଟିଭରେ ୩୧ ନମ୍ବର ପରିବର୍ତ୍ତେ ୪୩ ନମ୍ବର ରହିବାରୁ ମୋଟ ୨୯ ନମ୍ବର ବୃଦ୍ଧି ହୋଇ ୫୫୪ ନମ୍ବର ହୋଇଛି। ଫଳରେ ଆଦ୍ୟାଶା ଏ୧ ଗ୍ରେଡ ସହିତ ୯୨.୩୩ ଶତକଡା ମାର୍କ ରଖି କଣାସ ବ୍ଲକର ଦ୍ୱିତୀୟ ଟପ୍ପର ଭାବେ ବିବେଚିତ ହୋଇଛନ୍ତି। ପ୍ରକାଶ ଥାଉକି, କଣାସ ବ୍ଲକରୁ ମୋଟ ୫ ଜଣ ଛାତ୍ରୀଛାତ୍ର ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଦ୍ୟାଶା ମିଶିବା ପରେ ଏହି ସଂଖ୍ୟା ୬କୁ ବୃଦ୍ଧି ପାଇବା ସହ ଆଦ୍ୟାଶା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଘଟଣା ପ୍ରକାଶ ପାଇବା ପରେ ଅନେକ ବୁଦ୍ଧିଜୀବୀ ବୋର୍ଡ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପଦ୍ଧତି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଖାମଖିଆଲି ଖାତାଦେଖା ପାଇଁ ବିଦ୍ୟାର୍ଥୀମାନଙ୍କର ମାନସିକ ସ୍ଥିତି ଖରାପ ହେବା ସହ ବିଭିନ୍ନ ସୁବିଧା ସୁଯୋଗ ହାତଛଡ଼ା ହେବାର କ୍ଷତି କିଏ ଭରଣା କରିବ ବୋଲି ଅନେକେ ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି। ସୂଚନା ଥାଉକି, ଜଣାଶୁଣା ସାମାଜିକ କର୍ମୀ ସ୍ୱର୍ଗତ ଭୀମସେନ ଜେନାଙ୍କର ନାତୁଣୀ ତଥା ଶିକ୍ଷୟିତ୍ରୀ ମିନତୀବାଳା ସାମନ୍ତରାୟଙ୍କ ଝିଅ ଆଦ୍ୟାଶା ଜଣେ ମେଧାବୀ ଛାତ୍ରୀ ତଥା କଣ୍ଠଶିଳ୍ପୀ।

## ପ୍ରେମକୁ ବିରୋଧକରି ଯୁବକଙ୍କୁ ଆକ୍ରମଣ

### ଯୁବତୀଙ୍କୁ ମାଡ଼ ମାରି ଉଠାଇ ନେବା ନେଇ ପାଲଟା ଅଭିଯୋଗ

**ନିମାପଡ଼ା, ୧୩।୧୨ (ଡି.ଏନ୍.ଏ.):**

ଚାରିଛକ ଫାଣ୍ଡି ଅନ୍ତର୍ଗତ ଗଡ଼ଇଟାପୋଖରୀ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଅଞ୍ଚଳର ଜଣେ ଯୁବକ ୬ମାସ ତଳେ ସେହି ଅଞ୍ଚଳର ଯୁବତୀଙ୍କୁ ପ୍ରଥମେ ରେଜିଷ୍ଟ୍ରି ପରେ ମନ୍ଦିର ବିବାହ କରିଥିଲେ। ହେଲେ ଏହି ବିବାହକୁ ଯୁବତୀଙ୍କ ପରିବାର ପକ୍ଷରୁ ବିରୋଧ କରାଯାଉଥିଲା। ଏହି ଘଟଣାକୁ ନେଇ ପରେ ଯୁବତୀଙ୍କ ପରିବାର ଓ ସମ୍ପର୍କୀୟ ଲୋକେ କ୍ରୋଧାନ୍ୱିତ ହୋଇ ଶନିବାର ଯୁବକଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କଠାରୁ ସୁନାଚେନ, ମୋବାଇଲ ଫୋନ, ନଗଦ ୨୫ହଜାର ଟଙ୍କା ଲୁଟି ନେଇଥିଲେ। ଏପରିକି ତାଙ୍କୁ ମାରିବାକୁ ଧମକ ଦେଇ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଆହତ ଯୁବକ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ତାଙ୍କ ଭାଇ କହିଛନ୍ତି। ଏ ନେଇ ଯୁବକଙ୍କ ଭାଇ ନିମାପଡ଼ା ଥାନାରେ ୬ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଯୁବତୀ ଜଣକ ଶନିବାର ଘର ବାରିପଟେ ଯାଇଥିବାବେଳେ ଯୁବକ ଓ ତାଙ୍କ ପରିବାର ଲୋକ ମାଡ଼ ମାରି ଉଠାଇ ନେବାକୁ ଉଦ୍ୟମ କରିଥିଲେ। ଏହା ଦେଖି ଯୁବତୀଙ୍କ ମା ପ୍ରତିବାଦ କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିବା ନେଇ ୮ଜଣଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଉଭୟ ପକ୍ଷରୁ ପୃଥକ ଭାବେ ୨ଟି ମାମଲା (ନଂ.୩୦୩, ୩୦୪/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।




ନବଗଠିତ ପୁରୀ ଜିଲା ବୋଲିଂ ଆସୋସିଏଶନ ସମ୍ପର୍କରେ କର୍ମକର୍ତ୍ତାମାନେ ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ଅଗ୍ନିକାଣ୍ଡରେ ଗାଈ ମୃତ, ଯୁବକ ଗୁରୁତର

**ବ୍ରହ୍ମଗିରି, ୧୩।୧୨ (ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକରେ ପୃଥକ ଅଗ୍ନିକାଣ୍ଡରେ ଗୋଟିଏ ଗାଈର ମୃତ୍ୟୁ ଘଟିବା ସହ ଜଣେ ଯୁବକ ଓ ୫ ଗାଈ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କାଠୁଆଆରେଡି ଗ୍ରାମର ସୁରଥ ଜେନାଙ୍କ ଗୁହାଳରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ୨ବଖରା ପୋଡ଼ିଯିବା ସହ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ୫ଗୋରୁ ଗୁରୁତର ହୋଇଛନ୍ତି । ଗାଈଙ୍କ ରଡ଼ି ଶୁଣି ପରିବାର ଲୋକେ ଉଠିଥିଲେ। ସ୍ଥାନୀୟ ଲୋକେ ଓ ବ୍ରହ୍ମଗିରି ଅଗ୍ନିସେବା ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ମଢ଼ପଦା ଗ୍ରାମରେ ମୁକୁନ୍ଦ ମୁଦୁଲି ତାଙ୍କ କୁମ୍ଭାର ଶାଳରେ କାମ କରୁଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ମୁକୁନ୍ଦ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ୨ ଅଗ୍ନିକାଣ୍ଡର ସ୍ପଷ୍ଟ କାରଣ ଜଣାପଡ଼ି ନ ଥିବାବେଳେ ବହୁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ଯାତ୍ରୀ ବିନୋଦନ କେନ୍ଦ୍ର କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି

**କାକଟପୁର, ୧୩।୧୨ (ଡି.ଏନ୍.ଏ.)**

କାକଟପୁରର ମା' ମଙ୍ଗଳା ମନ୍ଦିର ନିକଟରେ ପର୍ଯ୍ୟଟନ ବିଭାଗ ଦ୍ୱାରା ୫୭ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀ ବିନୋଦନ କେନ୍ଦ୍ର ନିର୍ମାଣ କରାଯାଉଛି। ଏହି କାର୍ଯ୍ୟକୁ ପ୍ରାୟ ୨ବର୍ଷ ପୂରିବାକୁ ଯାଉଥିବାବେଳେ ଏଯାବତ ଶେଷ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଉକ୍ତ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିଛି କିନ୍ତୁ ପାଇଖାନା ଟାଙ୍କି ନିର୍ମାଣ ନ କରି କାର୍ଯ୍ୟ ବନ୍ଦ କରି ଠିକାଦାର ଚାଲି ଯାଇଛି। ବକେୟା ଥିବା କାର୍ଯ୍ୟ ପାଇଁ ଆହୁରି ୧୦ଲକ୍ଷ ଟଙ୍କା ଠିକାଦାର ଦାବି କରୁଥିବାରୁ କେନ୍ଦ୍ରର ନିର୍ମାଣ ସମ୍ପୂର୍ଣ୍ଣ ହେଉ ନାହିଁ କି କେନ୍ଦ୍ରଟି କାର୍ଯ୍ୟରେ ଲାଗି ପାରୁ ନାହିଁ। ଏ ନେଇ ଭାରପ୍ରାପ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ସିଂ କୁହନ୍ତି, ମନ୍ଦିର ତରଫରୁ ବାରମ୍ବାର ପର୍ଯ୍ୟଟନ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଉଛି। କିନ୍ତୁ ଅଦ୍ୟାବଧି କୌଣସି ନିଷ୍ପତ୍ତି ନିଆଯାଉ ନ ଥିବାରୁ ବକେୟା ଥିବା କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଫଳରେ କେନ୍ଦ୍ରଟି ସାଧାରଣରେ କାର୍ଯ୍ୟରେ ଆସିପାରୁ ନାହିଁ। ଉକ୍ତ କେନ୍ଦ୍ରଟିର ବକେୟା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ ସର୍ବସାଧାରଣଙ୍କ ସେବାରେ କିଭଳି ଶୀଘ୍ର କାମରେ ଆସିବ ସେଥିପାଇଁ ପର୍ଯ୍ୟଟନ ବିଭାଗ ପଦକ୍ଷେପ ନେବାକୁ ମା' ମଙ୍ଗଳାଙ୍କ ସେବାୟତ ସମ୍ପ୍ରଦାୟ, ଶ୍ରଦ୍ଧାଳୁମାନେ ଉପରିସ୍ଥ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ନିର୍ମାଣାଧୀନ ଯାତ୍ରୀ ବିନୋଦନ କେନ୍ଦ୍ର।

## 'ପ୍ରମାଣ ନଷ୍ଟ କରିଦେଉଛି ପୋଲିସ'

- ଏସ୍‌ପି, ଆଇଆଇସିଙ୍କ ବିରୋଧରେ ୩୦୨ ଦଫା ଲାଗୁ
- ହାଜତ ମୃତ୍ୟୁ ପ୍ରସଙ୍ଗରେ ପୁଣି ଗର୍ଜିଲା ଭାଜପା

**ପୁରୀ ଅଫିସ, ୧୩।୧୨**

ଗତ ନଭେମ୍ବର ୧୮ରେ ବାସେଳି ସାହି ଥାନା ହାଜତରେ ପୋଲିସ ମାଡ଼ରେ ଅଭିଯୁକ୍ତ କେ. ରମେଶଙ୍କ ମୃତ୍ୟୁ ଘଟିଥିଲା। ତେବେ କାଳେ ପୋଲିସ ମାଡ଼ରେ ରମେଶଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଯିବ ସେଥିଲାଗି ପୋଲିସ ସମସ୍ତ ପ୍ରମାଣ ନଷ୍ଟ କରିଦେଉଛି। ଏବେ ହତ୍ୟାକୁ ଭିନ୍ନ ରୂପ ଦେବା ଲାଗି ଚେଷ୍ଟା କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ଏ ନେଇ ସିବିଆଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସେହିପରି ଏହି ଘଟଣାକୁ ନିନ୍ଦା କରାଯାଇଛି।

ସ୍ଥାନୀୟ ଏକ ହୋଟେଲରେ ରବିବାର ପୁରୀ ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ତତ୍କାଳୀନ ଏସ୍‌ପି ଯୋଜନାବଦ୍ଧ ଭାବେ ଏହା ପୋଲିସ ସହ ସଂଘର୍ଷଜନିତ ମୃତ୍ୟୁ ବୋଲି ଦର୍ଶାଇ ଏକ ମିଥ୍ୟା ଗପ ବର୍ଣ୍ଣନା କରିବାକୁ ଲାଗିଲେ। ଏହି ଘଟଣା ଯେଉଁ ଆଇଆଇସିଙ୍କ ଦ୍ୱାରା ଘଟିଲା ସେ ପଛୁଆ ତାରିଖରେ ଛୁଟିରେ ଥିବା ଦର୍ଶାଗଲା। ପରେ ତାଙ୍କୁ ସେହି ଥାନାରେ ଦାୟିତ୍ୱ ଦେଇ ପ୍ରମାଣ ନଷ୍ଟ କରାଗଲା। ଏହାପରେ ଶାସକ ଦଳର କେତେଜଣ ନେତାଙ୍କୁ ଢାଲ କରି ସେ ତାଙ୍କ ସପକ୍ଷରେ ରାଲି କରିବାରେ ଲାଗିଲେ। ଏପରି କି ମୃତକଙ୍କ ମା', ବାପାଙ୍କୁ ଦୂରରେ ରଖି ପ୍ରଲୋଭିତ କରିବାକୁ ଚେଷ୍ଟା କଲେ। ଏବେ ସେହି ଆଇଆଇସିଙ୍କୁ ଜିଲା ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ତେଣୁ ଏ ନେଇ ସିବିଆଇ ତଦନ୍ତ ହେଉ। ଏହି ଘଟଣାରେ ଯେଉଁ ଏସ୍‌ପି ଏବଂ ଆଇଆଇସି ସମ୍ପୃକ୍ତ ତାଙ୍କ ବିରୋଧରେ ଆଇପିସିର ୩୦୨ ଦଫା ରୁଜୁ ସହ ସେମାନଙ୍କୁ ଗିରଫ କରାଯାଉ ବୋଲି ବିଧାୟକ ଷଡ଼ଙ୍ଗୀ ଦାବି କରିଛନ୍ତି। ସେହିପରି ଯେଉଁ ରାଜନେତାମାନେ ସମ୍ପୃକ୍ତ ଆଇଆଇସିଙ୍କ ସପକ୍ଷରେ ଶୋଭାଯାତ୍ରା କରି ଫୁଲତୋଡ଼ା ଦେଇଥିଲେ ସେମାନେ ହାଜତ ମୃତ୍ୟୁକୁ ସମର୍ଥନ କରୁଛନ୍ତି କି ବୋଲି ଭାଜପା ପ୍ରଶ୍ନ କରିଛି।




ଖବରଦାତା ସମ୍ମିଳନୀରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଗାଈ ଦଗ୍ଧ, ଯୁବକ ଗୁରୁତର

ବ୍ରହ୍ମଗିରି,୧୩ା୧୨(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକରେ ପୃଥକ ଅଗ୍ନିକାଣ୍ଡରେ ଗୋଟିଏ ଗାଈ ମୃତ୍ୟୁ ହେବା ସହ ଜଣେ ଯୁବକ ଓ ୫ ଗାଈ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କାଠୁଆଆରେଡି ଗ୍ରାମରେ ସୁରଥ ଜେନାଙ୍କ ଘରେ ଶନିବାର ରାତିରେ ସମସ୍ତେ ଶୋଇପଡିଥିବା ବେଳେ ହଠାତ୍ ଗୁହାଳରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡରେ ୨ବଖରା ପୋଡ଼ିଯିବା ସହ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ସହ ୫ଗୋରୁ ଗୁରୁତର ହୋଇଛନ୍ତି। ଗାଈଙ୍କ ରଡ଼ି ଶୁଣି ପରିବାର ଲୋକେ ଉଠିଥିଲେ। ସ୍ଥାନୀୟ ଲୋକେ ଓ ବ୍ରହ୍ମଗିରି ଅଗ୍ନିସେବା ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ମଡ଼ପଦା ଗ୍ରାମରେ ମୁକୁନ୍ଦ ମୁଦୁଲି କୁମ୍ଭାର ଶାଳରେ କାମ କରୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ମୁକୁନ୍ଦ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ୨ ଅଗ୍ନିକାଣ୍ଡର ସ୍ପଷ୍ଟ କାରଣ ଜଣାପଡ଼ି ନ ଥିବାବେଳେ ବହୁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ଆର୍‌ଆଇଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

ଖୋର୍ଦ୍ଧା ଅଫିସ, ୧୩ା୧୨

ମାଙ୍କଡ଼ା ପଥର ଚାଲାଣ ନେଇ ଚଢ଼ାଉ ବେଳେ ଜଣେ ଆର୍‌ଆଇଙ୍କୁ ଆକ୍ରମଣ ଏବଂ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ସାମନ୍ତରାପୁରର ବିଶ୍ୱଜିତ ସେଠୀ। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି।

### ସତ୍ୟାନୁସନ୍ଧାନ ଓ ସତୀ ଉପାଖ୍ୟାନ ପୁସ୍ତିକା ଲୋକାର୍ପିତ

ନିରାକାରପୁର,୧୩ା୧୨(ଡି.ଏନ୍.ଏ.)

ନିରାକାରପୁରରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରସ୍ଥ ଗାନ୍ଧୀଭବନ ପ୍ରକୋଷ୍ଠରେ କବି ଆର୍ତ୍ତତ୍ରାଣ ସାହୁଙ୍କ ରଚିତ କବିତା ପୁସ୍ତକ ସତ୍ୟାନୁସନ୍ଧାନ ଓ ସତୀ ଉପାଖ୍ୟାନ ଆନୁଷ୍ଠାନିକ ଭାବେ ରବିବାର ଲୋକାର୍ପିତ ହୋଇଯାଇଛି। ଶିକ୍ଷାବିତ ବଂଶୀଧର ଜଗଦ୍ଦେବଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ବେଣୁଧର ଦାସ, ଅଧାପକ ଡ. ମୃତ୍ୟୁଞ୍ଜୟ ରଥ ପୁସ୍ତକଦ୍ୱୟର ସମୀକ୍ଷା କରିଥିଲେ। ସୃଜନଶୀଳତାରେ କମନୀୟତା ଓ ସ୍ୱଚ୍ଛନ୍ଦ ପ୍ରକାଶ ତାକୁ କାଳଜୟୀ କରିଥାଏ। ଯେତେଦିନ ପର୍ଯ୍ୟନ୍ତ ଆଖିର ଲୁହ, ଛାତିର ନିଃଶ୍ୱାସ ଓ ହୃଦୟର ଆବେଗ ରହିଛି ସାହିତ୍ୟର ପଞ୍ଚଭୂତ ସେତେଦିନ ଯାଏଁ ସାଇତା ହୋଇ ରହିଥିବ ବୋଲି ଅତିଥିମାନେ ମତପୋଷଣ କରିଛନ୍ତି। ଯୁବ ପ୍ରତିଭା ବିଶ୍ୱଜିତ ବଳିୟାରସିଂହ ସଭା ସଂଯୋଜନା କରିଥିବାବେଳେ ପ୍ରକାଶିକା ମିନତି ସାହୁ ଧନ୍ୟବାଦ ଦେଇଥିଲେ। ସମାବେଶରେ ଅଞ୍ଚଳର ବିଭିନ୍ନ ସାହିତ୍ୟ, ସଂଗଠନ, କର୍ମକର୍ତ୍ତା କବିମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ପ୍ରମାଣ ଯୋଗାଡ଼ କରୁଛି କ୍ରାଇମବ୍ରାଞ୍ଚ

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**
- ବୋରିଗାଁ ସରପଞ୍ଚଙ୍କୁ ଦ୍ୱିତୀୟଥର ଜେରା
- ଗୋପାଳପୁର ଲିଙ୍କ୍ ପାଇବାକୁ ତନାଘନା
- ଆକାଶଙ୍କ ରିମାଣ୍ଡ ଆଉ ଦୁଇଦିନ

ଭୁବନେଶ୍ୱର,୧୩ା୧୨(ବ୍ୟୁରୋ)

ବ୍ରହ୍ମପୁର ଅଫିସ : ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ବହୁକୋଟି ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଦୃଢ଼ ପ୍ରମାଣ ହାସଲ ପାଇଁ ଲାଗି ପଡିଛି। ନିଲମ୍ବିତ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କୁ ରବିବାର ତୃତୀୟ ଦିନ ପାଇଁ ମାରାଥନ ଜେରା କରିଛି। ସେହିଭଳି ଏହି ଠକେଇ ଘଟଣାରେ ଆକାଶଙ୍କ ଭାବି ଶଶୁର ତଥା ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକଙ୍କ ଲିଙ୍କ୍‌କୁ ନେଇ ଅନ୍ୟଏକ ଟିମ୍ ବ୍ରହ୍ମପୁରରେ ଡେରା ପକାଇଛି। ରବିବାର ଦ୍ୱିତୀୟଥର ପାଇଁ ବୋରିଗାଁ ସରପଞ୍ଚ ବସନ୍ତ ସାହୁ ଓ ତାଙ୍କ ସମ୍ପର୍କୀୟଙ୍କୁ ଜେରା କରିଛି। ଟାଟା ମୋଟର୍ସରେ ଚାକିରି ପାଇଁ ବସନ୍ତଙ୍କର ଜଣେ ସମ୍ପର୍କୀୟ ବିଧାୟକ ପାଣିଗ୍ରାହୀଙ୍କ ଭାଇଙ୍କ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। କିନ୍ତୁ ଏ ନେଇ କୌଣସି ଟଙ୍କା ଦିଆଯାଇ ନ ଥିବା ଜେରାବେଳେ ବସନ୍ତ କହିଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତାଙ୍କ ସମ୍ପର୍କୀୟଙ୍କ ମୋବାଇଲ ଫୋନ୍ ମଧ୍ୟ ଯାଞ୍ଚ କରିଛନ୍ତି। ଜେରାପରେ ଉଭୟଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

ଏଥିସହ ଆକାଶ ଓ ବିଧାୟକ ପାଣିଗ୍ରାହୀଙ୍କ ମଧ୍ୟରେ ଟଙ୍କା କାରବାର ନେଇ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ବ୍ରହ୍ମପୁରସ୍ଥିତ ବ୍ୟାଙ୍କରେ ଥିବା ଆକାଉଣ୍ଟଗୁଡ଼ିକର ଟିକିନିକି ଯାଞ୍ଚ କରୁଛି। ଭୁବନେଶ୍ୱରରେ ଆକାଶଙ୍କଠାରୁ ମିଳୁଥିବା ତଥ୍ୟ ଠିକ୍ କି ଭୁଲ୍ ତାହା ଜାଣିବାକୁ ସେପଟେ ବ୍ରହ୍ମପୁରରେ ସାମନ୍ତରାଳ ଭାବେ ଖୋଳତାଡ଼ କରାଯାଉଛି। ଠକେଇର ଶିକାର ଯୁବତୀଯୁବକଙ୍କଠାରୁ ଚାକିରି ସଂକ୍ରାନ୍ତ କାଗଜପତ୍ରକୁ ସଂଗ୍ରହ କରି ତଦନ୍ତ ଜାରି ରହିଛି। ଆକାଶ ଓ ତାଙ୍କ ପିଏ ଡେଭିଡଙ୍କୁ କ୍ରାଇମବ୍ରାଞ୍ଚର ଜେରା ସମୟରେ ସୋସିଆଲ ନେଟ୍‌ୱର୍କ ଦ୍ୱାରା ଠକେଇ କରୁଥିବା ଜଣାପଡିଥିଲା। ତେଣୁ ସେମାନେ ଆଉକେଉଁମାନଙ୍କୁ ଠକେଇ କରିଥିଲେ ତାହାର ତାଲିକା ପ୍ରସ୍ତୁତ କରି ଯୋଗାଯୋଗ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଆକାଶଙ୍କ ୫ଦିନିଆ ରିମାଣ୍ଡର ଆଉ ଦୁଇଦିନ ବାକି ରହିଛି। ଏହା ଭିତରେ କ୍ରାଇମବ୍ରାଞ୍ଚ ଠକେଇ ର୍ୟାକେଟର ପୂରା ପ୍ରମାଣ ପାଇବାକୁ ଆଶା ରଖିଥିବା ଜଣେ ଅଧିକାରୀ କହିଛନ୍ତି।




ଭୁବନେଶ୍ୱରକୁ ପ୍ରଦୂଷଣମୁକ୍ତ କରି ସୁସ୍ଥ ତଥା ସୁନ୍ଦର ରଖିବା ସହ ନିଜେ ହେଲ୍‌ମେଟ୍ ପିନ୍ଧିବା, ସାଇକେଲ ଚଲାଇବା, ବୃକ୍ଷରୋପଣ କରିବା ଆଦି ବାର୍ତ୍ତା ନେଇ ରାଜଧାନୀ ଫାଇଟର ପକ୍ଷରୁ ରବିବାର ମାଷ୍ଟରକ୍ୟାଣ୍ଟିନ ଛକରୁ କଳ୍ପନା ଅଭିମୁଖେ ବାହାରିଥିବା ସାଇକେଲ ଶୋଭାଯାତ୍ରା।

# ଚିଲିକାକୁ ବିପଦ ଘେରି, କୃତ୍ରିମ ଚିଙ୍ଗୁଡ଼ି ଚାଷ

- ଆରମ୍ଭ ହୋଇପାରୁନି ଉଚ୍ଛେଦ ପ୍ରକ୍ରିୟା
- ସଙ୍କୁଚିତ ହେବାକୁ ବସିଛି ମୁହାଣ
- ନଷ୍ଟ ହେବାରେ ଲାଗିଛି ଜୈବ ବିବିଧତା

ପୁରୀ ଅଫିସ, ୧୩ା୧୨

ଓଡ଼ିଶାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ 'ଚିଲିକା' ଏବେ ବେଆଇନ ଚିଙ୍ଗୁଡି ଘେରିରେ ଆବଦ୍ଧ ହୋଇ ରହିଛି। ଚାରିଆଡ଼େ ହୋଇଥିବା ଘେରି ଯେତିକି ବିପଦ ନୁହେଁ ତା'ଠାରୁ ଅଧିକ ବିପଦ ପାଲଟିଛି କୃତ୍ରିମ ଚିଙ୍ଗୁଡ଼ି ଚାଷ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏହାଦ୍ୱାରା ଚିଲିକାର ଜୈବ ବିବିଧତା ନଷ୍ଟ ହେବାରେ ଲାଗିଛି। ମୁହାଣ ମଧ୍ୟ ଏକ ପ୍ରକାର ସଙ୍କୁଚିତ ହେବାକୁ ବସିଲାଣି। ପାରମ୍ପରିକ ରୀତିରେ ଚିଲିକାରୁ ମାଛ, ଚିଙ୍ଗୁଡ଼ି ଧରିବା ଲାଗି ଅନୁମତି ଥିବାବେଳେ ମାଫିଆମାନେ ଏହାକୁ ସମ୍ପୂର୍ଣ୍ଣ ଆବଦ୍ଧ କରିସାରିଛନ୍ତି। ଚିଲିକା ଗୋଟିଏ ପଟେ ନଳବଣ ଏବଂ ଅପରପଟେ କାଳିଜାଇ ପର୍ଯ୍ୟନ୍ତ ମାଫିଆମାନଙ୍କ ଦ୍ୱାରା କବଳିତ ହୋଇସାରିଛି। ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରିବା ଲାଗି ଆନ୍ତରିକତାର ଅଭାବ ଦେଖିବାକୁ ମିଳୁଛି। ଘେରି ବନାଇଥିବା ଗାଁଗୁଡିକରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏ ନେଇ କିଛିଦିନ ହେଲା ଲିଫ୍‌ଲେଟ୍ ଲଗାଯାଇଛି। ମ ସ୍ୟ ଜ ା ବ ା ମ ା ନେ ଓଏମ୍ଏଫ୍ଆର୍ ଆକ୍ଟ–୧୯୮୨ ଅନୁଯାୟୀ ହ୍ରଦ ମଧ୍ୟରେ ସରୁଫାଶ (୧୦ ମିଲିଲିଟରରୁ କମ୍) ଘେରି ଏବଂ ୮୦୦ ଫୁଟରୁ ଅଧିକ ଖନ୍ଦା ଦ୍ୱାରା ମାଛ ଧରିବା ବେଆଇନ ଅଟେ। ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଏସବୁ ଘେରି ଓ ଖନ୍ଦା ହଟାଇ ନେବା ସକାଶେ ପ୍ରଶାସନ ଏବଂ ସିଡିଏ ପକ୍ଷରୁ ଏହି ଲିଫ୍‌ଲେଟ୍‌ରେ ଦର୍ଶାଯାଇଛି। ତେବେ ଡିସେମ୍ବରର ଦ୍ୱିତୀୟ ସପ୍ତାହ ବିତିବାକୁ ବସିଥିଲେ ମଧ୍ୟ ଚିଲିକା ଏପର୍ଯ୍ୟନ୍ତ ଘେରିମୁକ୍ତ ହୋଇନାହିଁ। ଅନ୍ୟପକ୍ଷରେ ଘେରି ଉଚ୍ଛେଦ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ନ ଥିବା ପୁରୀର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ନାଥଶର୍ମା କହିଛନ୍ତି। ଆଲୋଚନା ପରେ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କିନ୍ତୁ ଚିଲିକାରୁ ଘେରି ଉଚ୍ଛେଦ ଲାଗି ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏଥିଲାଗି ନୋଡାଲ ଅଫିସର ପରିବର୍ତ୍ତନ କରିଛନ୍ତି। ଗୃହ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ପୁରୀ, ଖୋର୍ଦ୍ଧା ଓ ଚିଲିକାର ୩ଜଣ ଡେପୁଟି କଲେକ୍ଟରଙ୍କୁ ନେଇ କମିଟି ଗଠିତ ହୋଇଛି। ଏମାନଙ୍କ ନେତୃତ୍ୱରେ ଉଚ୍ଛେଦ କାର୍ଯ୍ୟ କରିବାକୁ କୁହାଯାଇଛି। ମାତ୍ର ପ୍ରଶାସନର କୋହଳ ମନୋଭାବ ଯୋଗୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

ଚିଲିକାରେ ବର୍ତ୍ତମାନ ମାଫିଆମାନେ ଧାନଜମିକୁ ଲିଜ୍ କିମ୍ବା ସିଧାସଳଖ କ୍ରୟ କରି କୃତ୍ରିମ ଚିଙ୍ଗୁଡ଼ି ଚାଷ ଆରମ୍ଭ କରିଦେଇଛନ୍ତି। ହଜାର ହଜାର ଏକର ଜମିରେ ବିଷାକ୍ତ କୀଟନାଶକ ପ୍ରୟୋଗ କରି କୋଟି କୋଟି ଟଙ୍କାର ଚାଷ ଚଳାଇଛନ୍ତି। ଏହାଦ୍ୱାରା ଆଗାମୀ ପ୍ରାୟ ୩ବର୍ଷ ମଧ୍ୟରେ ଚିଲିକା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ ବୋଲି ପରିବେଶବିତ୍ ମତ ଦେଉଛନ୍ତି। ଏଭଳି ସ୍ଥିତିରେ ସିଡିଏ ମୁଖ୍ୟ ସୁଶାନ୍ତ ନନ୍ଦ କହିଛନ୍ତି, ଚିଲିକା ଭିତରେ ରହିଥିବା ଘେରି ଉଚ୍ଛେଦ ଲାଗି ପଦକ୍ଷେପ ନେବୁ। ହେଲେ ଚିଲିକା ବାହାରେ ଚାଷଜମିରେ ଯେଉଁ ଚିଙ୍ଗୁଡ଼ି ଚାଷ ହେଉଛି ତାହା ଉପରେ ରାଜସ୍ୱ ବିଭାଗ ମତ ଦେବ। ଚିଲିକା ଠାରୁ ୨୦୦ ମିଟର ଭିତରେ ଯେଉଁ ଚାଷଜମିରେ ଚିଙ୍ଗୁଡି ଚାଷ ଚାଲିଛି ତାକୁ ଉଠାଇବା ଲାଗି ହାଇକୋର୍ଟରେ ମାମଲା ଚାଲିଛି। ତେଣୁ ଏନେଇ ମତ ରଖିବାକୁ ନନ୍ଦ ମନା କରିଦେଇଛନ୍ତି।

# 'ପାଶ୍ଚାତ୍ୟ ମୋହ ଛାଡ଼ି ସଂସ୍କୃତିକୁ ଆପଣାଅ'

ଖୋର୍ଦ୍ଧା ଅଫିସ,୧୩ା୧୨

ଯୁବ ସମାଜ ଦେଶର କର୍ଣ୍ଣଧାର। ଏକ ସମୃଦ୍ଧ ଦେଶ ଗଠନ ଦିଗରେ ଯୁବକମାନଙ୍କ ପ୍ରମୁଖ ଭୂମିକା ରହିଛି। ତେଣୁ ନିଜ ସ୍ୱାର୍ଥ ଅପେକ୍ଷା ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଯୁବପିଢିଙ୍କୁ ମୌଲାନା ସେକ୍ ସୁଲେମାନ୍ ଆହ୍ୱାନ ଦେଇଛନ୍ତି। ରବିବାର ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଜାମା ମସଜିଦ୍ ପରିସରରେ ଆୟୋଜିତ ମଜଲିସ୍ ଖୁଦାମୁଲ୍ ଅହମଦୀୟା ଯୁବ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟବକ୍ତା ଭାବେ ସୁଲେମାନ ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ହ୍ୟୁମାନିଟି ଫାଷ୍ଟ ସଙ୍ଗଠନ ପରିଚାଳକ ସୈଫୁର ଅହମ୍ମଦ ଯୋଗଦେଇ କୌଣସି କ୍ଷେତ୍ରରେ ଧୈର୍ଯ୍ୟ ପୂର୍ବକ କାର୍ଯ୍ୟ କଲେ ସଫଳତା ମିଳିଥାଏ ବୋଲି କହିଥିଲେ। ସେହିପରି ସଙ୍ଗଠନର ଜିଲା ସଭାପତି ସୁଲେମାନ ଅହମ୍ମଦ ଖାନ ସଭାପତିତ୍ୱ କରି କହିଥିଲେ, ପିଲାଙ୍କ ଭବିଷ୍ୟତ ଗଠନରେ ମା' ବାପାଙ୍କ ବିଶେଷ ଭୂମିକା ରହିଛି। ଏକ ଉତ୍ତମ ପରିବେଶରୁ ଏକ ସୁସ୍ଥ ସମାଜ ଗଠନ ହୋଇଥାଏ। ପାଶ୍ଚାତ୍ୟ ମୋହ ଛାଡ଼ି ନିଜ ସଂସ୍କୃତି, ପରମ୍ପରା ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୌଲାନା ଖେଜର ହୟାତ, ମୌଲାନା ନାସିର ଖାନ, ମୌଲାନା ମୁବଶିର ଖାନ ଓ ମୌଲାନା ସମିର ଖାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଅତିଥି ଏବଂ ଅହମଦୀୟା ଯୁବ ସଙ୍ଗଠନର କର୍ମକର୍ତ୍ତା।

## ହାତୀ ଉପଦ୍ରବ, ଫସଲ ନଷ୍ଟ

ନିରାକାରପୁର,୧୩ା୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ନିରାକାରପୁର ଚିତ୍ରକୁଟ ପାଦଦେଶରେ ଥିବା ପୂର୍ବତନ ସରପଞ୍ଚ ବିପିନ ଜୟସିଂହଙ୍କ ବଗିଚାରେ ଗତ ଶନିବାର ରାତିରେ ହାତୀପଲ ଉତ୍ପାତ କରିଥିବା ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଆସି ବଗିଚାରେ ଥିବା ବିଭିନ୍ନ ଗଛକୁ ଖାଇ, ଭାଙ୍ଗି ନଷ୍ଟ କରିଦେଇଛି। ପ୍ରକାଶଥାଉ କି, ଏହି ହାତୀପଲ ଟାଙ୍ଗୀ ବନାଞ୍ଚଳରୁ ଆସି ପ୍ରାୟ ସମୟରେ ଏହି ଗ୍ରାମରେ ଚାଷୀଙ୍କ ଧାନ ଫସଲ ଓ ପନିପରିବା ନଷ୍ଟ କରୁଥିବା ଅଭିଯୋଗ ହେଉଛି। ତେବେ ଶନିବାର ରାତିରେ ମଧ୍ୟ ପ୍ରଥମେ ଗ୍ରାମର କେତେଜଣ ଚାଷୀଙ୍କ ଜମିରେ ପଶି ଫସଲ ନଷ୍ଟ କରିଥିଲେ। ପରେ ବିପିନଙ୍କ ବଗିଚାରେ ପଶି ବିଭିନ୍ନ ଫଳ, ପନିପରିବା ଖାଇବା ସହ ଦଳିଚକଟି ନଷ୍ଟ କରି ଚାଲିଯାଇଥିଲେ। ବାରମ୍ବାର ଏହି ଅଞ୍ଚଳରେ ହାତୀପଲ ଆସି ବିଭିନ୍ନ ନଷ୍ଟ କରୁଥିବାରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସାନୁଜ ସଭାପତି, ସଞ୍ଜୟ ସମ୍ପାଦକ



**ଜଟଣୀ ବାର୍ ଆସୋସିଏଶନ ନିର୍ବାଚନ**

ଜଟଣୀ,୧୩ା୧୨(ଡି.ଏନ୍.ଏ.)

ଜଟଣୀ ବାର୍ ଆସୋସିଏଶନ୍ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି, ଉପସଭାପତି ଓ ସମ୍ପାଦକ ପଦବୀ ପାଇଁ ୨ଜଣ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଅନ୍ୟ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଥିଲା। ସାନୁଜ କୁମାର ମିଶ୍ର ସଭାପତି, ଦିଲୀପ କୁମାର ସୁବୁଦ୍ଧି ଉପସଭାପତି ଓ ସଞ୍ଜୟ କୁମାର ମହାପାତ୍ର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କାଶୀନାଥ ପ୍ରଧାନ ସହସମ୍ପାଦକ, ଏମ୍.ଚଣ୍ଡୀବାବୁ କୋଷାଧ୍ୟକ୍ଷ ଓ ୭ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଆଇନଜୀବୀ ଅକ୍ଷାଂଶୁ ନାୟକ ସୂଚନା ଦେଇଛନ୍ତି। ସ୍ଥାନୀୟ କୋର୍ଟ ପରିସରରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୪ଟା ଯାଏଁ ଗୁପ୍ତ ଭୋଟ୍ ମାଧ୍ୟମରେ ମତଦାନ ହୋଇଥିଲା। ପରେ ଭୋଟ୍‌ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଥିଲା।

# ସମସ୍ତ ମନ୍ଦିର ଖୋଲିବା ଦାବି ତେଜିଲା

ଖୋର୍ଦ୍ଧା ଅଫିସ,୧୩ା୧୨

କରୋନା କଟକଣା ପାଇଁ ୯ମାସ ଧରି ବିଭିନ୍ନ ମନ୍ଦିର ବନ୍ଦ ରହିଛି। ଫଳରେ ସେବାୟତ ଓ ପୂଜକମାନଙ୍କ ଜୀବିକା ପ୍ରଭାବିତ ହୋଇଛି। ତେଣୁ ସରକାର ତୁରନ୍ତ ମନ୍ଦିର ଖୋଲିବା ବ୍ୟବସ୍ଥା କରନ୍ତୁ ବୋଲି ରବିବାର ଜଟଣୀ ତରାବୋଇ ମଣି ବକ୍ରେଶ୍ୱର ମନ୍ଦିର ନିକଟରେ ନିଖିଳ ଉତ୍କଳ ସେବାୟତ ସଂଘ ଏବଂ ଶିବାଶକ୍ତି ପୂଜକ ସଂଘ ପକ୍ଷରୁ ଅନୁଷ୍ଠିତ ମିଳିତ ବୈଠକରେ ଦାବି ହୋଇଛି।

ବର୍ଷସାରା ଭକ୍ତଙ୍କ ଦାନ ଅର୍ଥରେ ଚଳୁଥିବା ସେବାୟତ ଓ ପୂଜକମାନେ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେବାକୁ ସେବାୟତ ସଂଘ ସଭାପତି ବୈକୁଣ୍ଠନାଥ ମହାପାତ୍ର ଦାବି କରିଛନ୍ତି। ବରିଷ୍ଠ ସେବାୟତ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂଜକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ଲାଗି ସଂଘ ଦାବି କରିଛି। ବିଭିନ୍ନ ଛୋଟ ମନ୍ଦିରର ପୂଜକମାନଙ୍କୁ ଆର୍ଥିକ ସହାୟତା ଦେବା ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ପଦକ୍ଷେପ ନେଉନାହାନ୍ତି। ତେଣୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ ବିକ୍ରମ ମହାପାତ୍ର, ବିଜୟ ମହାପାତ୍ର, ଖଗେଶ୍ୱର ମହାପାତ୍ର, ସନ୍ତୋଷ ମହାପାତ୍ରଙ୍କ ସମେତ ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଅଞ୍ଚଳର ପୂଜକ ଏବଂ ସେବାୟତ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୂଜକ ଓ ସେବାୟତମାନେ।

## ଖୋର୍ଦ୍ଧା ଗ୍ରାମାଞ୍ଚଳ: କରୋନା ଗ୍ରାଫ୍ ଖସୁଛି

ଖୋର୍ଦ୍ଧା ଅଫିସ,୧୩ା୧୨: ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଗ୍ରାଫ୍ ଧିରେ ଧିରେ ଖସୁଛି। ରବିବାର ଜଣେ ଆକ୍ରାନ୍ତ ହୋଇଥିବା ବେଳେ ୩ଜଣ ସୁସ୍ଥ ହୋଇଛନ୍ତି। ଜଟଣୀ ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଟଣୀ, ଖୋର୍ଦ୍ଧା ଏବଂ ଟାଙ୍ଗୀରୁ ଜଣେ ଲେଖାଏଁ ସୁସ୍ଥ ହୋଇଛନ୍ତି।

ରବିବାର ଆକ୍ରାନ୍ତଙ୍କୁ ମିଶାଇ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩,୩୩୦ରେ ପହଞ୍ଚିଛି। ୧୩,୨୪୫ଜଣ ସୁସ୍ଥ ଓ ୨୮ ସକ୍ରିୟ ଥିବାବେଳେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତାରୁ ୧୩୪୩, ବାଲିପାଟଣା ୯୨୬, ଭୁବନେଶ୍ୱର ୧୨୫୩, ଜଟଣୀ ୧୨୮୦, ଖୋର୍ଦ୍ଧା ୨୩୮୧, ବେଗୁନିଆ ୧୧୨୧, ବୋଲଗଡ଼ ୯୭୩, ଟାଙ୍ଗୀ ୧୨୨୭, ଚିଲିକା ୧୩୯୨ ଓ ବାଣପୁରରୁ ୧୪୨୫ ରହିଛନ୍ତି।

# ଟେଣ୍ଡର ଅନିୟମିତତା : ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ବାଲୁଗାଁ,୧୩ା୧୨(ଡି.ଏନ୍.ଏ.)

ବାଲୁଗାଁ ଏନ୍ଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଆହୂତ ଟେଣ୍ଡରରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବଗତ କରାଯାଇଥିବା ବେଳେ ଘଟଣାର ଗୁରୁତ୍ୱ ଉପଲବ୍ଧିକରିଗୃହ ଓ ନଗର ଉନ୍ନୟନ ବିଭାଗ ଉପସଚିବ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବା ନିମନ୍ତେ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଥାଉକି, ବାଲୁଗାଁ ଏନ୍ଏସି ଅଧୀନ ବିଭିନ୍ନ ୱାର୍ଡର ଉନ୍ନତି ନିମନ୍ତେ ଗତ ଅକ୍ଟୋବର ୨୯ରେ ୨୫ଟି ଟେଣ୍ଡର ପ୍ରକାଶ ପାଇଥିଲା। ତେବେ ଏହି ଟେଣ୍ଡରଗୁଡ଼ିକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଠିକାଦାରଙ୍କ ଆପୋସ ବୁଝାମଣା ଭିତ୍ତିରେ କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କାର୍ଯ୍ୟରେ ମନ୍ଥରତା, ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା, ନିମ୍ନମାନର କାର୍ଯ୍ୟ ହେବାରୁ ଅଞ୍ଚଳର ସଚେତନ ନାଗରିକଙ୍କ ତରଫରୁ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଖୋର୍ଦ୍ଧା ଏଡିଏମ୍ ତଥା ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ପଠାଯାଇଥିଲା। ପରିଷଦର ସମସ୍ତ ୱାର୍ଡକୁ ଠିକ୍ ଭାବେ ତଦାରଖ କରା ନ ଯାଇ ନିଜ ଇଚ୍ଛା ମୁତାବକ ଅଧିକ ବ୍ୟୟ ଅଟକଳରେ ଟେଣ୍ଡର କରିବା, ପକ୍ଷପାତିତା କରି କିଛି ୱାର୍ଡରେ ନିର୍ମାଣ କାର୍ଯ୍ୟକୁ ଅଣଦେଖା କରିବା, ଭଲ ରାସ୍ତାକୁ ମରାମତି ଆଳରେ ଟେଣ୍ଡର କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରିବା, ଅନାବଶ୍ୟକ ନିର୍ମାଣ କାର୍ଯ୍ୟ ଉପରେ ଟେଣ୍ଡର କରି ଅର୍ଥ ତୋସରପାତ କରିବା, ୱାର୍ଡରେ ନିର୍ମାଣ ଆବଶ୍ୟକତା ଥିବା ରାସ୍ତା ନିମନ୍ତେ ଟେଣ୍ଡର ନ କରି ଜଳମଗ୍ନ ଥିବା ଜମିରେ ନାଳ ଖନନ ନିମନ୍ତେ ଟେଣ୍ଡର ଆହ୍ୱାନ କରିବା ଆଦି କାର୍ଯ୍ୟଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଅନିୟମିତତା ହୋଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଥିଲା। ଏଥିସହ ପ୍ରକାଶିତ ଟେଣ୍ଡର ସମ୍ପୂର୍ଣ୍ଣ ଅନୈତିକ ଓ ଅର୍ଥତୋସରପାତ ନିମନ୍ତେ ହୋଇଥିବାରୁ ଏହାକୁ ତଦନ୍ତ କରି ପୁନଃ ଟେଣ୍ଡର କରିବା ଏବଂ ପରିଷଦର କନିଷ୍ଠ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ଦାବି ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗୀୟ ଚିଠି ନଂ ୧୮୭୫୨ ତା ୪ା୧୨ା୨୦ରେ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ତଦନ୍ତରେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଅନୁମାନ କରାଯାଇଛି।

## ସଂକ୍ଷେପରେ

### ଜୟପୁରରେ ସ୍ଥାପନ ହେବ ନୂଆ ବ୍ୟାଙ୍କ ନୋଟ୍ ପ୍ରୋସେସିଂ ସେଣ୍ଟର

**ନୂଆଦିଲ୍ଲୀ,୧୩।୧୨:** ଜୟପୁରରେ ଏକ ସ୍ୱୟଂକ୍ରିୟ ବ୍ୟାଙ୍କ ନୋଟ୍ ପ୍ରୋସେସିଂ ସେଣ୍ଟର ସ୍ଥାପନ କରିବା ଲାଗି ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ବ୍ୟାଙ୍କ ନୋଟ୍ର ବର୍ଦ୍ଧିତ ପ୍ରଚଳନକୁ ଧ୍ୟାନରେ ରଖି ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ଯୋଜନା ହାତକୁ ନେବ ବୋଲି ଜଣାପଡ଼ିଛି। ଏହି ସେଣ୍ଟରଟି ବ୍ୟାଙ୍କ ଶାଖା ଏବଂ କରେନ୍ସି ଚେଷ୍ଟରୁ ନୋଟ୍ ଗ୍ରହଣ କରିବ। ନୋଟ୍ର ସଂରକ୍ଷଣ ଏବଂ ବଣ୍ଟନ ଦିଗରେ ଏହା ମଧ୍ୟ କାର୍ଯ୍ୟ କରିବ। ଖରାପ ହୋଇଯାଇଥିବା ବ୍ୟାଙ୍କ ନୋଟ୍ଗୁଡ଼ିକୁ ସ୍ୱୟଂକ୍ରିୟ ଭାବେ ନଷ୍ଟକରିବା ଭଳି କାର୍ଯ୍ୟ ଏହି ସେଣ୍ଟର କରିବ। ପରିବର୍ତ୍ତିତ ସମୟ ସହ ତାଳଦେଇ ନୂଆ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଏଭଳି ସେଣ୍ଟର ସ୍ଥାପନ କରିବାକୁ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଛି।

### ୟୁନିୟନ ବ୍ୟାଙ୍କ ଇଡିଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ

**ଭୁବନେଶ୍ୱର,୧୩।୧୨:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ମାନସ ରଞ୍ଜନ ବିଶ୍ୱାଳ ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଶ୍ୱାଳ ବ୍ୟାଙ୍କର କର୍ମଚାରୀମାନଙ୍କୁ ସମ୍ବୋଧିତକରି କହିଥିଲେ, ୟୁନିୟନ ବ୍ୟାଙ୍କ ସହ କର୍ପୋରେଶନ ବ୍ୟାଙ୍କର କୋର୍ ବ୍ୟାଙ୍କିଙ୍ଗ୍ ସଲ୍ୟୁସନର ସଫଳ ମିଶ୍ରଣ ହୋଇଛି। ଏଥିପାଇଁ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। କୋଭିଡ୍ ମହାମାରୀ ସମୟରେ ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ରିଟେଲ, କୃଷି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଅଧିକ ଋଣ ଏବଂ ଆଡଭାନ୍ସ ପ୍ରଦାନରେ ବୃଦ୍ଧି କରିବା କ୍ଷେତ୍ରରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଏହି ପରିଦର୍ଶନ ଉପଲକ୍ଷେ ବ୍ୟାଙ୍କ ପକ୍ଷରୁ ତାଙ୍କୁ ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଶଙ୍କର ହେମ୍ବ୍ରମ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ହରେନ୍ଦ୍ର କୁମାର ଜେନା, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଏମ୍ଏସ୍ଏମ୍ଇକୁ ୨.୦୫ ଲକ୍ଷ କୋଟିର ଋଣ ମଞ୍ଜୁର

**ନୂଆଦିଲ୍ଲୀ, ୧୩।୧୨**



ସରକାର ଘୋଷଣା କରିଥିବା ୩ ଆତ୍ମନିର୍ଭର ପ୍ୟାକେଜର ଅଗ୍ରଗତି ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ସମୀକ୍ଷା କରିଛନ୍ତି। କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ପୁଣି ଛିଡ଼ା କରିବା ଲାଗି ସରକାର ଏହି ପ୍ୟାକେଜ ଘୋଷଣା କରିଥିଲେ। ବିଭିନ୍ନ ମନ୍ତ୍ରଣାଳୟର ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ପ୍ୟାକେଜର କାର୍ଯ୍ୟକାରିତା ସମ୍ପର୍କରେ ସୀତାରାମନ ତଦାରଖ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍ (ଇସିଏଲ୍ଜିଏସ୍)ରେ ବ୍ୟାଙ୍କଗୁଡ଼ିକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଲାଗି ୨.୦୫ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି। ଏହି ଯୋଜନାରେ କ୍ଷୁଦ୍ରଶିଳ୍ପକୁ ୩ ଲକ୍ଷ କୋଟି ଟଙ୍କା ଯୋଗାଇଦେବା ନେଇ ସରକାର ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୮୧ ଲକ୍ଷ ଆକାଉଣ୍ଟ ଲାଗି ୨.୦୫ ଲକ୍ଷ କୋଟି ଟଙ୍କାର ଅର୍ଥ ରାଶିକୁ ମଞ୍ଜୁରୀ ଦିଆଯାଇଛି। ମଞ୍ଜୁର ହୋଇଥିବା ଅର୍ଥ ରାଶି ମଧ୍ୟରୁ ୪୦ ଲକ୍ଷ ଏମ୍ଏସ୍ଏମ୍ଇ ଡିସେମ୍ବର ୪ ସୁଦ୍ଧା ୧.୫୮ ଲକ୍ଷ କୋଟିଟଙ୍କା ଲାଭ କରିଛନ୍ତି।

ସୂଚନାଯୋଗ୍ୟ, ଆତ୍ମନିର୍ଭର ଭାରତ ୩.୦ରେ ସରକାର ଇସିଏଲ୍ଜିଏସ୍ ସ୍କିମ୍ର ସୀମାକୁ ବଢ଼ାଇଥିଲେ। ଏଥିରେ ୨୬ ପ୍ରଭାବିତ କ୍ଷେତ୍ର ଏବଂ ହେଲ୍ଥ କେୟାର କ୍ଷେତ୍ରକୁ ମଧ୍ୟ ସାମିଲ କରାଯାଇଥିଲା। ବର୍ଦ୍ଧିତ ସମୟ ଅନୁସାରେ କ୍ଷୁଦ୍ରଶିଳ୍ପକୁ ୫ ବର୍ଷ ଅବଧି ଯାଏ ଋଣ ପ୍ରଦାନ କରାଯିବା ନେଇ ବ୍ୟବସ୍ଥା ହୋଇଛି। ଋଣ ଫେରସ୍ତ କ୍ଷେତ୍ରରେ ୧୨ ମାସର ମୋରାଟୋରିୟମ ସମୟ ମଧ୍ୟ ଦିଆଯାଇଛି। ଇସିଏଲ୍ଜିଏସ୍ ୨.୦ର ଅବଧି ମାର୍ଚ୍ଚ ୨୦୨୧ ରହିଛି। କୋଭିଡ୍ ପ୍ରଭାବିତ କେତେକ କ୍ଷେତ୍ରର ଋଣ ପୁନର୍ଗଠନ ପାଇଁ କାମାଥ କମିଟି ସୁପାରିସ କରିଛି।

ସୀତାରାମନ ପୁଣି କହିଛନ୍ତି, ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିଡ୍ବି)କୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୭୫୫ କୋଟି ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ମୁଦ୍ରା ଶିଶୁ ଲୋନ ବର୍ଗରେ ସୁଧ ଛାଡ଼ ବାବଦକୁ ୧୫୦୦ କୋଟି ଯୋଜନା ଅଧୀନରେ ଏହି ଅର୍ଥ ରାଶି ପ୍ରଦାନ କରାଯାଇଛି। ସୁଧ ଛାଡ ସୁବିଧା ଯୋଗାଣ ଲାଗି ମେମ୍ବର ଲେଣ୍ଡିଂ ଇନ୍ଷ୍ଟିଚ୍ୟୁଶନ(ଏମ୍ଏଲ୍ଆଇ)ଗୁଡ଼ିକୁ ୨୦୬.୭୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାବାଦ ଚଳିତ ବର୍ଷ

**ଆତ୍ମନିର୍ଭର ଭାରତ ପ୍ୟାକେଜର ସମୀକ୍ଷାକଲେ ଅର୍ଥମନ୍ତ୍ରୀ**

ଡିସେମ୍ବର ୪ ସୁଦ୍ଧା କିଷାନ କ୍ରେଡିଟ କାର୍ଡ (କେସିସି) ଯୋଜନାରେ ୧.୬୯ କୋଟି କୃଷକଙ୍କୁ ୧.୫୪ ଲକ୍ଷ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆତ୍ମନିର୍ଭର ଭାରତ ପ୍ୟାକେଜରେ ୨.୫ କୋଟି କୃଷକଙ୍କୁ ୨ ଲକ୍ଷ କୋଟି ଟଙ୍କା ଯୋଗାଇ ଦେବା ଲାଗି ସରକାର ଘୋଷଣା କରିଥିଲେ। ନୂଆ ଆଂଶିକ କ୍ରେଡିଟ ଗ୍ୟାରେଣ୍ଟି ଯୋଜନା(ପିସିଜିଏସ୍)ରେ ୬୭ ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ ପକ୍ଷରୁ ଜାରି ହୋଇଥିବା ୨୭,୯୯୪ କୋଟି ଟଙ୍କାର ବଣ୍ଡ ଏବଂ କମର୍ସିଆଲ ପେପରକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କ୍ରୟ କରିଛନ୍ତି।

# ସରଳ ହେବ ଜିଏସ୍ଟି ରିଟର୍ନ ଫାଇଲ

**ନୂଆଦିଲ୍ଲୀ,୧୩।୧୨**

ସାମଗ୍ରୀ ଓ ସେବା ଟିକସ(ଜିଏସ୍ଟି) ବ୍ୟବସ୍ଥାରେ ରିଟର୍ନ ଫାଇଲ ବେଳେ ଟିକସଦାତା ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଜିଏସ୍ଟି ରିଟର୍ନ ଫାଇଲକୁ ଆହୁରି ସରଳ କରିବା ଲାଗି ସୁବିଧା ଆଗାମୀ ଦିନରେ ଆସିବ ବୋଲି ଏକ ରିପୋର୍ଟ ଆସିଛି। ମାସିକ ରିଟର୍ନ ଫାଇଲ କ୍ଷେତ୍ରରେ ଟିକସଦାତାଙ୍କୁ ସରଳ ହେବ ହେବ ବୋଲି କୁହାଯାଉଛି। ଜାନୁୟାରୀ ପହିଲାରୁ ଟିକସଦାତା ସେଲ୍ଫ ଆସେସ୍ମେଣ୍ଟ ବା ନିଜସ୍ୱ ଆକଳନ ଦ୍ୱାରା ସେମାନଙ୍କ ଟିକସ ଦେୟ ପ୍ରଦାନ କରିବେ। ବର୍ତ୍ତମାନ ମାସିକ ରିଟର୍ନ ଫାଇଲ କରିବା ଲାଗି ଟିକସଦାତାଙ୍କୁ ଏକ ଜଟିଳ ଧାରା ଦେଇ ଯିବାକୁ ପଡୁଛି। ନୂଆ ସୁବିଧା କାର୍ଯ୍ୟକାରୀ ହେଲେ ଏଭଳି ସମସ୍ୟା ଟିକସଦାତା ସାମ୍ନା କରିବେ ନାହିଁ।

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ନୂଆ ତ୍ରୈମାସ ରିଟର୍ନ ଏବଂ ମାସିକ ପେମେଣ୍ଟ ସ୍କିମ୍(କ୍ୟୁଆର୍ଏମ୍ପି) କାର୍ଯ୍ୟକାରୀ କରାଇବାକୁ ଯାଉଛି। ଏହି ବ୍ୟବସ୍ଥା ଲାଗୁ ହେଲେ ଟିକସଦାତା ବର୍ଷକୁ ମାତ୍ର ୪ ଜିଏସ୍ଟିଆର୍ ୩ବି ରିଟର୍ନ ଫାଇଲ କରିବେ। ବର୍ତ୍ତମାନ ଟିକସଦାତାଙ୍କୁ ୧୨ ରିଟର୍ନ ଫାଇଲ କରିବାକୁ ପଡୁଛି। ୩




ମାସ ଶେଷରେ କେବଳ ରିଟର୍ନ ଭରିବାକୁ ପଡିବ। ସେହିଭଳି କ୍ୟୁଆର୍ପିଏମ୍ ସ୍କିମ୍ରେ ସେମାନଙ୍କ ମାସିକ ଟିକସ ନିଜ ପସନ୍ଦ ଅନୁସାରେ ଫାଇଲ କରିବାର ସୁବିଧା ମିଳିବ। କ୍ୟାଶ୍ ଲେଜର କିମ୍ବା ପୂର୍ବରୁ ପୂରଣ କରାଯାଇଥିବା ଚାଲାଣ ଦ୍ୱାରା ଟିକସ ଭରିହେବ।

# ହ୍ୟୁଣ୍ଡାଇ ସ୍ମାର୍ଟ କେୟାର କ୍ଲିନିକ୍

**ଭୁବନେଶ୍ୱର, ୧୩।୧୨:** ହ୍ୟୁଣ୍ଡାଇ ଇଣ୍ଡିଆ ପକ୍ଷରୁ ୧୦ ଦିନିଆ ସର୍ଭିସ କ୍ୟାମ୍ପ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର 'ସ୍ମାର୍ଟ କେୟାର କ୍ଲିନିକ' ଦ୍ୱାରା ଏହି ସେବା ପ୍ରଦାନ କରିବ। ଗ୍ରାହକ ଏହି ସେବା ସାରା ଦେଶରେ ରହିଥିବା ୧୨୮୮ଟି ହ୍ୟୁଣ୍ଡାଇ ସର୍ଭିସ ପଏଣ୍ଟଗୁଡ଼ିକରେ ଲାଭ କରିପାରିବେ। ଏହି କ୍ୟାମ୍ପ ୧୪ ରୁ ୨୩ ଡିସେମ୍ବର ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳିଛି। ଏହି ସେବା ଜରିଆରେ ଗ୍ରାହକଙ୍କୁ ଗାଡ଼ିର ସମସ୍ତ ପ୍ରକାର ଚେକ୍ଅପ୍ ଓ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି। ସେହିଭଳି ମାଗଣାରେ ଟପ୍ ୱାଶ ସହିତ ମେକାନିକାଲ ପାର୍ଟସ ଉପରେ ୧୦% ରିହାତି ଏବଂ ୨୦% ରିହାତିର ମେକାନିକାଲ ଲେବର ଏବଂ ଭ୍ୟାଲୁ ଆଡେଡ୍ ସେବା ମିଳୁଛି। ସେହିପରି କମ୍ପ୍ଲିମେଣ୍ଟାରି ସୁବିଧା ଭାବେ ୫୦ ପଏଣ୍ଟ ଭେଇକିଲ ଚେକ୍ଅପ୍ ସୁବିଧା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଭାରତରେ ସାଟେଲାଇଟ୍ଯୁକ୍ତ ନ୍ୟାରୋ ବ୍ୟାଣ୍ଡ୍ ଆଇଓଟି

**ନୂଆଦିଲ୍ଲୀ, ୧୩।୧୨:** ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଭିଜନକୁ ଲକ୍ଷ୍ୟରେ ରଖି ବିଏସ୍ଏନ୍ଏଲ୍ ସ୍କାଇଲୋ ଟେକ୍ ସହ ମିଳିତ ଭାବରେ ଭାରତର ପ୍ରଥମ ସାଟେଲାଇଟ ଯୁକ୍ତ ନ୍ୟାରୋ ବ୍ୟାଣ୍ଡ ଆଇଓଟିର ଶୁଭାରମ୍ଭ ବିଷୟରେ ଘୋଷଣା କରିଛି। ସ୍କାଇଲୋ ଟେକ୍ ଦ୍ୱାରା ଭାରତରେ ନିର୍ମିତ ଏହି ସଲ୍ୟୁସନ ବିଏସ୍ଏନ୍ଏଲ୍ର ସାଟେଲାଇଟ ଗ୍ରାଉଣ୍ଡ ଇନଫ୍ରାଷ୍ଟ୍ରକଚର ସହ ସାରା ଦେଶ ତଥା ଭାରତୀୟ ସମୁଦ୍ର କ୍ଷେତ୍ରରୁ ମଧ୍ୟ ଏହା ଯୋଗାଯୋଗ ରକ୍ଷା କରିବ। ସେହିଭଳି ଏହା ଭାରତର ସମସ୍ତ ଅଞ୍ଚଳ ଯେପରିକି କାଶ୍ମୀରରୁ କନ୍ୟାକୁମାରୀ, ଗୁଜୁରାଟରୁ ଉତ୍ତର ପୂର୍ବାଞ୍ଚଳ ସହ ଦେଶର ସମସ୍ତ ଭାରତୀୟ ସାମୁଦ୍ରିକ ଅଞ୍ଚଳଗୁଡ଼ିକରେ ମଧ୍ୟ କାର୍ଯ୍ୟ କରିବ।

# ବ୍ୟାଙ୍କଗୁଡ଼ିକୁ ମିଳିପାରେ ୧୪,୫୦୦ କୋଟି

**ନୂଆଦିଲ୍ଲୀ,୧୩।୧୨**



ଚଳିତ ଆର୍ଥିକ ବର୍ଷ ୪ର୍ଥ ତ୍ରୈମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସରକାର ୧୪,୫୦୦ କୋଟି ଟଙ୍କା ଯୋଗାଣ କରିପାରନ୍ତି। ଏହା ଉପରେ ଅର୍ଥ ମନ୍ତ୍ରଣାଳୟ ବିଚାର କରିପାରେ ବୋଲି ଏକ ରିପୋର୍ଟ ଆସିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସରକାର ବ୍ୟାଙ୍କଗୁଡ଼ିକର ଆର୍ଥିକ ପରଫରମାନ୍ସ ସମୀକ୍ଷା କରିଛନ୍ତି। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି, ମୋଟ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ୫,୫୦୦ କୋଟି ଟଙ୍କାର ପୁଞ୍ଜି ଆବଶ୍ୟକ କରୁଛି। ନିୟାମକ ଆବଶ୍ୟକତା ପୂରଣ ଲାଗି ବ୍ୟାଙ୍କକୁ ଏଭଳି ପୁଞ୍ଜିର ଆବଶ୍ୟକତା ରହିଛି। ଏହି ବ୍ୟାଙ୍କର ଇକ୍ୱିଟି ଶେୟାରର ପ୍ରିଫରେନ୍ସିଆଲ ଆଲଟମେଣ୍ଟ ଦ୍ୱାରା ପୁଞ୍ଜି ଯୋଗାଣକୁ ଗତ ମାସରେ ସରକାର ଗୁରୁତ୍ୱ ଦେଇଛନ୍ତି। ୨୦୨୦-୨୧ ଲାଗି ପ୍ରଥମ ବ୍ୟାଚ୍ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଲାଗି ଅତିରିକ୍ତ ଖର୍ଚ୍ଚଦାବି ଅଧୀନରେ ପୁଞ୍ଜି ଯୋଗାଣ ପ୍ରସ୍ତାବକୁ ପାର୍ଲାମେଣ୍ଟ ମଞ୍ଜୁରୀ ପ୍ରଦାନ କରିଛି। ଏହାଦ୍ୱାରା ୨୦ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କକୁ ଏହା ମଧ୍ୟରୁ ୫,୫୦୦ କୋଟି ଟଙ୍କା ଯୋଗାଣ ହେବ।

ମୋଟ ଅର୍ଥ ମଧ୍ୟରୁ କେନ୍ଦ୍ର ସରକାରଙ୍କ ନିକଟରେ ଆଉ ୧୪,୫୦୦ କୋଟି ଟଙ୍କା ରହିଛି। କୋଭିଡ୍ ଯୋଗୁ ବ୍ୟାଙ୍କ ବିଭିନ୍ନ ସମସ୍ୟା ସାମ୍ନା କରିଛନ୍ତି। ୨୦୧୯-୨୦ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ଯୋଗାଣ କରିବା ଲାଗି ସରକାର ପ୍ରସ୍ତାବ ଦେଇଥିଲେ। ଋଣ ଯୋଗାଣ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଦୃଢ଼ କରିବା ଦିଗରେ ସରକାରଙ୍କ ଲକ୍ଷ୍ୟ ରହିଥିଲା। ୨୦୨୦-୨୧ରେ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ଯୋଗାଣ ନେଇ ସରକାର ବଜେଟରେ କୌଣସି ପ୍ରସ୍ତାବ ରଖି ନାହାନ୍ତି। ବ୍ୟାଙ୍କ ବଜାରରୁ ଆବଶ୍ୟକ ମୁତାବକ ପୁଞ୍ଜି ଉଠାଇବା ନେଇ ସରକାର ଆଶା ରଖିଥିଲେ।

## ଖେଳ ଖବର

### ସିଜନ ଶେଷ ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍



**ୟାସ୍ ଆଇଲାଣ୍ଡ (ଆବୁଧାବି), ୧୩।୧୨ (ଏପି):** ରେଡବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ସିଜନ ଶେଷ ଆବୁଧାବି ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି। ରବିବାର ରେସ୍ରେ ସେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସିଜନର ସେ ଦ୍ୱିତୀୟ ଏବଂ କ୍ୟାରିୟରର ୧୦ମ ବିଜୟ ହାସଲ କରିଛନ୍ତି। ଭାଲଟେରି ବୋଟାସଙ୍କଠାରୁ ସେ ୧୬ ସେକେଣ୍ଡ ଏବଂ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କଠାରୁ ସେ ୧୮.୪ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ। ମର୍ସିଡିଜ୍ର ଉଭୟ ଡ୍ରାଇଭରଙ୍କ ବିପକ୍ଷରେ ରେଡ୍ବୁଲ୍ର ଏହା ଏକ ବିରଳ ସଫଳତା। ମ୍ୟାକ୍ଲରେନର ଲାଣ୍ଡୋ ନୋରିସ୍ଙ୍କ ଆଗରେ ରେଡ୍ବୁଲ୍ର ଆଲେକ୍ଜାଣ୍ଡର ଆଲ୍ବନ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୨୩ବର୍ଷୀୟ ଭର୍ଷ୍ଟାପେନ୍ ଶନିବାର କ୍ୱାଲିଫାଇଂ ରେସ୍ରେ ପୋଲ୍ ପୋଜିଶନ ହାସଲ କରିଥିଲେ।

### ଜାନୁୟାରୀ ୧୦ରୁ ମୁସ୍ତାକ ଅଲି ଟି୨୦

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୟଦ ମୁସ୍ତାକ ଅଲି ଟ୍ରଫି ଟି୨୦ ଟୁର୍ନାମେଣ୍ଟ ସହ ଏହାର ବହୁ ବିଳମ୍ବିତ ଘରୋଇ ସିଜନ ଆରମ୍ଭ କରିବ। ଏହା ଜାନୁୟାରୀ ୧୦ରୁ ୩୧ ପର୍ଯ୍ୟନ୍ତ ୬ଟି ରାଜ୍ୟରେ ଖେଳାଯିବ, ଯେଉଁଠାରେ ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରାଯିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକ ସେମାନଙ୍କ ଭେନ୍ୟୁରେ ଜାନୁୟାରୀ ୨ରେ ରିପୋର୍ଟ କରିବେ ବୋଲି ଆଶା କରାଯାଉଛି। ବିସିସିଆଇ ସମ୍ପାଦକ ଜୟ ଶାହା ଇ-ମେଲ୍ ଜରିଆରେ ସମସ୍ତ ରାଜ୍ୟ ୟୁନିଟ୍କୁ ଏ ବିଷୟରେ ଅବଗତ କରାଇଛନ୍ତି।

# ପିଙ୍କ୍ ବଲ୍ ୱାର୍ମ ଅପ୍ ଅମୀମାଂସିତ

**ସିଡ୍ନୀ,୧୩।୧୨(ପି.ଟି.)**



ବେନ୍ ମ୍ୟାକ୍ଡର୍ମୋଟ ଓ ଜ୍ୟାକ୍ ୱିଲଡରମୁଥ୍।

ସିଡ୍ନୀରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଦିବାରାତ୍ର ପ୍ରଥମ ଟେଷ୍ଟ ମ୍ୟାଚ ପୂର୍ବରୁ ଭ୍ରମଣକାରୀ ଭାରତୀୟ ଦଳ ଭଲ ଅଭ୍ୟାସ କରିବାର ସୁଯୋଗ ହାସଲ କରିଛି। ସ୍ଥାନୀୟ ସିଡ୍ନୀ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଏ' ଓ ଭାରତ ମଧ୍ୟରେ ଖେଳାଯାଇଥିବା ୩ ଦିନିଆ ଦିବାରାତ୍ର ଅଭ୍ୟାସ ମ୍ୟାଚ ରବିବାର ଅମୀମାଂସିତ ଭାବେ ଶେଷ ହୋଇଛି। ତୃତୀୟ ତଥା ଅନ୍ତିମ ଦିବସରେ ଅଷ୍ଟ୍ରେଲିଆ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ବେନ୍ ମ୍ୟାକ୍ଡର୍ମୋଟ ଓ ଜ୍ୟାକ୍ ୱିଲଡରମୁଥ୍ ଶତକ ହାସଲ କରି ହିରୋ ସାବ୍ୟସ୍ତ ହୋଇଛନ୍ତି।

ଦ୍ୱିତୀୟ ଦିବସ ଶେଷରେ ଭାରତ ଦ୍ୱିତୀୟ ଇନିଂସରେ ୯୦ ଓଭରରେ ୪ ଉଇକେଟ ହରାଇ ୩୮୬ ରନ କରି ଇନିଂସ ଘୋଷଣା କରିଥିଲା। ରବିବାର ସକାଳୁ ଅର୍ଥାତ୍ ଅନ୍ତିମ ଦିବସରେ ଅଷ୍ଟ୍ରେଲିଆ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ୭୫ ଓଭରରେ ୪ ଉଇକେଟ ହରାଇ ୩୦୭ ସଂଗ୍ରହ କରିଛି। ୨୫ ରନରେ ୩ ଉଇକେଟ ହରାଇ ଘରୋଇ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ମାର୍କସ ହାରିସ୍ ୫ ଓ ଜୋ ବର୍ନ୍ସ ୧ ରନକରି ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ନିକ୍ ମାଡିନଶନ ୧୪ ରନ କରି ଆଉଟ ହୋଇଥିଲେ।

ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ଓ ମ୍ୟାକ୍ଡର୍ମୋଟ୍ ଚତୁର୍ଥ ଉଇକେଟରେ ୧୧୭ ରନର ପାର୍ଟନରଶିପ୍ ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ। ତେବେ କାରେ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ହନୁମା ବିହାରୀଙ୍କ ଶିକାର ହୋଇଥିଲେ। ପଞ୍ଚମ ଉଇକେଟରେ ମ୍ୟାକଡର୍ମୋଟ ଓ ୱିଲଡରମୁଥ ୧୯୩ଟି ବଲର ସମ୍ମୁଖୀନ

**ବେନ୍, ଜ୍ୟାକ୍ଙ୍କ ଶତକ**

ହୋଇ ଅପରାଜିତ ୧୬୫ ରନ ସଂଗ୍ରହ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ବ୍ୟାଟ୍ସମ୍ୟାନ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୧୬୭ଟି ବଲର ସମ୍ମୁଖୀନ ହୋଇ ମ୍ୟାକ୍ଡର୍ମୋଟ ୧୬ ଚୌକା ସହ ଅପରାଜିତ ୧୦୭ ରନ କରିଥିଲେ। ସେହିପରି ୱିଲଡରମୁଥ୍ ୧୧୯ଟି ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ୧୧୧ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ସାମି ୨, ମହମ୍ମଦ ସିରାଜ ଓ ବିହାରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ଇନିଂସ: ୪୮.୩ ଓଭରରେ ୧୯୪ ଅଲଆଉଟ। **ଅଷ୍ଟ୍ରେଲିଆ ଏ' ପ୍ରଥମ ଇନିଂସ:** ୩୨.୨ ଓଭରରେ ୧୦୮ ଅଲଆଉଟ। **ଭାରତ ଦ୍ୱିତୀୟ ଇନିଂସ:** ୯୦ ଓଭରରେ ୩୮୬/୪ ଇନିଂସ ଘୋଷଣା। **ଅଷ୍ଟ୍ରେଲିଆ ଏ' ଦ୍ୱିତୀୟ ଇନିଂସ:** ୭୫ ଓଭରରେ ୩୦୭/୪, (ମ୍ୟାକଡର୍ମୋଟ- ୧୦୭*, ୱିଲଡରମୁଥ୍- ୧୧୧*, କାରେ- ୫୮, ସାମି- ୨/୫୮, ସିରାଜ- ୧/୫୪, ବିହାରୀ- ୧/୧୪)।

### ଇନିଂସ ବିଜୟର ନିକଟତର ନ୍ୟୁଜିଲାଣ୍ଡ

**ୱେଲିଂଟନ, ୧୩।୧୨ (ଏପି):** ସ୍ଥାନୀୟ ରିଜର୍ଭ ବେସିନଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଇନିଂସ ବିଜୟ ନିକଟତର ହୋଇଛି। ରବିବାର ଥିଲା ମ୍ୟାଚର ତୃତୀୟ ଦିବସ। ଫଲୋଅନ ହେବା ପରେ ଭ୍ରମଣକାରୀ ଦଳ ତୃତୀୟ ଦିବସ ଖେଳ ଶେଷବେଳକୁ ଏହାର ଦ୍ୱିତୀୟ ଇନିଂସରେ ୬ଉଇକେଟ ବିନିମୟରେ ୨୪୪ ରନ କରିଛି। ବ୍ୟାଡ୍ଲାଇଟ୍ ଯୋଗୁ ରବିବାର ଖେଳ ଆଗୁଆ ଶେଷ ହୋଇଥିଲା। ପ୍ରଥମ ଇନିଂସରେ ୩୨୯ ରନ ପଛୁଆ ରହି ଫଲୋଅନ୍ ହୋଇଥିବା ୱେଷ୍ଟଇଣ୍ଡିଜ ଘରୋଇ ଦଳଠାରୁ ଆହୁରି ୮୫ରନ ପଛରେ ରହିଛି। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ୬୦ ରନ କରି ଅପରାଜିତ ରହିଛନ୍ତି। ଜାସନ ଏବଂ ଜୋସୁଆ ଡା'ସିଲ୍ଭା ୭ମ ଉଇକେଟରେ ଅପରାଜିତ ୭୪ରନ ଯୋଗ କରି ନ୍ୟୁଜିଲାଣ୍ଡ ବିଜୟରେ ବିଳମ୍ବ ଘଟାଇଛନ୍ତି।

# ଅଙ୍କିତାଙ୍କୁ ଆଇଟିଏଫ୍ ଡବଲ୍ସ ଟାଇଟଲ



ଟ୍ରଫି ସହ ଅଙ୍କିତା ରାଇନା ଓ ତାଙ୍କ ପାର୍ଟନର ଏକାଟରିନ୍ ଗୋର୍ଗଜ୍।

**ଦୁବାଇ, ୧୩।୧୨ (ପି.ଟି.):** ଭାରତୀୟ ଟପ୍ ଟେନିସ ଖେଳାଳି ଅଙ୍କିତା ରାଇନା ମହାମାରୀରେ ପ୍ରଭାବିତ ୨୦୨୦ ସିଜନରେ ତାଙ୍କର ତୃତୀୟ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଏକାଟରିନ୍ ଗୋର୍ଗଜ୍ଙ୍କ ସହିତ ସେ ଏଠାରେ ଅଲ୍ ହାବ୍ତୁର ଚ୍ୟାଲେଞ୍ଜ ପ୍ରତିଯୋଗିତା ଜିତିଛନ୍ତି। ଅଣସିଡ୍ ଇଣ୍ଡୋ-ଜର୍ଜିଆନ୍ ଯୋଡ଼ି ୧୦୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ହାର୍ଡକୋର୍ଟ ଇଭେଣ୍ଟର ଫାଇନାଲରେ ସ୍ୱେଡେନ୍ ଓ ସ୍ଲୋଭାକିଆନ ଯୋଡ଼ି ଆଲିଓନା ବୋଲସୋଭା ଜାଡୋଇନୋଭ୍ ଏବଂ କାଜା ଜୁଭାନଙ୍କୁ ୬-୩, ୩-୬, ୧୦-୬ରେ ହରାଇ ଦେଇଛନ୍ତି। ଅଙ୍କିତାଙ୍କ ପାଇଁ ଏହାଥିଲା ସିଜନର ୪ର୍ଥ ଫାଇନାଲ। ସେ ଜିତିଥିବା ଅନ୍ୟ ଦୁଇଟି ଟାଇଟଲର ପୁରସ୍କାର ରାଶି ୨୫,୦୦୦ ଆମେରିକୀୟ ଡଲାର ରହିଥିବାରୁ ଏଠାରେ ସେ ତୁଳନାରେ ବଡ଼ ଟ୍ରଫି ହାସଲ କରିଛନ୍ତି। ଚଳିତବର୍ଷ ଫେବୃୟାରୀରେ ଅଙ୍କିତା ତିନୋଟି ପ୍ରତିଯୋଗିତାରେ ଫାଇନାଲକୁ ଉନ୍ନୀତ ହୋଇଥିଲେ। ବିବିଏନ୍ ସ୍କୁଫ୍ସଙ୍କୁ ସାଥୀ କରି ନୋନ୍ଥାବୁରି (ଥାଇଲାଣ୍ଡ)ରେ କ୍ରମାଗତ ଦୁଇଟି ଟାଇଟଲ ଜିତିଥିବା ବେଳେ ନିଜ ଦେଶର ସ୍ନେହାଲ ମାନେଙ୍କୁ ସାଥୀ କରି ସେ ଯୋଧପୁରଠାରେ ରନର୍ସଅପ୍ ହୋଇଥିଲେ।

# ଆନ୍ତଃ ଜିଲା ସିନିୟର ପୁରୁଷ ଟି୨୦ ଲିଗ୍ ଆଜିଠୁ

**ଭୁବନେଶ୍ୱର,୧୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**




ଖବରଦାତା ସମ୍ମିଳନୀରେ ଓସିଏ କର୍ମକର୍ତ୍ତାଗଣ।

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆନ୍ତଃ ଜିଲା ସିନିୟର ପୁରୁଷ ଟି୨୦ ଲିଗ୍ ଡିସେମ୍ବର ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓସିଏର ଅନୁବନ୍ଧିତ ୟୁନିଟ୍ଗୁଡ଼ିକରୁ ମୋଟ୍ ୩୭ଟି ଦଳ ଏଥିରେ ଭାଗ ନେବେ। କୋଭିଡ୍-୧୯ ଗାଇଡ୍ଲାଇନ୍ ଅନୁସାରେ କଟକ ଓ ଭୁବନେଶ୍ୱରରେ ସବୁ ଦଳ ରହିବେ। କଟକ ଜୋନ୍ରେ ୧୯ ଓ ଭୁବନେଶ୍ୱର ଜୋନ୍ରେ ୧୮ ଦଳ ରହିବେ।

ଟି୨୦ ପର୍ଯ୍ୟାୟରେ ୩ଟି ଫର୍ମାଟ୍ରେ ଟୁର୍ନାମେଣ୍ଟ ଆୟୋଜନ ହେବ। ପ୍ରିଲିମିନାରୀ ଲିଗ୍ ପରେ ସୁପର ଲିଗ୍ ଓ ଶେଷରେ ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରିଲିମିନାରୀ ଲିଗ୍ରେ ଦଳଗୁଡ଼ିକୁ ୬ଟି ଗ୍ରୁପ୍ରେ ବିଭକ୍ତ କରାଯିବ। ତେବେ କେବଳ ଗୋଟିଏ ଗ୍ରୁପ୍ରେ ୭ଟି ଦଳ ସାମିଲ ହେବେ। ପ୍ରତ୍ୟେକ ଗ୍ରୁପ୍ର ଶ୍ରେଷ୍ଠ ଦଳ ଏପରି ୬ଟି ଦଳ ସୁପରଲିଗ୍କୁ ଉନ୍ନୀତ ହେବେ। ଏହି ୬ ଦଳକୁ ଦୁଇଟି ଗ୍ରୁପ୍ରେ ବିଭକ୍ତ କରାଯିବ। ଏହି ଦୁଇ ଗ୍ରୁପ୍ର ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିବେ।

୯୬ଟି ପ୍ରିଲିମିନାରୀ ଲିଗ୍ ମ୍ୟାଚ୍, ୬ଟି ସୁପର ଲିଗ୍ ଓ ଫାଇନାଲ ମ୍ୟାଚ୍ ସହ ମୋଟ୍ ୧୦୩ଟି ମ୍ୟାଚ ଖେଳାଯିବ। କଟକ ଓ ଭୁବନେଶ୍ୱରର ୯ଟି ଭେନ୍ୟୁରେ ମ୍ୟାଚ୍ଗୁଡ଼ିକ ଆୟୋଜନ ହେବ। ଏହି ଭେନ୍ୟୁଗୁଡ଼ିକ ହେଲା ବାରବାଟୀ, ଡ୍ରିମ୍ସ, ନିମପୁର, ବିଡ଼ାନାସୀ, ରେଭେନ୍ସା, କିଟ୍, ବିକାଶ, ସେଞ୍ଚୁରିଅନ ଓ ଟାଉନ୍ କ୍ଲବ। ଫାଇନାଲ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍ ତଳେ ଖେଳାଯିବ।

ମ୍ୟାଚ୍ଗୁଡ଼ିକର ସଫଳ ଆୟୋଜନ ପାଇଁ ୪୦ଜଣ ଅମ୍ପାୟର,

- ୩୭ ଦଳ, ୧୦୩ ମ୍ୟାଚ୍
- ବାରବାଟୀରେ ଫାଇନାଲ

୨୦ଜଣ ସ୍କୋରର, ୨୦ଜଣ ଭିଡିଓ ଆନାଲିଷ୍ଟଙ୍କୁ ଚୟନ କରାଯାଇଛି ବୋଲି ଆସୋସିଏଶନ ତରଫରୁ କୁହାଯାଇଛି। ଟୁର୍ନାମେଣ୍ଟ ଆୟୋଜନ ପାଇଁ ରହିବା ସ୍ଥାନ, ଗ୍ରାଉଣ୍ଡ ଓ ଯାତ୍ର ପାଇଁ ଜୈବ ସୁରକ୍ଷିତ ପରିବେଶ ତଥା ବାୟୋ ବବଲ୍ ସୃଷ୍ଟି କରାଯିବ। ସବୁ ଖେଳାଳିଙ୍କ ସମେତ ମ୍ୟାଚ ଓ ଓସିଏ ଅଫିସିଆଲଙ୍କ ଏଣ୍ଟ୍ରି ଓ ରହିବା ଅବସରରେ କୋଭିଡ୍ ଗାଇଡ୍ଲାଇନ ଅନୁଯାୟୀ ନିୟମିତ ଟେଷ୍ଟ କରାଯିବ। ଟୁର୍ନାମେଣ୍ଟ ପ୍ରଦର୍ଶନ ଭିତ୍ତିରେ ୮୪ ଜଣ ଖେଳାଳିଙ୍କୁ ଚୟନ କରାଯିବ ଓ ଏମାନେ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)୨୦୨୦-୨୧ରେ ଅଂଶଗ୍ରହଣ କରିବେ। ଏଥିସହିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ଆୟୋଜନ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟି୨୦ ଟ୍ରଫି ପାଇଁ ଶ୍ରେଷ୍ଠ ୪୦ଜଣ ଖେଳାଳିଙ୍କୁ ଏହି ଟୁର୍ନାମେଣ୍ଟ ମାଧ୍ୟମରେ ଚୟନ କରାଯିବ। ଏକ ମେଡିକାଲ କମିଟିକୁ ଦାୟିତ୍ୱ ଦିଆଯିବ। ଜରୁରୀ ସ୍ଥିତି ଉପୁଜିଲେ କଟକ ଓ ଭୁବନେଶ୍ୱରରେ ଦୁଇଟି ହସ୍ପିଟାଲ୍ର ସହାୟତା ନିଆଯିବ ବୋଲି ଓସିଏ ତରଫରୁ କୁହାଯାଇଛି।



ବଲିଉଡ୍ ଫିଲ୍ମ 'ରଇସ୍'ର ଅଭିନେତ୍ରୀ ମାହିରା ଖାନ୍ କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏହି ପାକିସ୍ତାନୀ ଅଭିନେତ୍ରୀ ନିଜକୁ ସଙ୍ଗରୋଧରେ ରଖିଥିବାବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କୋଭିଡ୍ ଟେଷ୍ଟ କରାଇନେବାକୁ ସେ ନିବେଦନ କରିଛନ୍ତି।

# ଟପ୍ ଟେନ୍‌ରେ ଭାରତ

**ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି କରୋନା ବିରୋଧୀ ଯୁଦ୍ଧ। ଅଦୃଶ୍ୟ ଭୂତାଣୁ ପାଇଁ ବର୍ଷେ ହେଲା ଘାଣ୍ଟି ହେଉଥିବା ପୃଥିବୀବାସୀଙ୍କ ପାଇଁ ଶେଷ ଭରସା ପାଲଟିଛି ଟିକା। ଯଦିଓ ପ୍ରତିଷେଧକ ପରୀକ୍ଷଣରେ ଶତପ୍ରତିଶତ ସଫଳତା ମିଳିନାହିଁ, ତଥାପି ଆଶା ହାରିନାହାନ୍ତି ଗବେଷକ। କେବଳ କରୋନା ନୁହେଁ, ସମାନ୍ତରାଳ ଭାବେ ଜଳବାୟୁ ପରିବର୍ତ୍ତନ ସହିତ ମଧ୍ୟ ଚାଲିଛି ଲଢ଼େଇ। ମାନବସଭ୍ୟତାକୁ ଧ୍ୱଂସାଭିମୁଖୀ କରୁଥିବା ଏହି ନୀରବ ବିପର୍ଯ୍ୟୟ କୋଭିଡ୍-୧୯ ଠାରୁ ବେଶି ଭୟଙ୍କର ବୋଲି ବୈଜ୍ଞାନିକମାନେ ମତ ଦେଲେଣି। ଏସବୁ ଭିତରେ କ୍ଲାଇମେଟ୍ ଚେଞ୍ଜ ପରଫର୍ମାନ୍ସ ଇଣ୍ଡେକ୍ସ-୨୦୨୧ ଜାରି କରାଯାଇଛି, ଯେଉଁଥିରେ ଭାରତ ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ରହିଛି।**



**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇରେ ଭାରତର ସୂଚକାଙ୍କ ଗୋଟିଏ ସ୍ଥାନ ଖସିଛି। ତେବେ ଦକ୍ଷିଣ ଏସିଆର ଏହି ବୃହତ୍ତମ ଦେଶ ନିଜକୁ ଟପ୍ ଟେନ୍ ଭିତରେ ସୁରକ୍ଷିତ ରଖିପାରିଛି। ଗତଥର ହୋଇଥିବା ସର୍ବେକ୍ଷଣରେ ଭାରତ ନବମ ସ୍ଥାନରେ ରହିଥିଲା। ଜଳବାୟୁ ପରିବର୍ତ୍ତନର କୁପରିଣାମକୁ ଠିକ୍ ଭାବେ ବୁଝିବା, ଏହାକୁ ରୋକିବା ଲାଗି ପଦକ୍ଷେପ ନେବା ଏବଂ ବିଶ୍ୱ ଫୋରମ୍‌ରେ ମୂଲ୍ୟବାନ ପରାମର୍ଶ ଦେବା ଆଦି କ୍ଷେତ୍ରରେ ଭାରତ ଆଗୁଆ। ବିଭିନ୍ନ ଦିଗ ଆଧାରରେ ଦେଶକୁ ଚଳିତବର୍ଷ ୬୩.୯୮ ସ୍କୋର ମିଳିଛି। ଗତବର୍ଷ ଏହା ୬୬.୦୨ ରହିଥିଲା। ଏହାସତ୍ତ୍ୱେ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଭାରତ ଟପ୍‌ଟେନ ଦେଶ ମଧ୍ୟରେ ସାମିଲ ହୋଇଛି।

ଜଳବାୟୁ ପରିବର୍ତ୍ତନ ରୋକିବାକୁ ୫ବର୍ଷ ତଳେ ହୋଇଥିଲା ପ୍ୟାରିସ୍ ଚୁକ୍ତି। ୨୦୩୦ ସୁଦ୍ଧା ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀରୁ ୨ ଡିଗ୍ରୀ କମାଇବାକୁ ଏଥିରେ ସାମୂହିକ ନିଷ୍ପତ୍ତି ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଲାଗି ବିଭିନ୍ନ କାରଣ ଦାୟୀ। ସବୁବେଳେ ଏଥିଲାଗି ଜନସଂଖ୍ୟା ବହୁଳ ଦେଶ ଉପରକୁ ଅଙ୍ଗୁଳି ଉଠୁଛି। ତେବେ ଏ ଦିଗରେ ଭାରତର ଭୂମିକା ଅତି ନଗଣ୍ୟ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ୪ ମାନକ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ (୪୦%), ରିନ୍ୟୁଏବଲ ଏନର୍ଜି (୨୦%), ଏନର୍ଜି ୟୁଜ୍ (୨୦%) ଏବଂ କ୍ଲାଇମେଟ୍ ନୀତି (୨୦%)କୁ ସାମିଲ କରାଯାଇଛି। ଏସବୁ ଆଧାରରେ ନମ୍ବର ଦିଆଯାଇଛି। ନବୀକରଣ ଶକ୍ତି ବା ରିନ୍ୟୁଏବଲ ଏନର୍ଜି ଉପରେ ଭାରତକୁ ଅଧିକ ଫୋକସ୍ କରିବାକୁ ପଡ଼ିବ ବୋଲି ଏଥିରେ ପରାମର୍ଶ ଦିଆଯାଇଛି। ସେହିପରି ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ବର୍ଗରେ ଭାରତକୁ ପ୍ରଶଂସା ମିଳିଛି। ସବୁଠାରୁ ବଡ଼ କଥା ପ୍ରଥମ ଥର ଲାଗି ଇଣ୍ଡେକ୍ସର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଖାଲିପଡ଼ିଛି। କୌଣସି ଦେଶ ଏହି ମାନକ ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ୪ର୍ଥରୁ ୯ମ ସ୍ଥାନ ଭିତରେ ଯଥାକ୍ରମେ ସ୍ୱିଡେନ, ୟୁକେ, ଡେନମାର୍କ, ମର୍କୋ, ନରୱେ, ଚିଲି ରହିଛନ୍ତି। ଅନ୍ୟପଟେ ଆମେରିକା, ସୌଦି ଆରବ, କାନାଡ଼ା, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ରୁଷିଆ ଭଳି ଦେଶ ନିଜକୁ ଶ୍ରେଷ୍ଠ ୧୦ ତାଲିକାରେ ସାମିଲ କରିପାରିନାହାନ୍ତି।

କରୋନା ଲକ୍‌ଡାଉନ ଯୋଗୁ ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ପୃଥିବୀର ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ୮.୮% ହ୍ରାସ ପାଇଥିଲା। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦେଶଗୁଡ଼ିକ ପକ୍ଷରୁ ନିଆଯାଉଥିବା ପ୍ରୟାସ ବିଷୟରେ ବିଶ୍ୱକୁ ଅବଗତ କରାଇବା କ୍ଲାଇମେଟ ଚେଞ୍ଜ ପରଫର୍ମାନ୍ସ ଇଣ୍ଡେକ୍ସର ପ୍ରମୁଖ ଉଦ୍ଦେଶ୍ୟ।

## ଜଳବାୟୁ ପରିବର୍ତ୍ତନ ମୁକାବିଲା

# ବେଳାଭୂମି ମାୟାରେ ଜାହ୍ନବୀ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ କିଏ ନ ଜାଣେ। ଦେଖିବାକୁ ଯେମିତି ସୁନ୍ଦରୀ ଅଭିନୟ ମଧ୍ୟ ସେତିକି ଦମ୍‌ଦାର। ଜାହ୍ନବୀ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ। ନିକଟରେ ଇନ୍‌ଷ୍ଟାରେ ସେ ଏକ ଫଟୋ ଏବଂ ଭିଡିଓ ପୋଷ୍ଟ କରିଛନ୍ତି। ଯାହାକୁ ତାଙ୍କ ଫ୍ୟାନ୍‌ମାନେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ସେ ଏହି ପୋଷ୍ଟରେ ସମୁଦ୍ର କୂଳରେ ବସି ଲହଡ଼ିକୁ ଉପଭୋଗ କରୁଥିବା ନଜର୍‌କୁ ଆସିଥିଲେ। ଜାହ୍ନବୀ ଏଥିରେ ଏକ ହ୍ୱାଇଟ୍ ପ୍ରିଣ୍ଟେଡ୍ ସାଲୱାର ପିନ୍ଧିଛନ୍ତି। ଏହାର କ୍ୟାପସନ୍‌ରେ ଲେଖିଛନ୍ତି 'ଦ ବିଚ୍ ଇଜ୍ ଫନ୍'। ଜାହ୍ନବୀ କହିଛନ୍ତି ଯେ, ଲାଇଫ୍‌ରେ ଯେତେ ଟେନ୍‌ସନ୍ ଥାଏ। ତାହା ମୁଁ ଏହି ବିଚ୍‌କୁ ଆସିଲେ ଭୁଲିଯାଏ। ଏହାପୂର୍ବରୁ ମଧ୍ୟ ସେ ତାଙ୍କର କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରିଥିଲେ। ଯାହାକୁ ଦେଖି ଫ୍ୟାନ୍‌ମାନେ ପାଗଳ ହୋଇଯାଇଥିଲେ। ସବୁବେଳେ ଇନ୍‌ଷ୍ଟାରେ କିଛି ନା କିଛି ଶେୟାର କରି ଫ୍ୟାନ୍‌ମାନଙ୍କ ସହିତ କନେକ୍ଟ ରହିଥାନ୍ତି। ତାଙ୍କ ସାନ ଭଉଣୀ ଖୁସି କପୁରଙ୍କ ସହ ମଧ୍ୟ ବହୁତ ସାରା ଡ୍ୟାନ୍ସ ଭିଡିଓ ପୋଷ୍ଟ କରିଛନ୍ତି। ଏହାମଧ୍ୟ ଖୁବ୍ ଭାଇରାଲ ହୋଇଛି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ନିକଟରେ 'ଗୁଞ୍ଜନ ସକ୍ସେନା: ଦ କାରଗିଲ ଗାର୍ଲ' ରିଲିଜ୍ ହୋଇଥିଲା। ଏଥିରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଆଗକୁ 'ରୁହିଆଫ୍‌ଜା', 'ତଖତ୍' ଏବଂ 'ଦୋସ୍ତାନା-୨' ଫିଲ୍ମରେ ଜାହ୍ନବୀ ନଜର୍ ଆସିବେ।

# ଖାଦ୍ୟ ବାଣ୍ଟୁଛନ୍ତି ୪ ବର୍ଷର ଶିଶୁ



**ନୂଆଦିଲ୍ଲୀ:** ପ୍ରାୟ ୧୦ ଦିନରୁ ଅଧିକ ହେଲାଣି ଦିଲ୍ଲୀରେ ଚାଷୀମାନେ ଆନ୍ଦୋଳନ ଚଳାଇଛନ୍ତି। ଚାଷୀମାନଙ୍କ ସୁବିଧା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ଯୋଗଯାଉଥିବାବେଳେ ଏହି କାମପାଇଁ ଆଗେଇ ଆସିଛନ୍ତି ଜଣେ ୪ ବର୍ଷର ଶିଶୁ ରେହାନ। ବାପାଙ୍କ ସହ ଆନ୍ଦୋଳନସ୍ଥଳକୁ ଆସି ସେ ବିସ୍କୁଟ ଆଉ କଦଳୀ ଚାଷୀଙ୍କୁ ଖାଇବାକୁ ଦେଉଛି। ରେହାନ। ରେହାନଙ୍କ ବାପା ମେହତାବ ଆଲାମ କହନ୍ତି, ସେ ନିଜେ ଜଣେ ଚାଷୀ ହୋଇଥିବାରୁ ଚାଷୀମାନଙ୍କ ଦୁଃଖ ବୁଝିପାରୁଛନ୍ତି। ଆନ୍ଦୋଳନ ସମୟରେ ବିଭିନ୍ନ ପ୍ରକାରର ଅସୁବିଧା ମଧ୍ୟରୁ କିଛିଟା ସମାଧାନ କରିବା ନିମନ୍ତେ ସେ ସ୍ନାକ୍ସ ବାଣ୍ଟିବାକୁ ଆସିଥାନ୍ତି। ତେବେ ତାଙ୍କ ସହିତ ତାଙ୍କ ପୁଅ ରେହାନ ମଧ୍ୟ ଏହି କାମ କରିବା ପାଇଁ ଆଗ୍ରହ ଦେଖାଇଥିଲା। ସେଥିପାଇଁ ରେହାନ ପ୍ରତିଦିନ ଚାଷୀମାନଙ୍କୁ ବିସ୍କୁଟ ଓ ଫଳ ବାଣ୍ଟିବା ପାଇଁ ସାଙ୍ଗରେ ଆସୁଛି।

# ୨ ହଜାର ବର୍ଷର ମୁଦ୍ରା



**ମୌଉ(ଉତ୍ତର ପ୍ରଦେଶ):** ଉତ୍ତର ପ୍ରଦେଶ ମୌଉ ଜିଲାର ମୋହମ୍ମଦାବାଦ ଅଞ୍ଚଳରୁ ୨ହଜାର ବର୍ଷର ପୁରୁଣା ଧାତବ ମୁଦ୍ରା ଉଦ୍ଧାର କରାଯାଇଛି। ଗ୍ରାମବାସୀ ମାଟି ଖୋଳିବା ସମୟରେ ବିଭିନ୍ନ ଧାତୁର ୧୨୮ଟି ଏଭଳି ମୁଦ୍ରା ପାଇଥିବା ଜଣାପଡ଼ିଛି। ଏହା ବ୍ୟତୀତ ଭାଙ୍ଗିଯାଇଥିବା ମୂର୍ତ୍ତି ଏବଂ ବାସନର ଅବଶେଷ ମଧ୍ୟ ମିଳିଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଜିଲା ପ୍ରଶାସନ ଏସବୁ ନିଜ ଅକ୍ତିଆରକୁ ନେବା ସହ ଯାଞ୍ଚ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ପଠାଇଛି। ସୂଚନା ଅନୁଯାୟୀ, ମୁଦ୍ରାଗୁଡ଼ିକ ପ୍ରାୟ ୧୫ଶହରୁ ୨ହଜାର ବର୍ଷ ପୁରୁଣା ହୋଇଥିବା ଅନୁମାନ କରାଯାଉଛି। ଏହି ସମସ୍ତ ଜିନିଷ ମିଳିଥିବା ସ୍ଥାନକୁ ମଧ୍ୟ ପ୍ରଶାସନ ସିଲ୍ କରିଛି।
















































# ସ୍ମରଣ ଶକ୍ତି ବଢ଼ାଏ ଅଣ୍ଡା

ସ୍ମରଣ ଶକ୍ତି ବଢ଼ାଇବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଏହାର ସରଳ ତଥା ସହଜ ଉପାୟ ରହିଛି, ପୁଣି ହାତ ପାଆନ୍ତାରେ । ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଣ୍ଡା ଖାଆନ୍ତି, ତେବେ ତାହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ । ନିକଟରେ 'ସ୍ମରଣ ଶକ୍ତି ବଢ଼ାଇବାରେ ଅଣ୍ଡାର ଭୂମିକା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ ଗୋଟିଏ ଲେଖାଏଁ ଅଣ୍ଡା ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଆହୁରି ସକ୍ରିୟ ହେଉଥିବାର ଲକ୍ଷ୍ୟ କରାଯାଇଥିଲା । ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେକ୍ସାଥିନ୍ ନାମକ ଦୁଇଟି ତତ୍ତ୍ୱ ରହିଛି, ଯାହା ସ୍ମରଣ ଶକ୍ତିକୁ ଆହୁରି ସକ୍ରିୟ କରିଥାଏ ।





# ଆଣ୍ଟିବାୟୋଟିକର ସାଇଡ୍ ଇଫେକ୍ଟ ପାଇଁ ଔଷଧ

କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ତାହାର ଲକ୍ଷଣକୁ ଅନୁଧ୍ୟାନ କରି ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ ଖାଇବାକୁ ପରାମର୍ଶ ଦେଇଥାଆନ୍ତି । ତେବେ କେତେକ ଆଣ୍ଟିବାୟୋଟିକର ସାଇଡ୍ ଇଫେକ୍ଟ ଦେଖିବାକୁ ମିଳିଥାଏ । ନିକଟରେ ହଲାଣ୍ଡର ବୈଜ୍ଞାନିକମାନେ ଏପରି ଏକ ଔଷଧ ପ୍ରସ୍ତୁତ କରିଛନ୍ତି, ଯାହା ଆଣ୍ଟିବାୟୋଟିକର ସାଇଡ୍ ଇଫେକ୍ଟକୁ ପ୍ରତିହତ କରିବାରେ ସକ୍ଷମ ହେବ । କେତେକ ଆଣ୍ଟିବାୟୋଟିକ ଆମ ଶରୀରରେ ଥିବା କିଛି ସୁସ୍ଥ ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ । ହେଲେ ସାଇଡ୍ ଇଫେକ୍ଟଯୁକ୍ତ ଆଣ୍ଟିବାୟୋଟିକ ସହ ଏହି ଔଷଧକୁ ସେବନ କଲେ ଉକ୍ତ ସୁସ୍ଥ ବ୍ୟାକ୍ଟେରିଆକୁ ସୁରକ୍ଷିତ ରଖିଥାଏ । ତା'ସହ ଶରୀର ଭିତରେ ଥିବା କ୍ଷତିକାରକ କୀଟାଣୁଗୁଡିକୁ ନଷ୍ଟ କରିଦିଏ । ତେବେ ଏପରି ନୂତନ ଔଷଧକୁ ନେଇ ଅଧିକ ତର୍ଜମା ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଏହି ଔଷଧ ବଜାରରେ ଉପଲବ୍ଧ ହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ସ୍ୱାସ୍ଥ୍ୟୋପକାରୀ ଭିଟାମିନ୍ 'ସି'

ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । କେତେକ ବ୍ୟାୟାମ କରିବା ସମୟରେ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ହେଲେ ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ସେ ଏପରି ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିଥାଆନ୍ତି । ପରୀକ୍ଷାସ୍ୱରୂପ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରିବାକୁ ପରାମର୍ଶ ଦିଆଯାଇଥିଲା । ଏପରି ଖାଦ୍ୟ ଖାଇବା ପରେ ସେମାନେ ବ୍ୟାୟାମ କରିବା ସମୟରେ ପ୍ରାୟ ଶ୍ୱାସକ୍ରିୟାଜନିତ ସମସ୍ୟାର ସାମନା କରି ନ ଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଭିଟାମିନ୍ 'ସି' ଏକ ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ । ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ଭିଟାମିନ୍ 'ସି' । ଏହା ସହ ରକ୍ତରେ ୟୁରିକ୍ ଏସିଡ୍ ସ୍ତରକୁ ସନ୍ତୁଳିତ ରଖିଥାଏ । ଆମ ଶରୀରରେ ଆଇରନ୍ ପରିମାଣକୁ ଅନେକାଂଶରେ ମଧ୍ୟ ପୂରଣ କରିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏ । ଅମୃତଭଣ୍ଡା, ପିଜୁଳି, ଲେମ୍ବୁ, ବ୍ରକୋଲି, ଲିଚି, ଷ୍ଟ୍ରବେରୀ ଏବଂ କମଳାରେ ଭିଟାମିନ୍ 'ସି' ଭରିରହିଛି ।

# ମାନସିକ ଦୁଶ୍ଚିନ୍ତା



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ପୃଥିବୀ ସୃଷ୍ଟି କାଳରୁ ମନୁଷ୍ୟ ପ୍ରକୃତି କୋଳରେ ବସବାସ କରି ଆସୁଛି । ବର୍ଷର ଋତୁ ଅନୁସାରେ ଜଳବାୟୁ ବଦଳିବା ସହ ମନୁଷ୍ୟର ଖାଦ୍ୟପେୟ ଚାଲିଚଳଣି ବି ବଦଳି ଥାଏ । ସେହିପରି ଶାରୀରିକ ସ୍ତରରେ ମଧ୍ୟ ଭିନ୍ନ ଭିନ୍ନ ରୋଗ ଦେଖାଯାଇଥାଏ । ପୃଥିବୀ ପୃଷ୍ଠରେ ବସବାସ କରୁଥିବା ଜୀବଜନ୍ତୁ, କୀଟପତଙ୍ଗଠାରୁ ବିଶାଳକାୟ ପ୍ରାଣୀ ହସ୍ତୀ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ମନୁଷ୍ୟ ବୁଦ୍ଧିମାନ, କିନ୍ତୁ ମନୁଷ୍ୟ ନିଜର ବାସ୍ତବ ଭାବନାଠାରୁ ନିଜକୁ ଦୂରେଇ ରଖି ନିଜର ମନ ମୁତାବକ ସୁଖ, ସ୍ୱାଚ୍ଛନ୍ଦ୍ୟ, ଲୋଭ, ମୋହ ଏବଂ ମନର ଇଚ୍ଛାକୁ ପୂରଣ ନିମନ୍ତେ ସର୍ବଦା ଉଦ୍ୟମ କରି ଚାଲିଥାଏ । ଯେତେବେଳେ ମନୁଷ୍ୟର ମନ ମୁତାବକ ଆଶା, ଆକାଂକ୍ଷା, ସୁଖ, ସ୍ୱାଚ୍ଛନ୍ଦ୍ୟ ତଥା ଆବଶ୍ୟକୀୟ ସୁବିଧା ସୁଯୋଗ ପୂରଣ ହୋଇ ନ ପାରି ବ୍ୟତିକ୍ରମ ହୋଇ ଥାଏ, ସେତେବେଳେ ମନୁଷ୍ୟ ମନରେ ଆରମ୍ଭ ହୁଏ କ୍ରୋଧ, ହିଂସା, ଦୁଃଖ, କ୍ଳେଶ, ଯନ୍ତ୍ରଣା, ଈର୍ଷା, ଏଥିସହ ମନୁଷ୍ୟ ମନ ଚିନ୍ତାମଗ୍ନ ହୋଇ କ୍ରମଶଃ ଚିନ୍ତାରୁ ପରବର୍ତ୍ତୀ ଅବସ୍ଥାରେ ଏହା ଦୁଶ୍ଚିନ୍ତାରେ ପରିଣତ ହୋଇଥାଏ । ମନୁଷ୍ୟ ସାଧାରଣତଃ ଜଟିଳ ସ୍ୱାସ୍ଥ୍ୟଜନିତ ରୋଗରେ ଯନ୍ତ୍ରଣା ଭୋଗ କରିବା, ନିକଟ ପ୍ରିୟଜନଙ୍କୁ ହରାଇବା, ପ୍ରେମ ବ୍ୟାପାରରେ ବିଫଳତା, ଦାମ୍ପତ୍ୟ ଜୀବନରେ ବିଫଳତା, ବ୍ୟବସାୟ, ଉଚ୍ଚ ଶିକ୍ଷା ଲାଭ, ଚାକିରି, ପଦପଦବୀ ପାଇବା ଆଶାରେ ବିଫଳ ହେଲେ ଏହା ମନକୁ ଭାରାକ୍ରାନ୍ତ କରି ବିଭିନ୍ନ ବିଷୟକୁ ନେଇ ମନରେ ଚିନ୍ତା ଆସିଥାଏ । ଏହି ଚିନ୍ତା ଦୀର୍ଘ ସମୟ ଧରି ମନରେ ବସା ବାନ୍ଧି ରହିଲେ ତାହା କ୍ରମଶଃ ଦୁଶ୍ଚିନ୍ତାରେ ପରିଣତ ହୋଇ ମାନସିକ ଓ ଶାରୀରିକ ବ୍ୟାଧି ରୂପେ ଦେଖାଯାଇଥାଏ । ଆୟୁର୍ବେଦ ଶାସ୍ତ୍ର ମତରେ 'ଧର୍ମାର୍ଥ କାମ ମୋକ୍ଷଣାଂ ମୂଳମୁକ୍ତଂ କଳେବରଂ' ଅର୍ଥାତ୍ ମନୁଷ୍ୟ ଜୀବନର ଲକ୍ଷ୍ୟ ହେଲା ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁର୍ବିଧ ପୁରୁଷାର୍ଥ ପ୍ରାପ୍ତି ସହ ସ୍ୱାସ୍ଥ୍ୟ ଆରୋଗ୍ୟ ରହିବା । କିନ୍ତୁ ଆଜିର ମନୁଷ୍ୟ ଆଧୁନିକତାର ଛାପରେ କବଳିତ ହୋଇ ଆମର ପାରମ୍ପରିକ ଲୋକଶାସ୍ତ୍ର, ଐତିହ୍ୟ, ସଂସ୍କୃତି ଓ ପରମ୍ପରା, ସାମାଜିକ ରୀତିନୀତି ଦୈନନ୍ଦିନ ଖାଦ୍ୟ ପାନୀୟ ଶୈଳୀ, ଆଧ୍ୟାତ୍ମିକ ଚିନ୍ତାଧାରା ସହ ଧର୍ମ, ନ୍ୟାୟ, ସତ୍ୟମାର୍ଗଠାରୁ ବେଳେ ବେଳେ ନିଜକୁ ଦୂରେଇ ରଖିବା ପାଇଁ ପସନ୍ଦ କରି ବିଭିନ୍ନ ଦୁର୍ଗୁଣ ଚିନ୍ତାଧାରା କାର୍ଯ୍ୟ କରୁଛି । ଏହାର ଫଳ ସ୍ୱରୂପ ମନୁଷ୍ୟ ମନରେ ଚିନ୍ତା ଜାଗ୍ରତ ହୋଇ ତାହା ଦୁଶ୍ଚିନ୍ତାରେ ରୂପାନ୍ତରିତ ହୋଇ ଶରୀରରେ ବିଭିନ୍ନ ମାନସିକ ରୋଗ ସହ ଶାରୀରିକ ରୋଗ ମଧ୍ୟ ହେବାର ଯଥେଷ୍ଟ ଆଶଙ୍କା ରହୁଛି ।

ଦୁଶ୍ଚିନ୍ତା ମନ ଭିତରେ ବହୁଦିନ ଧରି ବସା ବାନ୍ଧିରହିବା ଦ୍ୱାରା ମନ ଭାରାକ୍ରାନ୍ତ ହୋଇ ତାହା ମାନସିକ ତଥା ଶାରୀରିକ ସ୍ତରରେ ପ୍ରଭାବ ପକାଇ ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ, ଶ୍ୱାସ, ଅଜୀର୍ଣ୍ଣ, ମୁଣ୍ଡ ବ୍ୟଥା, ଅନିଦ୍ରା ସହ ଶରୀର କ୍ଳାନ୍ତି ଆଦି ବିଭିନ୍ନ ରୋଗ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଥାଏ । ଆମ ମନରେ କୌଣସି ଘଟଣା କିମ୍ବା ଦୁର୍ଘଟଣା ନେଇ ଅତ୍ୟଧିକ ଚିନ୍ତା କରିବା, କୌଣସି ଅତ୍ୟନ୍ତ ଦୁଃଖ କଥାରେ ମ୍ରିୟମାଣ ହୋଇ ଭାଙ୍ଗିପଡିବା ଦ୍ୱାରା ମନର ଦୁଶ୍ଚିନ୍ତା ମାନସିକ ସ୍ତରରେ ତାହାର ପ୍ରଭାବ ସୀମିତ ନ ରଖି ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇ ଥାଏ । ଆମେ ଯଦି କୌଣସି ଗଭୀର ଦୁଃଖଦ ଖବର ଶୁଣିବା, ଜୀବନ ପ୍ରତି ବିପଦର ଆଶଙ୍କା, ନିଜର ସମ୍ମାନ ହାନି ହୋଇ ଅପମାନିତ ବୋଧ କରିବା ପରି ଘଟଣା ହେଉ କିମ୍ବା କୌଣସି ଘଟଣାକୁ ନେଇ ମନରେ ଅତ୍ୟନ୍ତ କ୍ରୋଧ (ରାଗ)ସୃଷ୍ଟି ହେବା ଦ୍ୱାରା ଏହା ମନ ଉପରେ ଗଭୀର ଚାପ ସୃଷ୍ଟି ହୋଇ ଶରୀର ପ୍ରକମ୍ପିତ ହେବା, ନିଃଶ୍ୱାସ ପ୍ରଶ୍ୱାସରେ ପ୍ରଖରତା ଆସି ହୃଦ୍‌ସ୍ପନ୍ଦନ ବୃଦ୍ଧି ସହ ନାଡୀର ବେଗ ବୃଦ୍ଧି ପାଇଥାଏ, କଣ୍ଠ ପ୍ରଦେଶ ଶୁଷ୍କ ଅନୁଭବ ହେବା, ଶରୀରରୁ ଝାଳ ନିର୍ଗତ ହେବା ଆଦି ଲକ୍ଷଣ ଦେଖାଯାଏ । ମନୁଷ୍ୟର ମନ ବିଗିଡି ଗଲେ ସ୍ୱଭାବରେ ମଧ୍ୟ ପରିବର୍ତ୍ତନ ଦେଖାଯାଏ । ଅସଂଯମ, ଅସତ୍ୟ, ଅଭିମାନ, ଈର୍ଷା, ଦମ୍ଭ, କ୍ରୋଧ, ହିଂସା, ଛଳନା, କପଟ ଆଦି ଦୁର୍ଗୁଣ ସ୍ୱଭାବ ଅଟେ । ଦୈନନ୍ଦିନ ଜୀବନରେ ଏସବୁ ଦୁର୍ଗୁଣକୁ ଆଦରି ନେବା ଦ୍ୱାରା ମନରେ ଏହାର ପ୍ରତିକୂଳ ପ୍ରଭାବ ପଡି ମାନସିକ ଓ ଶାରୀରିକ ସ୍ତରରେ ବିଭିନ୍ନ ରୋଗ ଦେଖାଦେବାର ଆଶଙ୍କା ଥାଏ ।



**ଦୁଶ୍ଚିନ୍ତା ମନ ଭିତରେ ବହୁ ଦିନ ଧରି ବସା ବାନ୍ଧି ରହିବା ଦ୍ୱାରା ମନ ଭାରାକ୍ରାନ୍ତ ହୋଇ ତାହା ମାନସିକ ତଥା ଶାରୀରିକ ସ୍ତରରେ ପ୍ରଭାବ ପକାଇ ଉଚ୍ଚ ରକ୍ତଚାପ, ମଧୁମେହ, ହୃଦରୋଗ, ଶ୍ୱାସ, ଅଜୀର୍ଣ୍ଣ, ମୁଣ୍ଡ ବ୍ୟଥା, ଅନିଦ୍ରା ସହ ଶରୀର କ୍ଳାନ୍ତି ଆଦି ବିଭିନ୍ନ ରୋଗ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଥାଏ ...**

ଦୀର୍ଘ ସମୟ ମନରେ ଦୁଶ୍ଚିନ୍ତା ଲାଗି ରହିଲେ ଶରୀରରେ ଅନ୍ତଃସ୍ରାବୀ ରସ 'ଆଡ୍ରେନାଲିନ' ନାମକ ଏକ ରସ ଝରିଥାଏ । ଶରୀରରେ ଏହି ରସ କ୍ଷରିତ ହେତୁ ଉଚ୍ଚ ରକ୍ତଚାପ ସୃଷ୍ଟି ହେବା ସହ ରକ୍ତରେ ଶର୍କରାର ପରିମାଣ ବୃଦ୍ଧି କରାଇଥାଏ। ମନୁଷ୍ୟର ବିଗିଡି ଯାଇଥିବା ମନରେ ନିଜର ଇଚ୍ଛା କରୁଥିବା କାର୍ଯ୍ୟ ମନ ମୁତାବକ ପୂରଣ ନ ହେବା ଦ୍ୱାରା କ୍ରୋଧ ଉତ୍ପନ୍ନ ହୋଇଥାଏ । କ୍ରୋଧ ହେତୁ ମସ୍ତିଷ୍କ ଉପରେ ଏହା ଚାପ ସୃଷ୍ଟି କରାଇଥାଏ । ଆମେ କ୍ରୋଧାନ୍ୱିତ ହେବା ହେତୁ ଶରୀରର ବହୁମୂଲ୍ୟ ତଥା ସର୍ବ ଶ୍ରେଷ୍ଠ ଉପାଦାନ, 'ଓଜ' ଶକ୍ତି, ବହୁ ମାତ୍ରାରେ ଉପଯୋଗ ହୋଇଥାଏ । ମନୁଷ୍ୟ ଶରୀରରେ 'ଓଜ' ସର୍ବଶ୍ରେଷ୍ଠ ଧାତୁ ଅଟେ, ଆୟୁର୍ବେଦ ଶାସ୍ତ୍ର ମତରେ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି (Immunity power)ଅଟେ, ଆମେ ରାଗିବା ହେତୁ ଏହି 'ଓଜ' ନଷ୍ଟ ହୋଇ ଶରୀରରେ ଜୀବନୀୟ ଶକ୍ତି ହ୍ରାସ ହୋଇଥାଏ, ଯାହାଦ୍ୱାରା ମସ୍ତିଷ୍କର ଜ୍ଞାନ ତନ୍ତୁ କ୍ରମଶଃ ଦୁର୍ବଳ ହୋଇଯାଏ । ଏହାଦ୍ୱାରା ମନୁଷ୍ୟ ବୁଦ୍ଧି ବଳ ହରାଇ ଅନ୍ୟର କ୍ଷତି ଘଟାଇବା ସହ ନିଜର ବି କ୍ଷତି ଘଟାଇଥାଏ । ମନୁଷ୍ୟର କ୍ରୋଧ ଓ ଅଭିମାନରୁ ହିଂସା ପ୍ରକୃତି ଉତ୍ପନ୍ନ ହୋଇଥାଏ । ଆମେ ଅନ୍ୟର ଦୁଃଖ ଦେଖି, ହୃଦୟ ଏକଦମ ନରମ (କୋମଳ) ହୋଇଯିବା କିମ୍ବା ଦୁଃଖକୁ ସାମ୍ନା କରି କଠୋରତା ହେବା ହିଁ ସତ୍ୟ ତଥା ବାସ୍ତବିକ ସ୍ଥିତିର ଏହା ସ୍ୱାଭାବିକ ଲକ୍ଷଣ ଅଟେ । ହେଲେ ହିଂସା ଆଚରଣ କରୁଥିବା ମନୁଷ୍ୟର ଏହି ଗୁଣ ନଷ୍ଟ ହୋଇ ଫଳ ସ୍ୱରୂପ ଅନ୍ୟକୁ ଦୁଃଖ ଦେଇ ନିଜେ ଦୁଃଖ ଭୋଗ କରିଥାଏ । ଏ ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ, ସତ୍ୟ, ଧର୍ମ, ନ୍ୟାୟ ସହ ସକାରାତ୍ମକ ଚିନ୍ତାଧାରାକୁ ପାଥେୟ କରି ଦୈନନ୍ଦିନ ଜୀବନ ଅତିବାହିତ କରିବା ଦ୍ୱାରା ଆମେ ଜୀବନରେ ମାନସିକ ଶାନ୍ତି ପାଇବା ସହ ବିଭିନ୍ନ ମାନସିକ ଓ ଶାରୀରିକ ରୋଗରୁ ଦୂରେଇ ରହି ଶାନ୍ତିରେ ଜୀବନ ଅତିବାହିତ କରିପାରିବା ।



-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ମଙ୍ଗଳ ଗ୍ରହ : କିଛି କଥା



ମଙ୍ଗଳ ଗ୍ରହକୁ ଲୋହିତ ଗ୍ରହ ମଧ୍ୟ କୁହାଯାଏ । ପୃଥିବୀ ସଦୃଶ ଏହି ଗ୍ରହର ଅକ୍ଷ ୨୩.୫ ଡିଗ୍ରୀ କୋଣରେ ଢଳି କରି ରହିଛି । ଏହି ଗ୍ରହ ନିଜ ଅକ୍ଷ ଚାରିପଟେ ଥରେ ଘୂରି ଆସିବା ପାଇଁ ୨୪ ଘଣ୍ଟା ୩୯ ମିନିଟ୍ ୩୫ ସେକେଣ୍ଡ ସମୟ ନେଇଥାଏ, ଯାହା ପୃଥିବୀର ଦୈନିକ ଘୂର୍ଣ୍ଣନକାଳ ସଙ୍ଗେ ପ୍ରାୟ ସମାନ । ଫଳରେ ମଙ୍ଗଳରେ ପ୍ରତି ୧୨ ଘଣ୍ଟା ଅନ୍ତରାଳରେ ଦିନ ଓ ରାତିର ପରିବର୍ତ୍ତନ ଘଟିଥାଏ । ମଙ୍ଗଳର ପୃଥିବୀ ଭଳି ଏକ ବାୟୁମଣ୍ଡଳ ଅଛି । ଏହି ବାୟୁମଣ୍ଡଳ ଅତି ପତଳା । ପୃଥିବୀ ଭଳି ମଙ୍ଗଳର ଦୁଇ ମେରୁରେ ପ୍ରଚୁର ଜଳ ବରଫ ଆକାରରେ ଗଚ୍ଛିତ ଅଛି । ମଙ୍ଗଳର ଦୁଇଟି ଛୋଟ ଚନ୍ଦ୍ର ରହିଛି ଯଥା ଡିମସ୍ ଓ ଫୋବସ୍ । ଫୋବସ୍ ଆକାରରେ ବଡ଼ ; ଏହାର ବିସ୍ତୃତି ଅତିବେଶିରେ ୨୭ କିଲୋମିଟର ଏବଂ ଏହା ଗ୍ରହଠାରୁ ୫୯୮୯ କି.ମି. ଊର୍ଦ୍ଧ୍ୱରେ ରହି ଗ୍ରହକୁ ପରିକ୍ରମା କରିଥାଏ । ମଙ୍ଗଳ ଚାରିପଟେ ଥରେ ପରିକ୍ରମା କରିବା ପାଇଁ ଫୋବସ୍‌କୁ ୭ ଘଣ୍ଟା ୩୯ ମିନିଟ୍ ସମୟ ଲାଗିଥାଏ । ସେହିପରି ଡିମସ୍‌ର ସର୍ବାଧିକ ବିସ୍ତୃତି ୧୫ କି.ମି. ଏବଂ ଏହା ଗ୍ରହଠାରୁ ୨୩,୪୬୦ କି.ମି. ଊର୍ଦ୍ଧ୍ୱରେ ରହି ଗ୍ରହକୁ ପ୍ରତି ୩୦ ଘଣ୍ଟାରେ ଥରେ ପରିକ୍ରମା କରିଥାଏ ।

ଏ ପର୍ଯ୍ୟନ୍ତ ମନୁଷ୍ୟ ମଙ୍ଗଳ ଗ୍ରହକୁ ସମୁଦାୟ ୧୮ଟି ଅନ୍ତରୀକ୍ଷ ଅଭିଯାନ ପ୍ରେରଣ କରିଛି, ଯାହାମଧ୍ୟରୁ କେବଳ ୯ଟି ଅଭିଯାନ ସୁରକ୍ଷିତ ରୂପେ ଗ୍ରହର ପୃଷ୍ଠ ଉପରେ ଅବତରଣ କରିଛି । ଆଗାମୀ ୨୦୩୦ ମସିହା ସୁଦ୍ଧା ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା ନାସା ମଙ୍ଗଳକୁ ଏକ ମାନବସ୍ଥିତ ଅଭିଯାନ ପ୍ରେରଣ କରିବା ପାଇଁ ଆଶା ବାନ୍ଧିଛି । ନାସାର ଏହି ଉଦ୍ୟମ ସଫଳ ହେଲେ ଆଗାମୀ ୨୦୩୦ରୁ ୨୦୪୦ ମସିହା ମଧ୍ୟରେ ପୃଥିବୀର ପ୍ରଥମ ମନୁଷ୍ୟ ମଙ୍ଗଳ ପୃଷ୍ଠରେ ପଦାର୍ପଣ କରିବ ବୋଲି ଆଶା କରାଯାଏ ।



# ପାଚନ କ୍ରିୟାକୁ ସକ୍ରିୟ କରେ ମହୁ

ମହୁ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ସାବ୍ୟସ୍ତ ହୋଇଥାଏ ତାହା କହିବା ବାହୁଲ୍ୟ । ଏହି ତାଲିକାରେ ନିକଟରେ ଆଉ ଏକ ଜିନିଷକୁ ସାମିଲ କରାଯାଇଛି । ମହୁର ଉପକାରୀ ଗୁଣ ବିଷୟରେ ତର୍ଜମା କରି ୟୁନିଭର୍ସିଟି ଅଫ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ଏକ ନୂଆ କଥା ଜାଣିପାରିଛନ୍ତି । ନିୟମିତ କିଛି ମହୁ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ଏପରି ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ସେମାନଙ୍କୁ ସେମାନଙ୍କର ଖାଦ୍ୟ ତାଲିକାରେ ମହୁ ସାମିଲ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ପାଚନକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ସ୍ୱାସ୍ଥ୍ୟ ସୂଚନା

- ଏପରି କିଛି ରୋଗ ଅଛି ଯାହାର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ଆପଣ ତାହାର ଘରୋଇ ଉପଚାର କରିପାରିବେ । ତେବେ ଏହାପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ ।
- କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କୁ ସେହି ରୋଗ ବିଷୟରେ ନକାରାତ୍ମକ କଥା କୁହନ୍ତୁ ନାହିଁ । କାରଣ ଏହାର ପ୍ରଭାବ ତାଙ୍କର ମାନସିକତା ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି ।
- ଘରେ ରଖିଥିବା ଫାଷ୍ଟ ଏଡ୍ ବକ୍ସରେ ଆବଶ୍ୟକୀୟ ଜିନିଷ ଅଛି କି ନାହିଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଦେଖି ନିଅନ୍ତୁ ।
- କେତେକ ବ୍ୟକ୍ତି କୌଣସି ରୋଗର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ତାହାକୁ ଗୁରୁତ୍ୱ ଦେଇ ନ ଥାନ୍ତି । ହେଲେ ଏପରି କଥା ଜାଣିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁସାର ଚିକିତ୍ସିତ ହୁଅନ୍ତୁ ।
- ନିଜ ଶରୀରର ଓଜନ ସବୁବେଳେ ନିୟନ୍ତ୍ରିତ ରଖନ୍ତୁ । ଏଥିପାଇଁ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ ।
- ରାତ୍ରଭୋଜନରେ ହାଲକା ଖାଦ୍ୟ ସାମିଲ କରନ୍ତୁ । ଗୁରୁପାକ ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ନ ଖାଇବା ଭଲ । କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ ।
- ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ ।
- କମ୍ପ୍ୟୁଟର ସାମନାରେ ବସି କାମ କରିବା ବେଳେ ନିୟମିତ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା । ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ନାମୀଦାମୀ ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲା। କାରଣ ମୋ ଭଉଣୀ ମଧ୍ୟ 'ସଚ୍ଚୀ ସହେଲୀ'ର ରେଜଲ୍ଟ ସହ ପରିଚିତ ଥିଲା। ତା' କହିବା ଅନୁସାରେ 'ସଚ୍ଚୀ ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨୧ ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା ।


ମୋ ନାମ ଅଞ୍ଜନା, ବୟସ ୩୨ ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଟ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଟନିକ୍ ୨-୨ ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟ ସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ 'ସଚ୍ଚୀ ସହେଲୀ'କୁ କୃତଜ୍ଞତା ଜଣାଉଛି ।


ମୋ ନାମ ସୁଲୋଚନା ଦେବୀ, ବୟସ ୨୮ ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ । ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଲାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚୀ ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ। ନିର୍ଦ୍ଦେଶ ଅନୁଯାୟୀ 'ସଚ୍ଚୀ ସହେଲୀ' ଟନିକ୍ ୨-୨ ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨ ମାସ ମଧ୍ୟରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଉପରେ ପୂର୍ଣ୍ଣ ଭରସା ଅଛି।


ମୁଁ ଜୁଲି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ୍ୟ ରହୁଥିଲା। ସମୟ ମଧ୍ୟ ନିୟମିତ ରହୁ ନ ଥିଲା। ଦିନେ ମୋ ମମି ମୋତେ ଆୟୁର୍ବେଦିକ 'ସଚ୍ଚୀ ସହେଲୀ'ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ଡବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ 'ସଚ୍ଚୀ ସହେଲୀ' ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର ୫ ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା। ଥ୍ୟାଙ୍କ ୟୁ 'ସଚ୍ଚୀ ସହେଲୀ'।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ ।


# କେରଳକୁ ହରାଇଲା ବେଙ୍ଗାଲୁରୁ

**ମାରଗାଓ,୧୩।୧୨(ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୪-୨ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ସବୁ ଦୃଷ୍ଟିକୋଣରୁ ବେଙ୍ଗାଲୁରୁ ଅପେକ୍ଷାକୃତ ଭଲ ଖେଳିଥିଲା। ଏଥିସହ ୫ଟି ମ୍ୟାଚ୍ ଖେଳି ବେଙ୍ଗାଲୁରୁ ୨ ବିଜୟ, ୩ ଡ୍ର ସହ ୯ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ କେରଳ ଏପର୍ଯ୍ୟନ୍ତ ୫ଟି ମ୍ୟାଚ ଖେଳି ୨ ଡ୍ର ଓ ୩ ପରାଜୟ ସହ ୨ ପଏଣ୍ଟ ପାଇ ନବମ ସ୍ଥାନରେ ରହିଛି।

ମ୍ୟାଚର ୧୭ତମ ମିନିଟ୍‌ରେ ରାହୁଲ କାନୋଲି ପ୍ରବୀଣ ପ୍ରଥମ ଗୋଲ ଦେଇ କେରଳକୁ ଅଗ୍ରଣୀ କରାଇଥିଲେ। ତେବେ ବେଙ୍ଗାଲୁରୁର ବ୍ରାଜିଲ ୱିଙ୍ଗର କ୍ଲେଇଟନ ସିଲ୍‌ଭା ୨୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ମ୍ୟାଚ ୧-୧ ସମାନସ୍ତରରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ୫୧ତମ ମିନିଟ୍‌ରେ ନରୱେ ଷ୍ଟ୍ରାଇକର କ୍ରିଷ୍ଟିଆନ ଓପ୍‌ସେଥ୍ ଗୋଲ ଦେଇ ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ଏହାର ଠିକ ୨ ମିନିଟ୍ ପରେ ସ୍ପାନିଶ ମିଡ୍‌ଫିଲ୍ଡର ଡିମାସ ଡେଲଗାଡୋ ଗୋଲ ଦେଇ ବେଙ୍ଗାଲୁରୁକୁ ୩-୧ରେ ଅଗ୍ରଣୀ କରାଇଥିଲେ। ତେବେ କେରଳ ତରଫରୁ ସ୍ପାନିଶ ମିଡ୍‌ଫିଲ୍ଡର ଭିନ୍‌ସେଣ୍ଟ ଗୋମେଜ ୬୧ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚରେ ବେଙ୍ଗାଲୁରୁକୁ ଫେରାଇଥିଲେ। ଫଳରେ ମ୍ୟାଚ ୩-୨ ସ୍ତରରେ ପହଞ୍ଚିଥିଲା। ତେବେ ଏହାର ଠିକ୍ ୪ ମିନିଟ୍ ପରେ ଅର୍ଥାତ୍ ୬୫ତମ ମିନିଟ୍‌ରେ ବେଙ୍ଗାଲୁରୁ ଅଧିନାୟକ ସୁନୀଲ ଛେତ୍ରୀ ଏକ ସୁନ୍ଦର ଗୋଲ ଦେଇ ଗୋଲ ବ୍ୟବଧାନରେ ବୃଦ୍ଧି ଆଣିଥିଲେ। ତେବେ ଏହା ପୂର୍ବରୁ ଛେତ୍ରୀ ଏକ ପେନାଲ୍ଟି ମିସ୍ କରିଥିଲେ। ଇଞ୍ଜୁରି ଟାଇମ୍ ବାବଦରେ ୫ ମିନିଟ୍ ଖେଳ ହୋଇଥିଲେ ମଧ୍ୟ ଆଉ ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ବେଙ୍ଗାଲୁରୁ ୪-୨ରେ ବିଜୟୀ ହୋଇଥିଲା।


ଗୋଲ୍ ଦେବାକୁ ବେଙ୍ଗାଲୁର ଏଫ୍‌ସି ଅଧିନାୟକ ସୁନୀଲ ଛେତ୍ରୀ ପ୍ରୟାସ କରୁଛନ୍ତି।

## ନର୍ଥଇଷ୍ଟ ଅପରାଜେୟ

ଭାସ୍କୋର ତିଳକ ମଇଦାନରେ ରବିବାର ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ଓ ଚେନ୍ନାଇନ୍ ଏଫ୍‌ସି ପରସ୍ପରକୁ ଭେଟିଥିଲେ। ତେବେ ଏହି ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଅମୀମାଂସିତ ରହିଛି। ଏଥିସହିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ନର୍ଥଇଷ୍ଟ ଅପରାଜେୟ ରହିବାର ଗୌରବ ଅର୍ଜନ କରିଛି। ଏହି ଡ୍ର ସହ ନର୍ଥଇଷ୍ଟ ୬ଟି ମ୍ୟାଚ ଖେଳି ୨ଟ ବିଜୟ ଓ ୪ଟି ଡ୍ର ସହ ୧୦ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନାଇନ୍ ଏଫ୍‌ସି ୫ଟି ମ୍ୟାଚ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ଓ ୨ଟି ପରାଜୟ ସହ ୫ ପଏଣ୍ଟ ପାଇ ଅଷ୍ଟମସ୍ଥାନରେ ରହିଛି।

ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ନର୍ଥଇଷ୍ଟ ୩ଟି ପରିବର୍ତ୍ତନ କରିଥିଲା । ପ୍ରଥମ ମିନିଟ୍‌ରେ ହିଁ ଚେନ୍ନାଇନ୍ ସୁଯୋଗ ସୃଷ୍ଟି କରିଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଦୁଇ ଦଳ ଦମ୍‌ଦାର ଆରମ୍ଭ କରିଥିଲେ ଓ ଉଭୟ ଦଳ ସୁଯୋଗ ପାଇଥିଲେ। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଚେନ୍ନାଇନ୍ ଯଥେଷ୍ଟ ଆଗରେ ରହିଥିଲା। ତେବେ ଗୋଲ ସମ୍ଭବ ହୋଇ ନ ଥିଲା। ଚେନ୍ନାଇନ୍ ଏବେ ତା'ର ପରବର୍ତ୍ତୀ ମ୍ୟାଚରେ ୧୯ ତାରିଖ ଶନିବାର ଏଫ୍‌ସି ଗୋଆକୁ ଭେଟିବ। ସେହିପରି ନର୍ଥଇଷ୍ଟ ତା'ର ପରବର୍ତ୍ତୀ ମୁକାବିଲାରେ ୧୮ ତାରିଖ ଶୁକ୍ରବାର ଜାମଶେଦପୁରକୁ ଭେଟିବ।

# ରାଜ୍ୟ ଓପନ ରାପିଡ୍ ଚେସ୍: ସୌମ୍ୟରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ମା' ଉତ୍ତରେଶ୍ୱରୀ କ୍ଲବ ମିଳିତ ଆନୁକୂଲ୍ୟରେ ପିପିଲିଠାରେ ଚାଲିଥିବା ୪ର୍ଥ ରାଜ୍ୟ ଓପନ ରାପିଡ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ମା' ଉତ୍ତରେଶ୍ୱରୀ ଟେମ୍ପଲ ହଲ୍‌ଠାରେ ଅନୁଷ୍ଠିତ ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ଓ ପ୍ରବୋଧ କୁମାର ମିଶ୍ର ସମାନ ୬ ପଏଣ୍ଟ ହାସଲ କରିଥିଲେ ହେଁ ବୁକୋଲୋଜରେ ସୌମ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ଚାମ୍ପିୟନ ହୋଇଥିଲେ। ସୌମ୍ୟରଞ୍ଜନଙ୍କର ଏହା ହେଉଛି ୬୦ତମ ଟାଇଟଲ। କଟକର ରବୀନ୍ଦ୍ର କୁମାର ଓଝା (୫.୫ ପଏଣ୍ଟ) ତୃତୀୟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହର୍ଷିତ ରଞ୍ଜନ ସାହୁ (କଟକ), ବିଭୂତି ଭୂଷଣ ଦାସ (ପୁରୀ), ଜ୍ଞାନରଞ୍ଜନ ପ୍ରଧାନ (ଦାଣ୍ଡମୁକୁନ୍ଦପୁର) ଯଥାକ୍ରମେ ୪ର୍ଥ, ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁରୀ ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସରପଞ୍ଚ ଦ୍ରୌପଦୀ ପୃଷ୍ଟି, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଗେମ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ମା' ଉତ୍ତରେଶ୍ୱରୀ କ୍ଲବର ସମ୍ପାଦକ ମନୋରଞ୍ଜନ ପରିଡ଼ା ଓ ସଭାପତି ସୁଜିତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।


ପୁରସ୍କାର ଗ୍ରହଣ କରୁଛନ୍ତି ସୌମ୍ୟରଞ୍ଜନ।





Regd. Office: Hero MotoCorp Limited, The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, contact nearest Hero MotoCorp's authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Limited period offer. For more details, please contact your nearest Hero Outlet. As per cumulative dispatch numbers till 15th September, 2019. +Largest two-wheeler selling company in the world for any particular country for the year 2019. *Finance scheme of Low Interest Rate is by HFCL and is offered by the financer at their sole discretion subject to their respective T&C. #The scheme is valid on selected models only.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com WT.5516.2020ODI

CALL TOLL-FREE 1800 266 0018 | BUY ONLINE AT eshop.heromotocorp.com

For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. **ବାଲେଶ୍ୱର:** ନୀଲମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଲେଶ୍ୱର:** ସାଇ ହୀରୋ - 7799766407. **ଜଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 8448389695. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 9238551897. **ବାଲୁଗାଁ:** ମହାମୟୀ ମୋଟର୍ସ - 8327793865. **ଯାଜପୁର:** ଆୟୁଷ ଅଟୋମୋବାଇଲ୍‌ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 9853471301. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 9861242100. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍‌ସ - 9437185858. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 9438139116. **ପିପିଲି:** ଶ୍ରୀରାମ ମୋଟର୍ସ - 9437110789. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. **ରାହାମା:** ଶରଳା ଅଟୋମୋବାଇଲ୍‌ସ - 9937018532. **ରାଇରଙ୍ଗପୁର:** ମା ସାକମ୍ବରୀ ମୋଟର୍ସ - 7978560171. **ସୋରୋ:** ଟୁଇଙ୍କିଲ ମୋଟର୍ସ - 9861594852. **ଉଦଳା:** ମହାବୀର ମୋଟର୍ସ - 9853290346.